
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୨୮ ନଭେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 28 November 2024

Vol.No. 35 ■ No.315 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


### ସସପେନ୍ସରେ ଲାଗିଲା ବ୍ରେକ, ସ୍ପଷ୍ଟ ହେଲା ଚିତ୍ର

## ମୁଖ୍ୟମନ୍ତ୍ରୀ ଚୌକିରେ ବସିବେନି ସିନ୍ଦେ



ନୂଆଦିଲ୍ଲୀ, ୨୭/୧୧ : ମହାରାଷ୍ଟ୍ରର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ହେବା ଏକପ୍ରକାର ସ୍ପଷ୍ଟ ହୋଇଛି । ମୁଖ୍ୟମନ୍ତ୍ରୀ ଚୟନରେ ସେ କୌଣସି ପ୍ରକାର ବାଧା ନୁହଁନ୍ତି ବୋଲି ଶିବସେନା ନେତା ଏକନାଥ ସିନ୍ଦେଙ୍କ ବୟାନ ପରେ ଦେବେନ୍ଦ୍ର ଫଡାନଭିସଙ୍କ ମୁଖ୍ୟମନ୍ତ୍ରୀ ଚୟନ ରାସ୍ତା ଖୋଲିଯାଇଛି । କିଛି ଦିନ ଧରି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ପଦବୀ ପାଇଁ ଶିବସେନା ନେତାଙ୍କ ଦାବି ମଧ୍ୟରେ ଏକନାଥ ସିନ୍ଦେ ଖୁବ ଗୁରୁତ୍ୱପୂର୍ଣ୍ଣ ବୟାନ ଆଜି ଦେଇଛନ୍ତି । ରାଜନୀତିର ସଂଖ୍ୟା ଖେଳକୁ ଠିକ ବୁଝିଥିବା ଏକନାଥ ନୂଆ ସରକାର ଗଠନ ବିଳମ୍ବର କାରଣ ହେବାକୁ ଚାହୁଁନାହାଁନ୍ତି । ଅଧିକ ସଂଖ୍ୟାରେ ଜିତିଥିବା ବିଜେପିର ନେତା ଚୟନ ଅଧିକାର ପ୍ରକାରନ୍ତରେ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ଚୟନକୁ ମଧ ମାନିବାକୁ ସିନ୍ଦେ ପ୍ରସ୍ତୁତ ଅଛନ୍ତି। ସଂଖ୍ୟା କମଥିଲେ ମଧ ୨୦୨୨ରେ ଶିବସେନାର ଏକନାଥ ସିନ୍ଦେଙ୍କୁ ଅଧିକ ବିଧାୟକ ଥିବା ବିଜେପି ମୁଖ୍ୟମନ୍ତ୍ରୀ ରୂପରେ ଚୟନ କରିଥିଲା । ମାତ୍ର ଏଥରକ ବିଧାନସଭା ନିର୍ବାଚନ ପରେ ପରିସ୍ଥିତି ଅନେକ ଭିନ୍ନ ଅଛି । ଏକାକୀ ସଂଖ୍ୟା ଗରିଷ୍ଠତା ପାଇଁ ବିଜେପି ମାତ୍ର ୨୦ବିଧାୟକ ଆବଶ୍ୟକ କରୁଛି । ଯାହା ବିଜେପି, ଏନସିପି ଅଜିତ ପାୱାରଙ୍କ ସମର୍ଥନରେ ହାସଲ କରିପାରିବ । ଅନ୍ୟପଟେ ରାଜନୈତିକ ପରିଭାଷାକୁ ସିନ୍ଦେ ଭଲଭାବେ ବୁଝିଛନ୍ତି । ତେଣୁ କୌଣସି ସର୍ତ୍ତ ନରଖି ଓ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନାଁ ନେଇ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ପଦବୀରୁ ଓହରିଯାଇଛନ୍ତି ସିନ୍ଦେ । ଆସନ୍ତାକାଲି ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀ ସହ ତିନି ନେତା ଦେବେନ୍ଦ୍ର ଫଡନାଭିସ, ଏକନାଥ ସିନ୍ଦେ ଓ ଅଜିତ ପାୱାର ବୈଠକ କରିବେ । ଏହି ବୈଠକରେ ଦେବେନ୍ଦ୍ର ଫଡନାଭିସଙ୍କ ନେତୃତ୍ୱକୁ ମୋହର ମାରିବା ସହ କ୍ଷମତା ବଣ୍ଟନ ଉପରେ ନିଷ୍ପତି ନିଆଯାଇପାରେ । ମାତ୍ର ଏକନାଥ ସିନ୍ଦେ ଉପମୁଖ୍ୟମନ୍ତ୍ରୀ ପଦବୀ ଗ୍ରହଣ କରିବା ପାଇଁ ରାଜି ହେଉଛନ୍ତି ନା ନାହିଁ ତାହାରି ଉପରେ ନଜର ରହିବ।

## ଚାଉଳ ହିତାଧିକାରୀଙ୍କ ଭିତରେ ଥିଲେ ୧.୭୭ ଲକ୍ଷ ଭୂତ: ମନ୍ତ୍ରୀ



ଭୁବନେଶ୍ୱର, ୨୭/୧୧ (ନି.ପ୍ର): ରାଜ୍ୟରେ ଭୂତ ଖାଉଥିଲେ ରାସନ ଚାଉଳ। ଇ-କେୱାଇସି ବେଳେ ୧ ଲକ୍ଷ ୭୭ ହଜାର ୬୮ ମୃତ ହିତାଧିକାରୀ ଚିହ୍ନଟ ହୋଇଛନ୍ତି। ବାଲେଶ୍ୱର ବିଧାୟକ ମାନସ ଦତ୍ତଙ୍କ ପ୍ରଶ୍ନରେ ଏହି ଉତ୍ତର ରଖିଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ମନ୍ତ୍ରୀ ଉତ୍ତରରେ କହିଛନ୍ତି, ରାଜ୍ୟରେ ୨୦୨୪- ୨୫ ମସିହାରେ ରାସନ କାର୍ଡ ତଥ୍ୟାବଳୀକୁ ସ୍ୱଚ୍ଛ ଏବଂ ପାରଦର୍ଶୀ କରିବା ଉଦ୍ଦେଶ୍ୟରେ ଚାଲୁ କରାଯାଇଥିବା ଆଧାର ଇ-କେୱାଇସି ଯାଞ୍ଚ ପ୍ରକ୍ରିୟାରେ ଆଜି ସୁଦ୍ଧା ୧,୭୬,୦୬୮ ଜଣ ମୃତ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କୁ ରାସନ କାର୍ଡ ତଥ୍ୟାବଳୀରୁ ବାଦ ଦିଆଯାଇଛି। ଆଧାର ଇ-କେୱାଇସି ଯାଞ୍ଚ ଏକ ସାମୟିକ ପ୍ରକ୍ରିୟା। ଅଦ୍ୟାବଧି ସମୁଦାୟ ୩,୩୬,୩୫,୯୧୮ ▶▶ପୃଷ୍ଠା ୭

## କାର୍ଯ୍ୟରେ ଯୋଗ ଦେଲେ ବରିଷ୍ଠ ଆଇଏଏସ ସୁଜାତା କାର୍ତ୍ତିକେୟନ



ଭୁବନେଶ୍ୱର, ୨୭/୧୧ (ନି.ପ୍ର): ଭି.କେ. ପାଣ୍ଡିଆନଙ୍କ ପତ୍ନୀ ତଥା ବରିଷ୍ଠ ଆଇଏଏସ୍ ସୁଜାତା କାର୍ତ୍ତିକେୟନ ଆଜି କାର୍ଯ୍ୟରେ ଯୋଗ ଦେଇଛନ୍ତି। ତାଙ୍କୁ ରାଜ୍ୟ ସରକାର ନୂତନ ଦାୟିତ୍ୱ ଦେଇଛନ୍ତି। ସୁଜାତାଙ୍କୁ ସରକାର ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ଦାୟିତ୍ୱ ଦେଇଛନ୍ତି । ଝିଅର ଦଶମ ପରୀକ୍ଷା ଥିବାରୁ ତା'ର ଯତ୍ନ ପାଇଁ ସେ ଏହି ଛୁଟି ନେଇଥିଲେ। ▶▶ପୃଷ୍ଠା ୭

## ୧୨ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ସିଡିପିଓ



ଗଞ୍ଜାମ, ୨୭/୧୧ (ନି.ପ୍ର): ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ସିଡିପିଓ ସନ୍ଧ୍ୟାରାଣୀ ପାଣିଗ୍ରାହୀ। ତାଙ୍କଠାରୁ ୧୨ ହଜାର ଟଙ୍କାର ଜବତ କରିଛନ୍ତି ଭିଜିଲାନ୍ସ ଅଧିକାରୀ। ଏକ ଅଙ୍ଗନବାଡ଼ି କେନ୍ଦ୍ରର କର୍ମଚାରୀଙ୍କ ବକେୟା ଅର୍ଥ ପ୍ରଦାନ କରିବା ପାଇଁ ସିଡିପିଓ ସନ୍ଧ୍ୟାରାଣୀ ପାଣିଗ୍ରାହୀ ୧୨ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ଉକ୍ତ କର୍ମଚାରୀ ଭିଜିଲାନ୍ସକୁ ଜଣାଇଥିଲେ। ▶▶ପୃଷ୍ଠା ୭

## ରାଜଧାନୀକୁ ଗ୍ରାସିଲା ଶିଶୁବିକ୍ରି କଳଙ୍କ: ୪ ବର୍ଷର ଝିଅକୁ ବିକିଦେଲେ ବିହାରୀ ଦଂପତି



ଭୁବନେଶ୍ୱର, ୨୭/୧୧ (ନି.ପ୍ର): ରାଜଧାନୀରେ ହଇଚଇ ! ୪୦ ହଜାର ଟଙ୍କାରେ ପିଲା ବିକ୍ରି ! ୪ ବର୍ଷର ଅବୋଧ କନ୍ୟାଶିଶୁକୁ ଅନ୍ୟ ହାତରେ ଟେକିଦେଲେ ବାପା ଓ ସାବତ ମାଆ । ସଭ୍ୟ ସମାଜକୁ ଲଜ୍ଜିତ କଲା ଭଳି ଏ ଘଟଣା ଘଟିଛି ଖୋଦ୍ ଭୁବନେଶ୍ୱର ବଡଗଡ଼ ଥାନା ଅଞ୍ଚଳରେ । ଶିଶୁ ଅଧିକାର ସୁରକ୍ଷା ନେଇ ବଡ଼ ପ୍ରଶ୍ନ । ସଙ୍କଟରେ ନବଜାତଙ୍କ ନିରାପତ୍ତା ପ୍ରସଙ୍ଗ । ରାଜଧାନୀର ଛାତି ଉପରେ ମାତ୍ର ୪୦ ହଜାର ଟଙ୍କାରେ ଶିଶୁ ବିକ୍ରି ହେବା ଘଟଣା ଏବଂ ଗତକାଲି ବୁର୍ଲା ଭିମସାର ମେଡିକାଲରୁ ନବଜାତ ଶିଶୁ ଚୋରି ଘଟଣା ସଭ୍ୟ ସମାଜକୁ ବିଚଳିତ କରିଛି । ▶▶ପୃଷ୍ଠା ୭

## ଗନ୍ଧମାର୍ଦ୍ଦନକୁ ନେଇ ବିଜେଡି-ବିଜେପି ମୁହାଁମୁହିଁ: 'ଖଣି ଉତ୍ତୋଳନ ହେଲେ, ମୁଁ ଆନ୍ଦୋଳନକୁ ଓହ୍ଲାଇବି': ଉପମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୭/୧୧ (ନି.ପ୍ର): ଆଦାନୀ ଜମି କିଣିବା ପ୍ରସଙ୍ଗ ଉଠାଇ ଶୂନ୍ୟକାଳରେ ପ୍ରଶ୍ନ କରିଛି ବିଜେଡି । ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ଆଦାନୀ କମ୍ପାନୀ ଭାରତକୁ ସାରା ବିଶ୍ୱରେ ନିନ୍ଦିତ କରିଛି। ଗନ୍ଧମାର୍ଦ୍ଦନ ପାହାଡ଼କୁ ନେଇ ବିଜେଡି-ବିଜେପି ମୁହାଁମୁହିଁ। ଶୂନ୍ୟକାଳରେ ଆଦାନୀ ଜମି କିଣିବା ପ୍ରସଙ୍ଗ ଉଠାଇ ପ୍ରଶ୍ନ କରିଛି ବିଜେଡି । ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ଆଦାନୀ କମ୍ପାନୀ ଭାରତକୁ ସାରା ବିଶ୍ୱରେ ନିନ୍ଦିତ କରିଛି। ସରକାର ଆଦାନୀକୁ ଜମି କିଣିବାକୁ ଅନୁମତି ଦେଇଛନ୍ତି କି ପ୍ରଶ୍ନ କରିଛି ବିଜେଡି । ଏହାର ଜବାବରେ ଉପମୁଖ୍ୟମନ୍ତ୍ରୀ କେଭି ସିଂହ ଦେଓ କହିଛନ୍ତି, ଯେଉଁ ଜମି ଆଦାନୀ କିଣିଛି ସେଥିପାଇଁ ପୂର୍ବ ବିଜେଡି ସରକାର ଅନୁମତି ଦେଇଥିଲେ। ଗନ୍ଧମାର୍ଦ୍ଦନରେ ଖଣି ଉତ୍ତୋଳନ ପାଇଁ ସରକାର ଅନୁମତି ଦେବେନି। ସେମିତି କିଛି ହେଲେ ମୁଁ ଆପଣଙ୍କ ସହିତ ଆନ୍ଦୋଳନକୁ ଓହ୍ଲାଇବି। ▶▶ପୃଷ୍ଠା ୭

## ଭୁବନେଶ୍ୱର ଆସୁଛନ୍ତି ପ୍ରଧାନମନ୍ତ୍ରୀ

### କାର୍ଯ୍ୟକ୍ରମ ସ୍ଥାନକୁ 'ନୋ ଫ୍ଲାଇଙ୍ଗ ଜୋନ୍' ଘୋଷଣା



ଭୁବନେଶ୍ୱର, ୨୭/୧୧ (ନି.ପ୍ର): ୫୯ତମ ସର୍ବଭାରତୀୟ ଡିଜିପି ସମ୍ମିଳନୀ ପାଇଁ ତିନି ଦିନିଆ ଗସ୍ତରେ ଭୁବନେଶ୍ୱର ଆସୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଗୃହ ମନ୍ତ୍ରୀ ଅମିତ୍ ଶାହ। ଏଥିପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ସହରରେ କଡ଼ା ସୁରକ୍ଷା ବ୍ୟବସ୍ଥା ଲାଗୁ କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଥିବା ସ୍ଥାନକୁ 'ନୋ ଫ୍ଲାଇଙ୍ଗ ଜୋନ୍' ଘୋଷଣା କରାଯାଇଛି। କୌଣସି ଡ୍ରୋନ୍ କାର୍ଯ୍ୟକ୍ରମ ସମୟରେ ଉଡ଼ି ପାରିବ ନାହିଁ। ନଭେମ୍ବର ୨୯ରୁ ଡିସେମ୍ବର ୧ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଡିଜିପି ସମ୍ମିଳନୀ ଆୟୋଜିତ ହେବ। ଲୋକସେବା ଭବନ କନ୍‌ଭେନସନ ସେଣ୍ଟରରେ କାର୍ଯ୍ୟକ୍ରମ ସମୟରେ ପ୍ରଧାନମନ୍ତ୍ରୀ ଓ ଗୃହ ମନ୍ତ୍ରୀ ଉପସ୍ଥିତ ରହିବେ। ଏଥିପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ପୂରା ସହରରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସମ୍ମିଳନୀ ସମୟରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର, ଲୋକ ସେବା ଭବନ, ରାଜ ଭବନ, ରାଜ୍ୟ ଗେଷ୍ଟ ହାଉସ୍, ମୈତ୍ରୀ ବିହାର ଏବଂ ଚନ୍ଦ୍ରଶେଖରପୁରରେ ଅବସ୍ଥିତ ଆଇପିଏସ୍ ମେସ୍ ପ୍ରମୁଖ ସ୍ଥାନ ନୋ ଫ୍ଲାଇଂ ▶▶ପୃଷ୍ଠା ୭

## ଗୁହାଳରେ ପଶି ବାଛୁରୀ ନେଇଗଲା ବାଘ

ଉଦଳା, ୨୭/୧୧ (ନି.ପ୍ର): ରାତି ହେଲେ ଗାଁକୁ ଆସୁଛି ବାଘ। ଗାଁରେ ବୁଲୁଛି। ଗୁହାଳରେ ପଶି ବାଛୁରୀ ନେଇଯାଉଛି ! ଏପରି ଅଭିଯୋଗ ମୟୂରଭଞ୍ଜ ଜିଲ୍ଲା ଉଦଳା ବନାଞ୍ଚଳରୁ ଆସିଛି। ଏହି ଖବର ପ୍ରକାଶ ପ୍ରକାଶ ପାଇବା ପରେ ଗାଁ ଲୋକଙ୍କ ଭିତରେ ଭୟର ବାତାବରଣ ଖେଳି ଯାଇଛି। ଉଦଳା ବନାଞ୍ଚଳ ଚଡଦା ଗାଁର ଶଙ୍କର ମାରାଣ୍ଡି ମଙ୍ଗଳବାର ରାତିରେ ନିଜ ଗୁହାଳରେ ବାଛୁରୀ ବାନ୍ଧି ଥିଲେ। କିନ୍ତୁ ଆଜି ସକାଳେ ଗୁହାଳରେ ବାଛୁରୀକୁ ପାଇନଥିଲେ। ବହୁ ଖୋଜା ଖୋଜି ପରେ ବିଲ ମଝିରେ ବାଛୁରୀର କ୍ଷତବିକ୍ଷତ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ବାଛୁରୀ ମୃତଦେହ ପଡ଼ିଥିବା କିଆରିରେ ବାଘର ପାଦ ଚିହ୍ନ ପଡ଼ିଥିବା ଗାଁ ଲୋକେ ଦେଖିବାକୁ ପାଇଥିଲେ। ତେଣୁ ରାତିରେ ବାଘ ବାଛୁରୀକୁ ଝାମ୍ପି ନେଇଥିବା ଗାଁ ଲୋକେ ଅଭିଯୋଗ କରିଛନ୍ତି। ବାଛୁରୀକୁ ବାଘ ଶିକାର କରିଥିବା ଖବର ପ୍ରକାଶ ପାଇବା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳି ଯାଇଛି।

## ୟୁନୁସ୍ ସରକାର-ଭାରତ ମୁହାଁମୁହିଁ: ଇସ୍କନ୍ ସନ୍ଥଙ୍କ ଗିରଫ ପରେ ତିକ୍ତତା ବୃଦ୍ଧି



ନୂଆଦିଲ୍ଲୀ, ୨୭/୧୧ : ବାଂଲାଦେଶରେ ଇସ୍କନ୍ ସନ୍ଥ ଚିନ୍ମୟ କୃଷ୍ଣ ଦାସ ବ୍ରହ୍ମଚାରୀଙ୍କୁ ଦେଶଦ୍ରୋହ ଅଭିଯୋଗରେ ଗିରଫ କରାଯିବା ପରେ ଭାରତ ସମେତ ଅନେକ ଦେଶ ପକ୍ଷରୁ ବାଂଲାଦେଶକୁ ସମାଲୋଚନା କରାଯାଇଛି। ଏହି ଗିରଫ ମାମଲା ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ ବଢୁଥିବା ଆକ୍ରମଣ ମଧ୍ୟରେ ଆସିଛି। ଚିନ୍ମୟ କୃଷ୍ଣ ଦାସ ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ ହେଉଥିବା ଅତ୍ୟାଚାର ବିରୋଧର ନେତୃତ୍ୱ ନେଉଥିଲେ। ଅକ୍ଟୋବରରେ ଚଟଗାଁରେ ଏକ ରାଲିରେ ବାଂଲାଦେଶୀ ଜାତୀୟ ପତାକାକୁ ଅପମାନିତ କରିଥିବା ଅଭିଯୋଗ ହୋଇଥିଲା। ଏହି ଗିରଫଦାରୀକୁ ନେଇ ଭାରତ ସରକାର ଅସନ୍ତୋଷ ବ୍ୟକ୍ତ କରିଛନ୍ତି ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟର ସୁରକ୍ଷା ନିଶ୍ଚିତ କରିବାକୁ ବାଂଲାଦେଶ ସରକାରଙ୍କୁ କହିଛନ୍ତି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି ଯେ ଏହି ଘଟଣାର ଅପରାଧୀମାନେ ମୁକ୍ତ ଭାବରେ ବୁଲୁଛନ୍ତି ଏହା ଦୁର୍ଭାଗ୍ୟଜନକ। କିନ୍ତୁ ଶାନ୍ତିପୂର୍ଣ୍ଣ ବୈଠକ ମାଧ୍ୟମରେ ଆଇନଗତ ଦାବି ଉଠାଇଥିବା ଜଣେ ଧାର୍ମିକ ନେତାଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କର ଘର ଓ ଦୋକାନରୁ ଲୁଟ୍ ହେବା ସହିତ ଚୋରି, ଭଙ୍ଗାରୁଜା ▶▶ପୃଷ୍ଠା ୭

## ଇସ୍ରାଏଲ-ହେଜବୁଲ୍ଲା ଯୁଦ୍ଧରେ ଲାଗିଲା ଅସ୍ତ୍ରବିରତି ବିରାମ



ନୂଆଦିଲ୍ଲୀ, ୨୭/୧୧ : ଇସ୍ରାଏଲ-ହେଜବୁଲ୍ଲା ଯୁଦ୍ଧରେ ଲାଗିଲା ଅସ୍ତ୍ରବିରତି ବିରାମ। ଇସ୍ରାଏଲ ଏବଂ ହେଜବୁଲ୍ଲା ମଧ୍ୟରେ ଅସ୍ତ୍ରବିରତି ଚୁକ୍ତିକୁ ଇସ୍ରାଏଲ କ୍ୟାବିନେଟ ଅନୁମୋଦନ କରିଛି। ଦୀର୍ଘ ଦିନର ଆଲୋଚନା ପରେ ଇସ୍ରାଏଲ୍ ଏବଂ ହେଜବୁଲ୍ଲା ମଧ୍ୟରେ ଆମେରିକା ସମର୍ଥିତ ଅସ୍ତ୍ରବିରତି ପ୍ରସ୍ତାବକୁ ଇସ୍ରାଏଲର କ୍ୟାବିନେଟ୍ ଅନୁମୋଦନ କରିଛି। ଆସନ୍ତା ୬୦ ଦିନ ମଧ୍ୟରେ ଲେବାନନ୍ ସେନା ଏବଂ ସୁରକ୍ଷା ବାହିନୀ ଦକ୍ଷିଣ ଲେବାନନରେ ନିୟୋଜିତ ହେବେ। ଏମାନେ ହେଜବୁଲ୍ଲା ଦ୍ୱାରା ନିୟନ୍ତ୍ରିତ ଅଞ୍ଚଳକୁ ନିୟନ୍ତ୍ରଣ କରିବେ। ସୀମାର ଉଭୟ ପାର୍ଶ୍ୱରେ ସାଧାରଣ ନାଗରିକ ନିଜ ଘରକୁ ଫେରିବା ପାଇଁ ଇସ୍ରାଏଲ ଆସନ୍ତା ୬୦ ଦିନରେ ନିଜର ସୈନ୍ୟ ପ୍ରତ୍ୟାହାର କରିବ। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ କହିଛନ୍ତି, ଆମେ ଚୁକ୍ତିନାମାକୁ କାର୍ଯ୍ୟକାରୀ କରିବୁ ହେଲେ ଏଥିରେ କୌଣସି ପ୍ରକାର ଉଲ୍ଲଂଘନ ହେଲେ ଜବରଦସ୍ତ ଜବାବ ଦେବୁ। ସେପଟେ ଆମେରିକା ରାଷ୍ଟ୍ରପତି ସୋଶାଲ ମିଡିଆ ଏକ୍ସରେ ଏହାକୁ ଗୁଡ୍ ନ୍ୟୁଜ ବୋଲି ଲେଖିଛନ୍ତି। ଜୋ ବାଇଡେନ କହିଛନ୍ତି, ବିବାଦ ଶେଷ କରିବାକୁ ଇସ୍ରାଏଲ ଏବଂ ଲେବାନନ ପ୍ରସ୍ତାବରେ ସହମତ ହୋଇଛନ୍ତି।

# ରାଉରକେଲା ଇସ୍ପାତ କାରଖାନାରେ ସମ୍ବିଧାନ ଦିବସ ପାଳିତ




ରାଉରକେଲା, ୨୭/୧୧ (ନି.ପ୍ର): ରାଉରକେଲା ଇସ୍ପାତ କାରଖାନା ଅବଶିଷ୍ଟ ଦେଶବାସୀଙ୍କ ସହ ନଭେମ୍ବର ୨୬ ତାରିଖରେ ସମ୍ବିଧାନ ଦିବସ ପାଳନରେ ସାମିଲ ହୋଇଥିଲା। ଏହି ଦିବସ ପାଳନ ଅବସରରେ ଇସ୍ପାତ କାରଖାନାର ମହତ୍ତ୍ୱପୂର୍ଣ୍ଣ ଅଫିସ ଗୁଡିକ ସମେତ ବିଭିନ୍ନ ୟୁନିଟରେ ସମ୍ବିଧାନ ମୁଖବନ୍ଧ ପାଠ ଓ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ନିର୍ବାହୀ ନିର୍ଦ୍ଦେଶକ, ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀଙ୍କମାନେ ସାମ୍ବିଧାନିକ ସଂକଳ୍ପ ଗ୍ରହଣ କରିଥିଲେ।

ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏ କେ ବେହୁରିଆ, ଅପରେସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବିଶ୍ୱରଞ୍ଜନ ପଲାଇ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ସୁଦୀପ ପାଲଚୌଧୁରୀ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଅନିଲ କୁମାର, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମଓ ଇନ ଚାର୍ଜ ଡାକ୍ତର ଜୟନ୍ତ କୁମାର ଆଚାର୍ଯ୍ୟ ନିଜନିଜ କାର୍ଯ୍ୟାଳୟରେ ସଂକଳ୍ପ ପାଠର ନେତୃତ୍ୱ ନେଇଥିଲେ।

ଏହି ଅବସରରେ ପାଠ କରାଯାଇଥିବା ସମ୍ବିଧାନର ମୁଖବନ୍ଧ ଏହିପରି ଥିଲା, "ଆମେ ଭାରତର ଜନସାଧାରଣ ଦୃଢ ସଂକଳ୍ପ କରୁଛୁ ଯେ, ଭାରତକୁ ଏକ ସାର୍ବଭୌମ ସମାଜବାଦୀ ଧର୍ମନିରପେକ୍ଷ ଗଣତାନ୍ତ୍ରିକ ସାଧାରଣତନ୍ତ୍ର ରାଷ୍ଟ୍ର ରୂପେ ଗଠନ କରିବୁ ଏବଂ ଏହାର ସମସ୍ତ ନାଗରିକମାନଙ୍କୁ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ, ଚିନ୍ତା, ଅଭିବ୍ୟକ୍ତି, ବିଶ୍ୱାସ ଓ ଉପାସନାର ସ୍ୱାଧୀନତା, ସ୍ଥିତି ଓ ସୁଯୋଗର ସମାନତା ଦେଇ ସେମାନଙ୍କ ମଧ୍ୟରେ ବ୍ୟକ୍ତିର ମର୍ଯ୍ୟାଦା ତଥା ଜାତୀୟ ଐକ୍ୟ ଓ ସଂହତି ପ୍ରତିଷ୍ଠା କରି ଭାତୃଭାବ ଉଦ୍ରେକ କରିବୁ । ଆମ ସମ୍ବିଧାନ ପ୍ରଣୟନ ସଭାରେ ଅଦ୍ୟ ୧୯୪୯ ମସିହା ନଭେମ୍ବର ୨୬ ତାରିଖ ଦିନ ଏହି ସମ୍ବିଧାନକୁ ଅବଲମ୍ବନ ଓ ପ୍ରଣୟନ କରି ଆମ୍ଭମାନଙ୍କ ଠାରେ ଅର୍ପଣ କରୁଛୁ ।"

# ମହିଳା ମହାବିଦ୍ୟାଳୟରେ ସମ୍ବିଧାନ ଦିବସ ପାଳିତ

ବଲାଙ୍ଗିର, ୨୭/୧୧ (ନି.ପ୍ର): ଆଜି ସରକାରୀ ମହିଳା ମହାବିଦ୍ୟାଳୟର ପ୍ରେକ୍ଷାଳୟରେ ନେହେରୁ ଯୁବକେନ୍ଦ୍ର ବଲାଙ୍ଗିର ଶାଖା, ଜାତୀୟ ସେବା ଯୋଜନା, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ, ସରକାରୀ ମହିଳା ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ସମ୍ବିଧାନ ଦିବସ ପରିପାଳିତ ହୋଇଯାଇଛି ଓ ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ଅରବିନ୍ଦ କୁମାର ଓଝା, ଡ଼ଃ ସଦାଶିବ ମଲ୍ଲିକ, ବିଭୂତିଭୂଷଣ ସାହୁ, ଏନଏସଏସ କାର୍ଯ୍ୟକ୍ରମ ଅଧିକାରିଣୀ ଡ଼ଃ ମିନତୀ ଦେବତା ପ୍ରମୁଖ ମଂଚାସୀନ ରହି ସମ୍ବିଧାନ ଦିବସର ମହତ୍ୱ ଉପରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ ଓ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଅଧ୍ୟାପକ ଡ଼ଃ. ରାଜେଶ କୁମାର କର୍ଣ୍ଣ ଓ ଏହି କାର୍ଯ୍ୟକ୍ରମ ଅବସରରେ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକାମାନେ ଯଥା ଡ଼ଃ. ଅନୁରାଧା ମିଶ୍ର, ଅକ୍ଷୟ କୁମାର ସେଠ୍, ଦେବଦତ ପାଣିଗ୍ରାହୀ ପ୍ରମୁଖ ସମ୍ବିଧାନ ଦିବସର ମହତ୍ୱ ଉପରେ ନିଜର ମତବ୍ୟକ୍ତ କରିଥିଲେ ଓ ଏହି ଅବସରରେ ଚିତ୍ରାଙ୍କନ ଏବଂ ପ୍ରବନ୍ଧ ପ୍ରତିଯୋଗିତା ଛାତ୍ରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଯାଇଥିଲା ଓ ଚିତ୍ରାଙ୍କନରେ ଯଥାକ୍ରମେ ଶ୍ରଦ୍ଧାଞ୍ଜଳି ବେହେରା, ସିମ୍ରନ୍ ଦଳେଇ ଏବଂ ବର୍ଷା ଗହିର ପ୍ରଥମ ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିଲେ ଓ ସେହିପରି ପ୍ରବନ୍ଧ ଲିଖନରେ ପ୍ରଥମ ସ୍ଥାନ କ୍ଷିତିସୁତା ପ୍ରଧାନ, ଦ୍ୱିତୀୟ ସ୍ଥାନ ଶକ୍ତିଶା ଚୌଧୁରୀ ଏବଂ ତୃତୀୟ ସ୍ଥାନ ଉଭୟ ସ୍ୱସ୍ତିକା ତ୍ରିପାଠୀ ଓ ଗାୟତ୍ରୀ ଦାଶ ଅଧିକାର କରିଥିଲେ ଓ ଆରମ୍ଭରେ ସମ୍ବିଧାନର ପ୍ରସ୍ତାବନା ପାଠ କରାଯାଇଥିଲା । କାର୍ଯ୍ୟକ୍ରମର ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଅଧ୍ୟାପିକା ସୁଚେତା ଦୋରା ।

# ଭୁଶୁଡିଲା ଡାଲମିଆ ସିମେଟ କନ୍ନଭେୟାର ବେଲ୍ଟ: ସାଧାରଣ ରାସ୍ତା ବନ୍ଦ

ରାଉରକେଲା, ୨୭/୧୧ (ନି.ପ୍ର): ରାଜଗାଙ୍ଗପୁରରେ ଥିବା ଡାଲମିଆ ସିମେଟ କାରଖାନାର କନଭେୟାର ବେଲ୍ଟ ଭୁଶୁଡି ପଡିବାରୁ ସର୍ବସାଧାରଣଙ୍କ ଲାଗି ରହିଥିବା ମାଟି ଗେଟ ରାସ୍ତା ବନ୍ଦ ହୋଇଯାଇଛି, ଫଳରେ ସାଧାରଣରେ ତୀବ୍ର ଅସନ୍ତୋଷ ସୃଷ୍ଟି ହେବା ସହ ୯ ନମ୍ବର କାଉନସିଲର ପୂର୍ଣ୍ଣ ଚନ୍ଦ୍ର ରାଉତ ଘଟଣାର ତଦନ୍ତ ଲାଗି ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିବେ ବୋଲି କହିଛନ୍ତି। ଏହା ଛଡା ଏହି କମ୍ପାନୀର ସମସ୍ତ କନଂଭେୟାର ବେଲ୍ଟ ଗୁଡିକୁ ସାଧାରଣ ରାସ୍ତାରୁ ହଟାଇବାକୁ ସେ ଦାବି କରିଛନ୍ତି। ଘଟଣାରୁ ପ୍ରକାଶ ଯେ, ଆଜି ଦିନ ପ୍ରାୟ ୩ଟା ବେଳେ ପୌରପାଳିକା ରାସ୍ତା ମାଟିଗେଟ ଉପର ଦେଇ ୭ ବର୍ଷ ତଳେ ଯାଇଥିବା ଡାଲମିଆର କନଭେୟାର ବେଲ୍ଟ ଭୁଶୁଡି ପଡି ରାସ୍ତାକୁ ବନ୍ଦ କରିଦେଇଥିଲା। ଫଳରେ ଘଟଣାକୁ ଦେଖିଥିବା ଲୋକେ ଆତଙ୍କିତ ହୋଇ ହୋ ହଲ୍ଲା କରିଥିଲେ, ଅବଶ୍ୟ ତଳେ କିଏ ମରିଛନ୍ତି କି ନାହିଁ ତାହା ଜଣାପଡ଼ିନଥିଲା। ତେବେ ଜଣାପଡିଛି ଯେ, ୭ ବର୍ଷ ତଳେ କାରଖାନା ପକ୍ଷରୁ କେତେକ ଲୋକଙ୍କ ମୁହଁ ବନ୍ଦ କରି ଏଭଳି ବେଆଇନ କାରବାର କରିବା ସହ ସାଧାରଣ ଲୋକଙ୍କ ଲାଗି ଉଦ୍ଦିଷ୍ଟ ଥିବା ରାସ୍ତା ଉପରେ ଗୁଡ଼ାଏ କନ୍ନଭେୟାର ବେଲ୍ଟ ନେଇ କାରଖାନାର ବିଭିନ୍ନ ୟୁନିଟକୁ କଂଚାମାଲ ପଠାଉଥିଲା, ତେବେ ଏନେଇ ସହରର ବିଧାୟକଙ୍କ ଠାରୁ କାଉନସିଲର ଓ ଅନ୍ୟମାନେ ଏନେଇ ନିରବ ଥିଲେ। ଆଜି ହଠାତ ଏଭଳି ଘଟଣା ଲୋକଙ୍କୁ ଭୟଭୀତ କରିଦେଇଥିଲା, ତେବେ ଏହାକୁ ନେଇ ଡାଲମିଆ ପକ୍ଷରୁ କିଛି କୁହାଯାଇ ନଥିବା ବେଳେ ଏରିଆ କାଉନସିଲର ଶ୍ରୀ ରାଉତ ଏଥିଲାଗି କ୍ଷୋଭ ପ୍ରକାଶ କରିଛନ୍ତି।ସେ କହିଛନ୍ତି ଯେ, ଏହା ତାଙ୍କ ୱାର୍ଡ ଭିତର କଥା ଲୋକେ ତାଙ୍କୁ ତାଙ୍କ ସୁରକ୍ଷା ନେଇ ପ୍ରଶ୍ନ କରୁଛନ୍ତି, ତେଣୁ ସମସ୍ତ କନଭେୟାର ବେଲ୍ଟ କୁ ରାସ୍ତା ଉପରୁ କମ୍ପାନୀ ତୁରନ୍ତ ଉଠାଉ ନଚେତ ସ୍ଥିତି ଅଡୁଆ ହେବ, ଯଦି ବସ କିମ୍ବା ଅନ୍ୟକିଛି ତଳେ ଥାନ୍ତା ତେବେ ଅନେକ ଲୋକ ମୃତାହତ ହୋଇଥାନ୍ତେ, ତେଣୁ ରାଜ୍ୟ ମୁଖ୍ୟମନ୍ତ୍ରୀ ଏ ଦିଗରେ ଦୃଷ୍ଟି ଦେଇ ଲୋକଙ୍କ ଜୀବନ ବଞ୍ଚାନ୍ତୁ ବୋଲି ସେ ଦାବି କରିଛନ୍ତି।

# ସମ୍ବିଧାନ ପ୍ରଣୟନର ୭୫ ବର୍ଷ ପୂର୍ତ୍ତି ସମାରୋହରେ ରାଷ୍ଟ୍ରପତିଙ୍କ ଅଂଶଗ୍ରହଣ

ନୂଆଦିଲ୍ଲୀ, ୨୭/୧୧ (ନି.ପ୍ର): ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଆଜି ସଂସଦ ଭବନର ସେଂଟ୍ରାଲ ହଲରେ ସମ୍ବିଧାନ ପ୍ରଣୟନର ୭୫ ବର୍ଷ ପୂର୍ତ୍ତି ସମାରୋହରେ ଯୋଗ ଦେଇଛନ୍ତି । ଏହି ଅବସରରେ ରାଷ୍ଟ୍ରପତି କହିଛନ୍ତି ଯେ ୭୫ ବର୍ଷ ପୂର୍ବେ ଆଜିର ଦିନରେ 'ସମ୍ବିଧାନ ସଦନ'ର ଏହି ସେଂଟ୍ରାଲ ହଲ୍ ରେ ସମ୍ବିଧାନ ସଭା ଏକ ନୂଆ ସ୍ୱାଧୀନ ଦେଶ ପାଇଁ ସମ୍ବିଧାନ ପ୍ରଣୟନର ବିଶାଳ କାର୍ଯ୍ୟ ସମ୍ପାଦନ କରିଥିଲା। ସେଦିନ ସମ୍ବିଧାନ ସଭା ମାଧ୍ୟମରେ ଆମେ ଭାରତର ଜନସାଧାରଣ ଏହି ସମ୍ବିଧାନକୁ ଗ୍ରହଣ କରିଥିଲୁ, ପ୍ରଣୟନ କରିଥିଲୁ ଏବଂ ନିଜକୁ ସମର୍ପିତ କରିଥିଲୁ। ରାଷ୍ଟ୍ରପତି କହିଛନ୍ତି, ଆମ ସମ୍ବିଧାନ ହେଉଛି ଆମ ଗଣତାନ୍ତ୍ରିକ ସାଧାରଣତନ୍ତ୍ରର ମଜବୁତ ଆଧାର। ଆମ ସମ୍ବିଧାନ ଆମର ସାମୂହିକ ଏବଂ ବ୍ୟକ୍ତିଗତ ସମ୍ମାନକୁ ସୁନିଶ୍ଚିତ କରେ । ରାଷ୍ଟ୍ରପତି କହିଛନ୍ତି ଯେ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ସମସ୍ତ ନାଗରିକ 'ଆଜାଦୀ କା ଅମୃତ ମହୋତ୍ସବ' ପାଳନ କରିଥିଲେ। ଆସନ୍ତା ବର୍ଷ ଜାନୁଆରୀ ୨୬ରେ ଆମେ ଆମ ସାଧାରଣତନ୍ତ୍ରର ୭୫ତମ ବାର୍ଷିକୀ ପାଳନ କରିବୁ । ଏଭଳି ଉତ୍ସବ ଆମକୁ ବର୍ତ୍ତମାନସୁଦ୍ଧା ଯାତ୍ରାର ସମୀକ୍ଷା କରିବା ଏବଂ ଆଗାମୀ ଯାତ୍ରା ପାଇଁ ଭଲ ଯୋଜନା କରିବାର ସୁଯୋଗ ପ୍ରଦାନ କରିଥାଏ। ଏଭଳି ଉତ୍ସବ ଆମର ଏକତାକୁ ସୁଦୃଢ଼ କରିବା ସହ ଜାତୀୟ ଲକ୍ଷ୍ୟ ହାସଲ ପାଇଁ ଆମେ ସମସ୍ତେ ଏକାଠି ବୋଲି ଦର୍ଶାଉଛି। ରାଷ୍ଟ୍ରପତି କହିଛନ୍ତି ଯେ ଗୋଟିଏ ଦୃଷ୍ଟିରୁ ଭାରତର ସମ୍ବିଧାନ ହେଉଛି ପ୍ରାୟ ତିନି ବର୍ଷର ବିଚାରବିମର୍ଶର ଫଳ। କିନ୍ତୁ ପ୍ରକୃତ ଅର୍ଥରେ ଏହା ଆମର ଦୀର୍ଘ ସ୍ୱାଧୀନତା ସଂଗ୍ରାମର ପରିଣାମ ଥିଲା । ସେହି ଅତୁଳନୀୟ ଜାତୀୟ ଆନ୍ଦୋଳନର ଆଦର୍ଶ ସମ୍ବିଧାନରେ ସ୍ଥାନ ପାଇଥିଲା। ସେହି ଆଦର୍ଶଗୁଡ଼ିକୁ ସମ୍ବିଧାନର ପ୍ରସ୍ତାବନାରେ ସଂକ୍ଷିପ୍ତ ଭାବରେ ଗ୍ରହଣ କରାଯାଇଛି। ସେଗୁଡ଼ିକ ହେଉଛି ନ୍ୟାୟ, ସ୍ୱାଧୀନତା, ସମାନତା ଏବଂ ଭ୍ରାତୃଭାବ । ଅନେକ ଯୁଗରୁ ଏହି ଆଦର୍ଶ ଭାରତକୁ ଭିନ୍ନ ସଂଜ୍ଞା ଦେଇ ଆସିଛି। ସମ୍ବିଧାନର ପ୍ରସ୍ତାବନାରେ ଦର୍ଶାଯାଇଥିବା ଆଦର୍ଶ ପରସ୍ପରର ପରିପୂରକ। ସେଗୁଡ଼ିକ ମିଳିମିଶି ଏପରି ଏକ ପରିବେଶ ସୃଷ୍ଟି କରନ୍ତି ଯେଉଁଥିରେ ପ୍ରତ୍ୟେକ ନାଗରିକ ଉନ୍ନତି, ସମାଜରେ ଯୋଗଦାନ ଏବଂ ସାଥୀ ନାଗରିକମାନଙ୍କୁ ସାହାଯ୍ୟ କରିବାର ସୁଯୋଗ ପାଆନ୍ତି। ରାଷ୍ଟ୍ରପତି କହିଛନ୍ତି ଯେ, କାର୍ଯ୍ୟପାଳିକା, ବିଧାନପାଳିକା ଏବଂ ନ୍ୟାୟପାଳିକା ତଥା ସମସ୍ତ ନାଗରିକଙ୍କ ସକ୍ରିୟ ଅଂଶଗ୍ରହଣରୁ ଆମର ସାମ୍ବିଧାନିକ ଆଦର୍ଶକୁ ଶକ୍ତି ମିଳିଥାଏ। ପ୍ରତ୍ୟେକ ନାଗରିକଙ୍କ ମୌଳିକ କର୍ତ୍ତବ୍ୟ ଆମ ସମ୍ବିଧାନରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି । ଭାରତର ଏକତା ଓ ଅଖଣ୍ଡତା ରକ୍ଷା, ସମାଜରେ ସୌହାର୍ଦ୍ଦ୍ୟ କୁ ପ୍ରୋତ୍ସାହିତ କରିବା, ମହିଳାଙ୍କ ସମ୍ମାନ ସୁନିଶ୍ଚିତ କରିବା, ପରିବେଶ ସୁରକ୍ଷା, ବୈଜ୍ଞାନିକ ମନୋଭାବର ବିକାଶ, ସାର୍ବଜନୀନ ସମ୍ପତ୍ତିର ସୁରକ୍ଷା ଏବଂ ଦେଶକୁ ଉଚ୍ଚସ୍ତରର ସଫଳତାରେ ପହଂଚାଇବା ନାଗରିକମାନଙ୍କ ମୌଳିକ କର୍ତ୍ତବ୍ୟ ମଧ୍ୟରେ ଅନ୍ତର୍ଭୁକ୍ତ । ସମ୍ବିଧାନର ଭାବନା ଅନୁଯାୟୀ ସାଧାରଣ ଲୋକଙ୍କ ଜୀବନକୁ ଉନ୍ନତ କରିବା ପାଇଁ ମିଳିତ ଭାବେ କାର୍ଯ୍ୟ କରିବା କାର୍ଯ୍ୟପାଳିକା, ବିଧାନପାଳିକା ଓ ନ୍ୟାୟପାଳିକାର ଦାୟିତ୍ୱ ବୋଲି ରାଷ୍ଟ୍ରପତି କହିଛନ୍ତି। ସଂସଦ ଦ୍ୱାରା ପ୍ରଣୟନ କରାଯାଇଥିବା ଅନେକ ଆଇନରେ ଲୋକଙ୍କ ଆକାଂକ୍ଷା ପ୍ରତିଫଳିତ ହୋଇଛି ବୋଲି ସେ ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି ଯେ ଗତ କିଛି ବର୍ଷ ମଧ୍ୟରେ ସରକାର ସମାଜର ସମସ୍ତ ବର୍ଗ, ବିଶେଷ କରି ଦୁର୍ବଳ ବର୍ଗଙ୍କ ବିକାଶ ପାଇଁ ଅନେକ ପଦକ୍ଷେପ ନେଇଛନ୍ତି। ଏଭଳି ନିଷ୍ପତ୍ତି ଲୋକଙ୍କ ଜୀବନରେ ଉନ୍ନତି ଆଣିଛି ଏବଂ ସେମାନଙ୍କୁ ବିକାଶ ପାଇଁ ନୂତନ ସୁଯୋଗ ପ୍ରଦାନ କରୁଛି। ସୁପ୍ରିମକୋର୍ଟଙ୍କ ପ୍ରୟାସ କ୍ରମେ ଦେଶର ନ୍ୟାୟପାଳିକା ଆମ ନ୍ୟାୟିକ ବ୍ୟବସ୍ଥାକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ପ୍ରୟାସ କରୁଛି ବୋଲି କହି ସେ ଖୁସି ବ୍ୟକ୍ତ କରିଛନ୍ତି। ରାଷ୍ଟ୍ରପତି କହିଥିଲେ ଯେ ଆମ ସମ୍ବିଧାନ ଏକ ଜୀବନ୍ତ ଏବଂ ପ୍ରଗତିଶୀଳ ଦସ୍ତାବିଜ । ପରିବର୍ତ୍ତିତ ସମୟର ଆବଶ୍ୟକତା ଅନୁଯାୟୀ ଆମର ଦୂରଦୃଷ୍ଟିସମ୍ପନ୍ନ ସମ୍ବିଧାନ ନିର୍ମାତାମାନେ ନୂତନ ଦୃଷ୍ଟିକୋଣକୁ ଗ୍ରହଣ କରିବାର ବ୍ୟବସ୍ଥା କରିଥିଲେ। ସମ୍ବିଧାନ ମାଧ୍ୟମରେ ଆମେ ସାମାଜିକ ନ୍ୟାୟ ଏବଂ ସମାବେଶୀ ବିକାଶ ସହିତ ଜଡିତ ଅନେକ ମହତ୍ୱାକାଂକ୍ଷୀ ଲକ୍ଷ୍ୟ ହାସଲ କରିଛୁ । ଏକ ନୂତନ ଆଭିମୁଖ୍ୟ ସହିତ ଆମେ ଦେଶମାନଙ୍କ ତୁଳନାରେ ଭାରତ ପାଇଁ ଏକ ନୂତନ ପରିଚୟ ଅର୍ଜନ କରୁଛୁ । ଆନ୍ତର୍ଜାତିକ ଶାନ୍ତି ଓ ନିରାପତ୍ତାକୁ ପ୍ରୋତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଆମ ସମ୍ବିଧାନ ନିର୍ମାତାମାନେ ଭାରତକୁ ଏକ ନିର୍ଦ୍ଦେଶିକା ଦେଇଥିଲେ। ଆଜି ଆମ ଦେଶ ଏକ ଅଗ୍ରଣୀ ଅର୍ଥବ୍ୟବସ୍ଥା ହେବା ସହ 'ବିଶ୍ୱ-ବନ୍ଧୁ' ଭଳି ଭଲ ଭାବେ ଏହି ଭୂମିକା ନିର୍ବାହ କରୁଛି।

# କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲେ ମାଲଡୋଭାର ଶିକ୍ଷା ମନ୍ତ୍ରୀ



ନୂଆଦିଲ୍ଲୀ/ଭୁବନେଶ୍ୱର, ୨୭/୧୧ (ନି.ପ୍ର): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ମାଲଡୋଭାର ଶିକ୍ଷା ଏବଂ ଗବେଷଣା ମନ୍ତ୍ରୀ ଡାନ୍ ପର୍ସିୟୁନ୍ ଏବଂ ରାଷ୍ଟ୍ରଦୂତ ଆନା ଟବାନଙ୍କ ସହ ସାକ୍ଷାତ୍ ଆଲୋଚନା କରିଛନ୍ତି। ଏହି ଆଲୋଚନା କାଳରେ ଉଭୟ ଦେଶର ଉଚ୍ଚ ଶିକ୍ଷାନୁଷ୍ଠାନମାନଙ୍କ ମଧ୍ୟରେ ଶୈକ୍ଷିକ ଏବଂ ଗବେଷଣା ସହଯୋଗକୁ ସୁଗମ କରିବା ଉପରେ ଫଳପ୍ରଦ ଆଲୋଚନା ହୋଇଛି । ବୈଠକ କାଳରେ ଶ୍ରୀ ପ୍ରଧାନ ଜାତୀୟ ଶିକ୍ଷା ନୀତି ଉପରେ ଚର୍ଚ୍ଚା କରିବା ସହ ଭାରତର ଶିକ୍ଷାକୁ ଅନ୍ତର୍ଜାତୀୟକରଣ ପାଇଁ ହେଉଥିବା ଉଦ୍ୟମ ସମ୍ପର୍କରେ ସୂଚନା ଦେଇଥିଲେ । ବିଶ୍ୱର ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟଗୁଡ଼ିକ ପାଇଁ ଭାରତ ନୂଆ ଠିକଣା ହୋଇଛି । ମାଲଡୋଭା ଓ ଭାରତର ଛାତ୍ରଛାତ୍ରୀ, ଅଧ୍ୟାପକ, ଗବେଷକ, ଉଭାବକ ଏବଂ କର୍ମଚାରୀଙ୍କ ପାଇଁ ନୂତନ ସୁଯୋଗ ଅନ୍ୱେଷଣ କରିବା ପାଇଁ ସହଯୋଗ ଓ ଦ୍ୱିପାକ୍ଷିକ ସମ୍ପର୍କକୁ ମଜଭୂତ୍ କରିବା ଉପରେ ଉଭୟ ମନ୍ତ୍ରୀ ଆଲୋଚନା କରିଥିଲେ ।

## ପୁଅକୁ ଆକ୍ରମଣ କରିଥିବା ମାମଲା: ବାପ ଗିରଫ

ଜୟପୁର , ୨୭/୧୧ (ନି.ପ୍ର): ଜୟପୁର ସଦର ଥାନା ଅନ୍ତର୍ଗତ ଧାରଣାହାଣ୍ଡି ରେ ପୁଅକୁ ଆକ୍ରମଣ କରିଥିବା ମାମଲାରେ ବାପକୁ ଗିରଫ କରିଛି ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା ମାନସିଂ ଗଣ୍ଡ (୬୫) । ପୋଲିସ ସୂଚନା ଅନୁଯାଇ ଧାରଣାହାଣ୍ଡିର ବାପ ମାନସିଂ ଗଣ୍ଡ ଓ ପୁଅ ପର୍ଶୁ ରାମ ଗଣ୍ଡ ମଧ୍ୟ ରେ ଗତ ୧୯ ତାରିଖରେ ବଚସା ହୋଇଥିଲା । ଏଥିରେ ଉତ୍ୟକ୍ତ ହୋଇ ବାପ ମାନସିଂ ଏକ ଟାଙ୍ଗିଆରେ ପୁଅ ପର୍ଶୁରାମ କୁ ଆକ୍ରମଣ କରିଥିଲା । ଫଳରେ ପର୍ଶୁରାମର ବେଗରେ ଆଘାତ ଲାଗିଥିଲା । ତୁରନ୍ତ ପରିବାର ଲୋକେ ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ରେ ଭର୍ତି କରିଥିଲେ । ଅବସ୍ଥା ଗୁରୁତର ହେବାରୁ କୋରାପୁଟ ଶହିଦ ଲକ୍ଷ୍ମଣ ନାୟକ ମେଡିକାଲେ କଲେଜ କୁ ସ୍ଥାନାନ୍ତରିତ କରାଯାଇଥିଲା । ଚିକିତ୍ସା ହୋଇ ଘରକୁ ଫେରିଛନ୍ତି । ଏନେଇ ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତ ବାପା ମାନସିଂକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ସଦର ପୋଲିସ ତରଫରୁ ସୂଚନା ଦିଆଯାଇଛି ।

# ବିକ୍ରମଦେବ ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ ତରଫରୁ ବିଶ୍ୱ ଐତିହ୍ୟ ସପ୍ତାହ ପାଳନ

ଜୟପୁର, ୨୭/୧୧ (ନି.ପ୍ର): ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ ପକ୍ଷରୁ ବିଶ୍ୱ ଐତିହ୍ୟ ସପ୍ତାହ ଉପଲକ୍ଷେ ଏକ ଆଲୋଚନାଚକ୍ରର ଆୟୋଜନ ହୋଇଥଲା। ପ୍ରତିବର୍ଷ ୟୁନେସ୍କୋ ତରଫରୁ ନଭେମ୍ବର ତା ୧୯ ରୁ ୨୫ ରିଖ ପର୍ଯ୍ୟନ୍ତ ଜନ ସାଧାରଣଙ୍କ ମଧ୍ୟରେ ଐତିହ୍ୟର ସୁରକ୍ଷା ନିମନ୍ତେ ଏହି ସପ୍ତାହ ପାଳନ କରାଯାଇଥାଏ। ବିଶ୍ୱ ବିଦ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟର କୁଳ ସଚିବ ରଞ୍ଜନ କୁମାର ପ୍ରଧାନ, ସମ୍ମାନୀତ ଅତିଥି ଭାବେ ବିଶ୍ୱବିଦ୍ୟାଳୟର ସ୍ନାତକୋତର ପରିଷଦ ଅଧ୍ୟକ୍ଷ ଡକ୍ଟର ପ୍ରଶାନ୍ତ କୁମାର ପାତ୍ର, ମୁଖ୍ୟ ବକ୍ତା ଭାବେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗର ପ୍ରାଧ୍ୟାପକ ଡକ୍ଟର ପରମ ତପ ପ୍ରଧାନ ଓ ଡକ୍ଟର ସନ୍ତୋଷ କୁମାର ମଲ୍ଲିକ ଯୋଗ ଦେଇଥିଲେ। ଏହି ଅବସରର ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ବିଶ୍ୱ ଐତିହ୍ୟର ସୁରକ୍ଷା କେଉଁଭଳି ଭାବରେ ହୋଇପାରିବ ସେ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ।
ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ବିଭାଗର ଅଧ୍ୟାପକ ଅମ୍ବୁଦ୍ ପ୍ରଧାନ, ପ୍ରିୟ ରଞ୍ଜନ ସାହୁ, ମହାଦେବ ନାୟକ, ରୋଜାଲିନ ମିଶ୍ର, ସାଗରିକା ଦାସ ଏବଂ ବିଭାଗ ର ସମସ୍ତ ଛାତ୍ର ଓ ଛାତ୍ରୀ ପ୍ରମୁଖ ଉପସ୍ଥିତ ଥିବା ବେଳେ ଇତିହାସ ବିଭାଗର ମୁଖ୍ୟ ଡକ୍ଟର ରୁସଭ କୁମାର ସାହୁ ପରିଚାଳନା କରିଥଲେ।

# ସଂସ୍କୃତ ପରିଷଦ ବଲାଙ୍ଗିରର ମାସିକ ଅଧିବେଶନ

ବଲାଙ୍ଗିର, ୨୭/୧୧ (ନି.ପ୍ର): ସ୍ଥାନୀୟ ନୃସିଂହ ମନ୍ଦିର ସଭାଗୃହରେ ସଂସ୍କୃତ ପରିଷଦ ବଲାଙ୍ଗିର ମାସିକ ଅଧିବେଶନ ସନ୍ଧ୍ୟା ୫ଟା ସମୟରେ ସ୍ଥାୟୀ ସଭାପତିଙ୍କ ଅନୁପସ୍ଥିତି ଯୋଗୁଁ ଆଇନଜୀବୀ ଜୟରାମ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସଭାପତିଙ୍କ ନିର୍ଦ୍ଦେଶକ୍ରମେ କୋଷାଧକ୍ଷ ରାଜ କିଶୋର ପଣ୍ଡା ମଙ୍ଗଳଚରଣ ପାଠ, ଗତ ଅଧିବେଶନର ବିବରଣୀ ଗଠନ କରିବା ସହିତ ବକ୍ତାମାନଙ୍କ ଓଜସ୍ୱିନୀ ବକ୍ତବ୍ୟକୁ ରୂପରେଖ, ଏହାର ବିକାଶ ଓ ଯୁବପିଢି ଏଥି ଲାଗି ସକ୍ରିୟ ହେବା ଉଚିତ ବୋଲି ମତ ପ୍ରକାଶ କରିଥିଲେ । ଏହା ସହ ରାମାୟଣର କଥାବସ୍ତୁର ବିଭିନ୍ନ ଚିରିତ୍ର ଅବତାରଣା ମାଧ୍ୟମରେ ସଂସ୍କୃତି କିପରି ଜୀବନଯାପନ କ୍ଷେତ୍ରରେ ଜଡିତ ଥିଲା ତାକୁ ଆଧାର କରି ଶ୍ରୀରାମଙ୍କୁ ପୁରୁଷୋତମ ମର୍ଯ୍ୟାଦା ପୁରୁଷ ବୋଲି ଦୃଢ଼ ମତବ୍ୟକ୍ତ କରିଥିଲେ । ସମ୍ମାନିତ ବକ୍ତା ନୀଳାଚଳ ହୋତା ସଂସ୍କୃତିର ବିକାଶ ଲାଗି ପ୍ରତ୍ୟେକ ଶିକ୍ଷା ଅନୁଷ୍ଠାନର ଅଧ୍ୟକ୍ଷ ତଥା ଶିକ୍ଷକମାନେ ଯତ୍ନଶୀଳ ହେବା ସହ ଛାତ୍ର ଛାତ୍ରୀଙ୍କୁ ଏ ବାବଦରେ ଅନୁପ୍ରାଣିତ କରିବା ବିଷୟ ଉପସ୍ଥାପନ କରିଥିଲେ ଓ ସଂସ୍କାରର ବିକାଶ ପ୍ରଥମେ ନିଜ ଘରୁ ଆରମ୍ଭ କରି ଶିକ୍ଷାକ୍ଷେତ୍ର କର୍ମକ୍ଷେତ୍ର ପର୍ଯ୍ୟନ୍ତ ପ୍ରଯୁକ୍ତ ହେବା ଉଚିତ ବୋଲି ଦୃଢ ମତ ରଖିଥିଲେ । ରାଜେନ୍ଦ୍ର ପୁରୁଷୋତମ ଯୋଗର କୋଡିଏଟି ଶ୍ଳୋକ ଆବୃତି କରି ସେଗୁଡିକର ଭାବାର୍ଥ ସରଳ ଭାଷାରେ ବୁଝାଇ ଏକ ମଧୁମୟ ବାତାବରଣ ସୃଷ୍ଟି କରିଥିଲେ । ପର୍ଶୁରାମ ନାୟକ ଅନୁଷ୍ଠାନିକ ଭାବେ ଧନ୍ୟବାଦ ଦେବା ପରେ ସଭାପତି ସଭାସାଙ୍ଗ ଘୋଷଣା କରିଥିଲେ ।
ଏହି ଅଧିବେଶନରେ ଜଗଦିଶ ପ୍ରସାଦ ନାଥ, ବନମାଳି ନନ୍ଦ, ବଳିଷ୍ଠ ପଧାନ, ବିଶ୍ୱନାଥ ଶତପଥୀ, ପୁରୁଷୋତମ ପଣ୍ଡା, ପ୍ରଶନ୍ନ ମିଶ୍ର ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ ।

# କୋରୋରେ ସଂଗୀତ ଓ ନୃତ୍ୟ ମହୋତ୍ସବ

କେନ୍ଦ୍ରାପଡ଼ା, ୨୭/୧୧ (ନି.ପ୍ର): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ କୋରୋ ଠାରେ ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ସତୀର୍ଥର ଦଶମ ବାର୍ଷିକ ଉତ୍ସବ ଉପଲକ୍ଷେ ସତୀର୍ଥ ଏବଂ ରେଡିଓ ଭାବଗ୍ରାହୀର ମିଳିତ ଆନୁକୂଲ୍ୟରେ ସଂଗୀତ ଓ ନୃତ୍ୟ ମହୋତ୍ସବ ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି। ଏହି ମହୋତ୍ସବରେ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ସୌଜନ୍ୟରୁ ବାରୋସ୍ଥିତ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଭାବଗ୍ରାହୀ କଳା ନିକେତନ ଏବଂ ମହ୍ଲାର ଅର୍କେଷ୍ଟ୍ରାର ପ୍ରତିଷ୍ଠିତ କଳାକାର ବିମଳ ପ୍ରସାଦ ପରିଡ଼ା, ନିରୁପମା ଜେନା, ଉପେନ୍ଦ୍ର କୁମାର ପାଢ଼ୀ, ରଂଜନ ବରାଳ, ଅଜୟ ଜେନା, କୈଳାସ ପରିଡ଼ା, ଅମର ବିଶ୍ୱାଳ, ସ୍ମୃତିରେଖା ବିଶ୍ୱାଳ, ରାଜଲକ୍ଷ୍ମୀ ପରିଡ଼ା ପ୍ରମୁଖ ଶିଳ୍ପୀମାନେ ଭଜନ ଏବଂ ଅକ୍ଷୟ ମହାନ୍ତିଙ୍କ ସୁଗମ ସଂଗୀତ ଏବଂ ଚଳଚ୍ଚିତ୍ର ସଂଗୀତ ପରିବେଷଣ କରିଥିଲେ। ବରଗଡ଼ରୁ ଆସିଥିବା ବୋଧନ ସାଂସ୍କୃତିକ ଅନୁଷ୍ଠାନର ଶିଳ୍ପୀମାନେ ଢୋଲ୍, ତାସ୍, ନିଶାନ୍ ଏବଂ ମହୁରୀ ବାଦ୍ୟର ତାଳେ ତାଳେ ତରଣୀ ଛତର୍ ଏବଂ ସବିତା ଛତର୍‌ଙ୍କ ନେତୃତ୍ୱରେ ଆକର୍ଷଣୀୟ ସମ୍ବଲପୁରୀ ନୃତ୍ୟ ପରିବେଷଣ କରି ଦର୍ଶକମାନଙ୍କ ମନ କିଣି ନେଇଥିଲେ। ପୁରୀରୁ ଆସିଥିବା ନାଚ ଘରର କଳାକାରମାନେ ଗୁରୁ କୁମାର ଭୀମସେନ୍‌ଙ୍କ ନିର୍ଦ୍ଦେଶନାରେ ଶାସ୍ତ୍ରୀୟ ଓଡ଼ିଶୀ ନୃତ୍ୟ ପରିବେଷଣ କରି ଏକ ଭକ୍ତିଭାବ ପୂର୍ଣ୍ଣ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲେ। ସତୀର୍ଥ ସଭାପତି କବି ଅମର ପ୍ରସାଦ ରାଉତ କଳାକାରମାନଙ୍କୁ ମଂଚରେ ସ୍ୱାଗତ କରିଥିଲେ। ଭାବଗ୍ରାହୀ କଳା ନିକେତନ ତଥା ରେଡ଼ିଓ ଭାବଗ୍ରାହୀର ପ୍ରତିଷ୍ଠାତା ସଂଗୀତ ନିର୍ଦ୍ଦେଶକ ବିମଳ ପ୍ରସାଦ ପରିଡ଼ା ସାଂସ୍କୃତିକ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ। ସମସ୍ତ ଦଳର ମୁଖ୍ୟମାନଙ୍କୁ ସତୀର୍ଥ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। କୋରୋ, ତନାର, ପାଳକଣା, ଗଇଦୁଆ, ପିଙ୍ଗଳ, ଉପେଇପୁର, ମିର୍ଜାପୁର, ଶ୍ରୀବନ୍ତପୁର ଆଦି ଗ୍ରାମର ଶତାଧିକ ଦଶର୍କ ଓ ଦର୍ଶିକାମାନେ କାର୍ଯ୍ୟକ୍ରମକୁ ଆଗ୍ରହର ସହିତ ଉପଭୋଗ କରିଥିଲେ।

# ଆରଏସପି ଆନୁକୂଲ୍ୟରେ କୁଆଁରମୁଣ୍ଡା ବ୍ଲକରେ ସିନର୍ଜି ଲୋକ ସାଂସ୍କୃତିକ ମହୋତ୍ସବ ଆୟୋଜିତ : ସିଆଳଜୋର ନୃତ୍ୟ ଦଳ ଚମ୍ପିୟାନ




ରାଉରକେଲା, ୨୭/୧୧ (ନି.ପ୍ର): ରାଉରକେଲା ଇସ୍ପାତ କାରଖାନାର ସିଏସଆର ବିଭାଗ ଦ୍ୱାରା କୁଆରମୁଣ୍ଡା ବ୍ଲକ ଅନ୍ତର୍ଗତ ତେଲିପୋଷ ଗ୍ରାମରେ ନଭେମ୍ବର ୨୦ ତାରିଖରେ ଆୟୋଜିତ ଜୋନ ସ୍ତରୀୟ "ସିନର୍ଜି ଲୋକସାଂସ୍କୃତିକ ମହୋତ୍ସବ"ରେ ବିଭିନ୍ନ ଗାଁଆର ୩୦ଟି ନୃତ୍ୟ ଦଳ ଉତ୍ସାହ ସହକାରେ ଅଂଶଗ୍ରହଣ କରିଥିଲେ । ଏହାର ଉଦଯାପନୀ ଉତ୍ସବରେ ଆରଏସପି ମାନବ ସମ୍ବଳ ବିଭାଗର ସି ଜି ଏମ ଶ୍ରୀ ଶ୍ରୀମନ୍ତ ନାରାୟଣ ପଣ୍ଡା ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ । ଏହି ଅବସରରେ ମାନବ ସମ୍ବଳ କାର ?ୟ ବିଭାଗର ଜିଏମ ଇନ ଚାର୍ଜ, ଶ୍ରୀ ସଞ୍ଜୟ ମେହରୋତ୍ରା ସମ୍ମାନିତ ଅତିଥି ଥିଲେ । ଏହି ଅବସରରେ ସିଏସଆର ବିଭାଗର ଜିଏମ ଇନ ଚାର୍ଜ ସୁଶ୍ରୀ ମୁନମୁନ ମିତ୍ର, ଏଜିଏମ ଶ୍ରୀ ଟି ବି ଟପ୍ପୋ ଓ ଶ୍ରୀ ଏ ଏନ ପତି ଏବଂ ସିଏସଆର ବିଭାଗର ଅନ୍ୟ ଅଧିକାରୀ ଓ ଷ୍ଟାଫ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ତଥା ଗ୍ରାମର ବିଶିଷ୍ଟ ବ୍ୟକ୍ତିମାନେ ମଧ ଉପସ୍ଥିତ ଥିଲେ।

ନିଜର ବକ୍ତବ୍ୟରେ ଶ୍ରୀ ପଣ୍ଡା ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ଋଦ୍ଧିମନ୍ତ ଆଦିବାସୀ ସଂସ୍କୃତି ଓ ପରମ୍ପରାର ସଂରକ୍ଷଣ ତଥା ସାଂସ୍କୃତିକ ଐତିହ୍ୟର ପ୍ରୋତ୍ସାହନ ପାଇଁ ସିଏସଆର ବିଭାଗ ପ୍ରୟାସର ଉଚ୍ଚ ପ୍ରଶଂସା କରିଥିଲେ।

ମୁଖ୍ୟ ଅତିଥି ପ୍ରତିଯୋଗିତାର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ନୃତ୍ୟ ଦଳଗୁଡିକୁ ପୁରସ୍କାର ପ୍ରଦାନ କରିଥିଲେ। ସିଆଳଜୋର ଗ୍ରାମ ନୃତ୍ୟ ଦଳ ପ୍ରଥମ ପୁରସ୍କାର ଆକାରରେ ୧୦୦୦୦ ଟଙ୍କା ପୁରସ୍କାର ରାଶି ଏବଂ ଚମ୍ପିୟାନ ଟ୍ରଫି ଲାଭ କରିଥିବାବେଳେ ହେଠି ବାହାଲର ଖାଡିଆ ନୃତ୍ୟ ଦଳ ଦ୍ୱିତୀୟ ପୁରସ୍କାର ରୂପେ ୮୦୦୦ ଟଙ୍କା ପୁରସ୍କାର ରାଶି ଓ ଟ୍ରଫି ଲାଭ କରିଥିଲା। ଜୟକୁଦାର ଗ୍ରାମର ନୃତ୍ୟ ଦଳ ତୃତୀୟ ପୁରସ୍କାର ଆକାରରେ ୬୦୦୦ ଟଙ୍କା ପୁରସ୍କାର ରାଶି ଓ ଟ୍ରଫି ଲାଭ କରିଥିଲା। ଅଂଶଗ୍ରହଣକାରୀ ଅବଶିଷ୍ଟ ଦଳଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ରୂପେ ପ୍ରତ୍ୟେକ ଦଳକୁ ୨୫୦୦ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା।

ଏହି ନୃତ୍ୟ ଉତ୍ସବ ତେଲିପୋଷ ଗ୍ରାମର ସ୍ନେହା ସ୍ୱୟଂ ସହାୟକ ଗୋଷ୍ଠୀ ସହଯୋଗରେ ଆରଏସପି ସିଏସଆର ବିଭାଗ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ସୁଶ୍ରୀ ମୁନମୁନ ମିତ୍ରା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଶ୍ରୀ ଟି ବି ଟପ୍ପୋ ଧନ୍ୟବାଦ ଜ୍ଞାପନ କରିଥିଲେ। ଫିଲ୍ଡ ଆସିଷ୍ଟାଣ୍ଟ ଶ୍ରୀ ବି ଏକ୍କା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବହୁ ସଂଖ୍ୟାରେ ସ୍ଥାନୀୟ ତଥା ଆଖପାଖ ଗାଁ ଲୋକ ଏହି ନୃତ୍ୟୋତ୍ସବର ଆନନ୍ଦ ନେଇଥିଲେ। ଏଥିପୂର୍ବରୁ ପୂର୍ବାହ୍ନରେ ଏହି କାର୍ଯ୍ୟକ୍ରମକୁ ସିଏସଆର ବିଭାଗର ଜିଏମ ଶ୍ରୀ ବିଭାବସୁ ମଲ୍ଲିକ ଉଦଘାଟନ କରିଥିଲେ। ଏହି ଅବସରରେ ସ୍ଥାନୀୟ ସରପଞ୍ଚ ଶ୍ରୀ ରାଜେଶ କୁମାର ହାଁସଦା, ପୂର୍ବତନ ସରପଞ୍ଚ ସୁଶ୍ରୀ ସୁଷମା କାନ୍ତି କିଣ୍ଡୋ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟ, ପରିମଳ, ପରିଚ୍ଛନ୍ନତା ଓ ସଂକ୍ରାମକ ରୋଗ ସନ୍ଦର୍ଭରେ ସଚେତନତା ସୃଷ୍ଟି ନିମନ୍ତେ ଏକ ପଥପ୍ରାନ୍ତ ନାଟକ ପରିବେଷିତ ହୋଇଥିଲା।

# ବଲାଣିରେ ଡକ୍ଟର ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ସ୍ଥାପନ

ଚମ୍ପୁଆ, ୨୭/୧୧ (ନି.ପ୍ର): ଚମ୍ପୁଆ ଉପଖଣ୍ଡସ୍ଥ ବଲାଣି ଠାରେ ସେଲ ମାଇନ୍ସ କର୍ମକର୍ତ୍ତାଙ୍କ ଦ୍ୱାରା ସମ୍ବିଧାନ ଦିବସ ଅବସରରେ ଡକ୍ଟର ଆମ୍ବେଦକରଙ୍କ ପ୍ରତିମୂର୍ତି ସ୍ଥାପନ ହୋଇଯାଇଛି। ପବିତ୍ର ସମ୍ବିଧାନ ଦିବସକୁ ଦୃଷ୍ଟିରେରଖି ଡକ୍ଟର ଆମ୍ବେଦକରଙ୍କ ପ୍ରତିମୂର୍ତି ସ୍ଥାପନ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଚିପ ଜେନରାଲ ମ୍ୟାନେଜର ଶ୍ରୀ ଜୟଦେବ ଚତୁର୍ବେଦୀ ଯୋଗ ଦେଇଥିବାବେଳେ କମ୍ପାନୀର ବହୁ କର୍ମକର୍ତା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଶ୍ରୀ ଚତୁର୍ବେଦି ଡକ୍ଟର ଆମ୍ବେଦକରଙ୍କ ପ୍ରତିମୂର୍ତିକୁ ଉଦଘାଟନ କରିବା ସହିତ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ଶୀତ କାକରକୁ ଦୃଷ୍ଟିରେ ରଖି ଆଖ ପାଖ ଅଂଚଳରୁ ଆସିଥିବା ବୃଦ୍ଧ ବୃଦ୍ଧାମାନଙ୍କୁ କମ୍ବଳ ବଂଟନ କରାଯାଇଥିଲା।

ଧ୍ୱନି ପ୍ରତିଧ୍ୱନି

୩ ♣ ବାଲେଶ୍ୱର ♣ ଗୁରୁବାର, ୨୮ ନଭେମ୍ବର ୨୦୨୪

## ଧାରାବାହିକ:

ଭାଗ-୩୨

# ସଂକ୍ଷିପ୍ତ ଭାଗବତ କଥାମୃତ



ଡ. ଶ୍ରୀହରି ପଣ୍ଡା



(ପୂର୍ବ ପ୍ରକାଶିତ ଉତ୍ତାରୁ)

### ୧୨ଶ ଅଧ୍ୟାୟ

### ।। ବୃତ୍ରାସୁର ବଧ ।।

ଇନ୍ଦ୍ର ନିସ୍ତେଜ ହୋଇଯିବା ଦେଖି ବୃତ୍ରାସୁର ତାଙ୍କୁ ଯୁଦ୍ଧରେ ପ୍ରବୃତ୍ତ କରାଇବା ପାଇଁ ଅସ୍ତ୍ର ପ୍ରହାର କଲା । ଇନ୍ଦ୍ର ବୃତ୍ରାସୁର କଥା ଶୁଣି ସ୍ତମ୍ଭୀତ ହୋଇଯିବା ସତ୍ତ୍ୱେ ବଜ୍ର ପ୍ରୟୋଗ କରି ବୃତର ବାହୁ କାଟିଦେଲେ । ମାତ୍ର ବୃତ୍ରାସୁର ର ବାହୁ କଟିବା ପରେ ବି ପ୍ରବଳ ଯୁଦ୍ଧ କରିବାରୁ ଇନ୍ଦ୍ର ଲଜ୍ଜିତ ହୋଇ ବଜ୍ର ପ୍ରୟୋଗ କରିବାକୁ କୁଣ୍ଠା କରିବାରୁ ବୃତ୍ରାସୁର କହିଲା ଶୀଘ୍ର ବଜ୍ର ଉଠାଇ ମୋ ଉପରେ ପ୍ରୟୋଗ କର । ଏହା ଭଗବାନଙ୍କ ଇଛା ତୁମେ ନିମିତ୍ତ ମାତ୍ର । ତାଙ୍କର ଇଛା ନଥିଲେ ମୁଁ ଯୁଦ୍ଧରେ ଅବତୀର୍ଣ୍ଣ ହୋଇନଥାନ୍ତି । ଏଣୁ ଜୟ ପରାଜୟ ଯାହାର ଇଛାରେ ପରିଚାଳିତ ତାଙ୍କରି ନିମନ୍ତେ ଅସ୍ତ୍ର ପ୍ରହାର କର । ମୋ ଶରୀର ତ୍ରିଗୁଣଯୁକ୍ତ ଏଣୁ ସେହି ବନ୍ଧନରୁ ମୋତେ ମୁକ୍ତ କର । ଇନ୍ଦ୍ର କହିଲେ, ହେ ଦାନବରାଜ ବାସ୍ତବରେ ତୁମେ ଜଣେ ତପସ୍ୱୀ । ତୁମ ଜ୍ଞାନ ଆଗରେ ମୁଁ ଛାର । ତୁମେ ଅମୃତ ସାଗରରେ ବିଚରଣ କରୁଥିବା କାରଣରୁ ଏ ଛାର ଇନ୍ଦ୍ର ପଦ ନିମନ୍ତେ ସାମାନ୍ୟ ଲୋଭ ନାହିଁ । ଏହାପରେ ସେ ବୃତ୍ରାସୁରର ଅନ୍ୟବାହୁଟି ଛେଦନ କରିବାରୁ ବୃତ୍ରାସୁର ପ୍ରଚଣ୍ଡ ପାଟି ମେଲାଇ ଐରାବତ ସହ ଇନ୍ଦ୍ରଙ୍କୁ ଗିଳି ପକାଇଲେ । ସବୁଆଡେ ହା ହା କାର ପଡିଗଲା । ମାତ୍ର ଇନ୍ଦ୍ର ନାରାୟଣ କବଚ ଦ୍ୱାରା ସୁରକ୍ଷିତ ଥିବାରୁ ବୃତର ପେଟ ଭିତରେ ସୁରକ୍ଷିତ ରହି ବଜ୍ର ଦ୍ୱାରା ଉଦର ବିଦାରି ବାହାରି ଆସିବାରୁ ବୃତର ମୃତ୍ୟୁ ହେଲା । ବୃତବ ଶରୀରରୁ ଏକ ଜ୍ୟୋତି ନିର୍ଗତ ହୋଇ ବିଷ୍ଣୁଙ୍କର ସ୍ୱରୂପରେ ଲୀନ ହୋଇଗଲା।

### ୧୩ଶ ଅଧ୍ୟାୟ

### ।। ଇନ୍ଦ୍ରଙ୍କର ବ୍ରହ୍ମହତ୍ୟା ପାତକ ।।

ବିଶ୍ୱରୂପଙ୍କ ହତ୍ୟାରେ ଇନ୍ଦ୍ରଙ୍କୁ ବ୍ରହ୍ମହତ୍ୟା ପାତକ ଲାଗିବାରୁ ସିଏ ତାହାକୁ ଜଳ, ସ୍ତ୍ରୀ, ଗିରି, ଦ୍ରୁମ ମଧ୍ୟରେ ବାଣ୍ଟିଦେଇଥିଲେ ଏବେ ପୁଣି ବୃତ୍ରାସୁର ବଧର ପାତକ ସ୍ୱରୂପ ତାଙ୍କ ଦେହ ଜଳିବାକୁ ଲାଗିବାରୁ ସେ କ୍ଷଣେ ମାତ୍ର ସ୍ଥିର ହୋଇ ନପାରି ଇତସ୍ତତଃ ବୁଲିବାକୁ ଲାଗିଲେ । ତାଙ୍କ ଶରୀର କ୍ରମେ ଜରାଗ୍ରସ୍ତ ହେବାକୁ ଲାଗିଲା, କ୍ଷୟ ରୋଗ କାରଣରୁ ସେ ବ୍ୟତିବ୍ୟସ୍ତ ହୋଇ ମାନସରୋବର ମଧ୍ୟରେ କମଳନାଡ ମଧ୍ୟରେ ଲୁଚି ରହିଲେ । ସେ ସର୍ବଦା ଅଗ୍ନି ମୁଖରୁ ଖାଦ୍ୟ ଗ୍ରହଣ କରନ୍ତି ମାତ୍ର ମାନସରୋବର ମଧ୍ୟକୁ ଅଗ୍ନି ଯାଇନପାରିବାରୁ ସେ କ୍ଷୁଧାରେ ବହୁ କଷ୍ଟ ପାଇଲେ । ଏହି ସମୟରେ ରାଜା ନହୁଷ ନିଜ ପୁଣ୍ୟ ବଳରେ ସ୍ୱର୍ଗରେ ଇନ୍ଦ୍ରପଦ ପ୍ରାପ୍ତହେଲେ । ସେ ସଚିଙ୍କୁ ଭୋଗ କରିବାକୁ ଚାହିଁବାରୁ ସଚି କୁଟକରି ଋଷିମାନଙ୍କୁ ଜଣାଇଦେବାରୁ ଋଷିମାନେ ନହୁଷଙ୍କୁ ଅଭିଶାପ ଦେଲେ ଫଳରେ ସେ ସର୍ପ ହୋଇ ଭୂପତିତ ହେଲେ । ଇନ୍ଦ୍ର ସ୍ୱର୍ଗକୁ ଫେରି ଅଶ୍ୱମେଧ ଯଜ୍ଞ ଦ୍ୱାରା ବ୍ରହ୍ମପାତକ ଦୋଷରୁ ମୁକ୍ତ ହୋଇ ଦେବରାଜ ପଦରେ ଅଭିଷିକ୍ତ ହେଲେ । ଏହି ପବିତ୍ର ଆଖ୍ୟାକୁ ଯିଏ ପଢନ୍ତି କିମ୍ୱା ଶୁଣନ୍ତି, ଶୁଣାନ୍ତି ତାଙ୍କର ଶୁଭ ଲାଭ ହୁଏ । ଶତ୍ରୁ କ୍ଷୟ ହୋଇ ଗୋପଲକ୍ଷ୍ମୀ ଲାଭ ହୁଏ ।

### ୧୪ଶ ଅଧ୍ୟାୟ

### ।। ବୃତାସୁରର ପୂର୍ବ ଜନ୍ମ ଚରିତ ।।

ରାଜା ପରୀକ୍ଷିତ ଶ୍ରୀଶୁକଦେବଙ୍କୁ ପଚାରିଲେ, ମୁନିଶ୍ରେଷ୍ଠ, ଦୟାକରି କୁହନ୍ତୁ ପାପୀ ବୃତ୍ରାସୁର ହଠାତ୍ ଭଗବାନଙ୍କର ଏପରି ଭକ୍ତ କିପରି ପାଲଟିଗଲା ? ଶୁକଦେବ କହିଲେ, ପୂର୍ବେ ସୁରସେନ ରାଜ୍ୟରେ ସକଳ ଐଶ୍ୱର୍ଯ୍ୟରେ ପରିପୂର୍ଣ୍ଣ, ଦଶ ନିୟୁତ ସୁନ୍ଦରୀ ପତ୍ନୀଙ୍କ ସହିତ ଚିତ୍ରକେତୁ ନାମରେ ଜଣେ ରାଜାଥିଲେ । ମାତ୍ର ସମସ୍ତ ପତ୍ନୀ ବନ୍ଧ୍ୟା କାରଣରୁ ରାଜାଙ୍କ ମନ ଦୁଃଖ ଥିଲା । ଏକଦା ଅଙ୍ଗିରା ଋଷି ତାଙ୍କ ନଅରକୁ ଆସିବାରୁ ରାଜା ଭକ୍ତିର ସହିତ ତାଙ୍କର ପାଦପୂଜା କରିବାରୁ ଋଷି ସର୍ବ କୁଶଳର ଜିଜ୍ଞାସା କଲେ । ରାଜା ନିଜର ଦୁଃଖ ଜଣାଇବାରୁ ମୁନି ପୁତ୍ରେଷ୍ଟି ଯଜ୍ଞ କରି ଚରୁକୁ ପାଟମହିଷୀ କୃତଦ୍ୟୁତୀଙ୍କୁ ଖାଇବାକୁ ଦେବାରୁ ଯଥା ସମୟରେ ପୁତ୍ରଟିଏ ଜାତ ହେଲା । ପୁତ୍ରଟିଏ ପାଇ ରାଜା ରାଣୀ କୋଟି ଲାବଣ୍ୟ ନିଧି ପାଇବା ଭଳି ତାହାରି କର୍ମରେ ନିୟୋଜିତ ହେବା ସହ ରାଜା ଅନ୍ୟ ରାଣୀମାନଙ୍କ ପ୍ରତି ଅବହେଳା ପ୍ରଦର୍ଶନ କଲେ ଫଳରେ ଅନ୍ୟ ରାଣୀମାନେ ଗୋପନରେ ବିଷ ଦେଇ ପୁତ୍ରଟିକୁ ବଧକଲେ । ପୁତ୍ରଟିର ଦେହାନ୍ତେ ରାଜାରାଣୀ ଅତ୍ୟନ୍ତ ଦୁଃଖରେ କ୍ରନ୍ଦନ କରିବାରୁ ପୁରବାସୀମାନେ ମଧ୍ୟ କାନ୍ଦିଲେ । ଅନ୍ୟ ରାଣୀମାନେ ମଧ୍ୟ କପଟରେ କାନ୍ଦିବାକୁ ଲାଗିଲେ । ରାଣୀ କୃତଦ୍ୟୁତୀ ଅଭିମାନରେ ବିଧାତାଙ୍କୁ ତାଙ୍କର ଏଭଳି ସୁଖ ଦେଇ ଦୁଃଖ ଦେଇଥିବାରୁ ଗାଳି ଦେବାକୁ ଲାଗିଲେ । ପୁତ୍ର ମୁଖରେ ଚୁମ୍ବନ ଦେଇାକୁ ଉଠାଇବାକୁ ଚେଷ୍ଟା କରୁଥାନ୍ତି । ତାଙ୍କର ଅଧିର ହୋଇ କ୍ରନ୍ଦନ ଫଳରେ ବେଶଭୁଷା ଅସମ୍ଭାଳ ହେଲା । ମହର୍ଷି ଅଙ୍ଗିରା ଓ ଦେବର୍ଷି ନାରଦ ଏହି ଧର୍ମପ୍ରାଣା ରାଜା ରାଣୀଙ୍କର ଅବସ୍ଥା ଦେଖି ସାନ୍ତ୍ୱନା ଦେବାପାଇଁ ସେଠାରେ ଉପସ୍ଥିତ ହେଲେ ।

### ୧୫ଶ ଅଧ୍ୟାୟ

### ।। ଚିତ୍ରକେତୁଙ୍କୁ ଅଙ୍ଗିରା ଓ ନାରଦଙ୍କ ସାନ୍ତ୍ୱନା ପ୍ରଦାନ ।।

ରାଜା ଚିତ୍ରକେତୁ ଦୁଃଖରେ ଜ୍ଞାନଭ୍ରଷ୍ଟ ହୋଇ ଶବପରି ପଡି ରହିଥାନ୍ତି ।ଏହି ସମୟରେ ଦେବର୍ଷି ଓ ମହର୍ଷି ସେଠାରେ ଉପସ୍ଥିତ ହୋଇ ସାନ୍ତ୍ୱନା ଦେବାକୁ ଯାଇ କହିଲେ, ହେ ରାଜା, ତୁମେ ଯାହା ପାଇଁ ଏତେ ଦୁଃଖ କରୁଛ ପୂର୍ବ ଜନ୍ମରେ ତା ସହିତ ତୁମର କି ସମ୍ପର୍କ ଥିଲା କି ପର ଜନ୍ମରେ ସେ ତୁମର କ'ଣ ହେବ କହିପାରିବ ? ସମୁଦ୍ର ଲହଡି ଯେପରି କୂଳରେ ବାଲି ଜମା କରିଦିଏ ଏବଂ ପରେ ତାକୁ ଧୋଇ ନିଏ ସେହିପରି ଭଗବାନଙ୍କ ମାୟାରେ ଜୀବ ଜନ୍ମଲାଭ କରେ ଓ ମରେ । କେବଳ କେହି ଆଗେ ତ କେହି ପଛେ । ସୁନାରେ ନିର୍ମିତ ଅଳଙ୍କାର ନିର୍ମାଣ ପୁଣି ଭାଙ୍ଗି ଆଉଥରେ ନିର୍ମିତ ହେବାପରି ଏ ଶରୀର ସର୍ବଦା ନଷ୍ଟ ଏବଂ ନୂଆ ସୃଷ୍ଟି ହୋଇଚାଲିଛି । ରାଜା କିଛିଟା ଆଶ୍ୱସ୍ତି ହୋଇ ପଚାରିଲେ ହେ ମହାଭାଗ ଆପଣ ଦୁଇଜଣ କିଏ ? ଦେବଦୂତ ସଦୃଶ ପ୍ରାଣୀଙ୍କ ଦୁଃଖରେ କାତର ହୋଇ ମୋ ନିକଟରେ ଉପସ୍ଥିତ ହୋଇଛନ୍ତି । ମୁଁ ପୁତ୍ରଶୋକରେ ଅଧୀର, ଗ୍ରାମ୍ୟପଶୁଭଳି ମାୟାସଂସାରରେ ବୁଡିଯାଇଛି । ମୋତେ ଜ୍ଞାନଚକ୍ଷୁ ପ୍ରଦାନ କରନ୍ତୁ । ତହୁଁ ନାରଦ ଏବଂ ଅଙ୍ଗିରା ନିଜର ପରିଚୟ ପ୍ରଦାନ କଲେ । ମହର୍ଷି କହିଲେ ତୁମର ପୁତ୍ରକାମନା ଦେଖି ମୁଁ ଗତଥର ତତ୍ତ୍ୱ ନକହି ପୁତ୍ରଟିଏ ପ୍ରଦାନ କରିଥିଲି । ବାତ୍ସଲ୍ୟ ସୁଖାନୁଭୂତି ତୁମର ଯେତେଦିନି ଭୋଗ କରିବାକୁ ଥରଲା ସେତିକି ଦିନ ପରେ ତୁମେ ତାହା ହରାଇଲ । ଏବେ ବିଧି ନିର୍ଦ୍ଦେଶ କ୍ରମେ ସଂସରାରେ ପ୍ରିୟତମ ବସ୍ତୁକୁ କିପରି ତ୍ୟାଗ କରିବାକୁ ହୁଏ ତାହାର ବାସ୍ତବ ଜ୍ଞାନ ତୁମର ହେଲା । ଏଣୁ ସଂସାରର ନଶ୍ୱରତାକୁ ବୁଝି ମନକୁ ସୁସ୍ଥ କର । ନାରଦ କହିଲେ, ରାଜା ମୁଁ ତୁମକୁ ଉପନିଷଦର ମନ୍ତ୍ର ଦୀକ୍ଷା ପ୍ରଦାନ କରୁଛି । ଏହା ଧାରଣ କଲେ ଏକ ସପ୍ତାହ ମଧ୍ୟରେ ତୁମେ ସଂକର୍ଷଣଙ୍କର ଦର୍ଶନ ଲାଭ କରିବ ।

### ୧୬ଶ ଅଧ୍ୟାୟ

### ।। ଚିତ୍ରକେତୁଙ୍କର ବୈରାଗ୍ୟ ଓ ସଙ୍କର୍ଷଣ ଦେବଙ୍କ ଦର୍ଶନ ଲାଭ ।।

ଦେବର୍ଷି ନାରଦ ସମସ୍ତଙ୍କ ସମ୍ମୁଖରେ ମୃତ ରାଜକୁମାରଙ୍କ ଜୀବାତ୍ମାକୁ ଆବାହନ କରି କହିଲେ, ଦେଖ ତୁମର ପିତାମାତା ଓ ସୁହୃଦମାନେ ତୁମର ବିୟୋଗରେ ଅତ୍ୟନ୍ତ ଶୋକାକୁଳ ହୋଇଛନ୍ତି । ତୁମେ ନିଜର ଶରୀର ମଧ୍ୟକୁ ଆସି ପୂର୍ଣ୍ଣ ଆୟୁ ଭୋଗକର ଏବଂ ପିତାଙ୍କର ସିଂହାସନରେ ଅଧିଷ୍ଠିତ ହୁଅ । ଜୀବାତ୍ମା କହିଲା, ଦେବର୍ଷି ସାଂସାରିକ ବନ୍ଧନରେ ଆବଦ୍ଧ ପ୍ରାଣୀଙ୍କ ନିମିତ୍ତ ଆପଣଙ୍କର ଏ ଦୃଷ୍ଟାନ୍ତ ଅତ୍ୟନ୍ତ ମୂଲ୍ୟବାନ । ମାତ୍ର ଦେହତ୍ୟାଗ ସହ ମୁଁ ଦେହପ୍ରତି ମମତ୍ୱ ମଧ୍ୟ ତ୍ୟାଗ କରିଛି, ମୋର ଆଉ ଦେହର ଆବଶ୍ୟକ ନାହିଁ । ମୁଁ ତ ଏହିପରି କେତେ ଦେହ ଧାରଣ କରି ତ୍ୟାଗ କରି ସାରିଲିଣି । ଏହି ଜନ୍ମରେ ସମ୍ପର୍କ ଥିବା ଏମାନଙ୍କ ସହ ମୋର ପୂର୍ବରୁ କିଛି ସମ୍ପର୍କ ନଥିଲା କି ପରେ ହେବ କି ନାହିଁ କହି ହେବନି । ମୁଁ ଏବେ ବିଶ୍ୱାତ୍ମା ସହିତ ଏକୀକାର ହୋଇଛି ଏଣୁ ମୋର ସେହି ଶରୀର ପଞ୍ଜରକୁ ପ୍ରତ୍ୟାବର୍ତ୍ତନ କରିବାର ନାହିଁ । ଜୀବାତ୍ମା ଚାଲିଯିବାପରେ ସମସ୍ତେ ଅବାକ ହେଲେ ଏବଂ ମାୟା ତୁଟାଇ ମୃତ୍ୟୁଜନିତ ଦୁଃଖ ପରିହାର କଲେ । ଯେଉଁ ରାଣୀମାନେ ରାଜକୁମାରକୁ ବଧ କରିଥିଲେ ସେମାନେ ଅନୁତାପରେ ଶ୍ରୀହୀନ ହୋଇପଡିଲେ ଏବଂ ଅଙ୍ଗିରାଙ୍କ ନିର୍ଦ୍ଦେଶକ୍ରମେ ପ୍ରାୟଶ୍ଚିତ କଲେ । ମହର୍ଷିଙ୍କଠାରୁ ମନ୍ତ୍ରୋପନିଷଦ ପ୍ରାପ୍ତ ହୋଇ ରାଜା ଚିତ୍ରକେତୁ ସପ୍ତଦିବସ ପର୍ଯ୍ୟନ୍ତ କେବଳ ଜଳପାନ କରି ଏକାଗ୍ରତାର ସହିତ ତାହା ଜପକଲେ । ମନ୍ତ୍ରର ସରଳାର୍ଥ-ଓଁକାର ରୂପୀ ଭଗବାନ, ଆପଣ ବାସୁଦେବ, ପ୍ରଦ୍ୟୁମ୍ନ, ଅନିରୁଦ୍ଧ ଓ ସଂକର୍ଷଣ ନାମରେ ଖ୍ୟାତ । ଆପଣ ବିଶୁଦ୍ଧ ଜ୍ଞାନସ୍ୱରୂପ, ପରମାନନ୍ଦମୟ, ଆତ୍ମାରାମ ଓ ଶାନ୍ତମୂର୍ତ୍ତି । ଆପଣଙ୍କୁ ନମସ୍କାର । ହେ ଆତ୍ମାନନ୍ଦ, ବିଶ୍ୱରୂପ ବିରାଟସ୍ୱରୂପ, ନିରାକାର, ନିର୍ବିକାର ଆପଣଙ୍କ ନିକଟରେ ମନ ଓ ବାଣୀ ପହଞ୍ଚିପାରେ ନାହିଁ । ଅଥଚ ଆପଣଙ୍କ ଦ୍ୱାରା ଇନ୍ଦ୍ରିୟଗ୍ରାହ୍ୟ ଜଗତର ସୃଷ୍ଟି, ଆପଣ ଆକାଶ ସଦୃଶ୍ୟ ଦୃଶ୍ୟ ଓ ଅଦୃଶ୍ୟ । ଯେପରି ଲୌହ ଅଗ୍ନିରେ ଉତ୍ତପ୍ତ ହେଲା ପରେ ହିଁ ଅନ୍ୟକୁ ଦହନ କରେ ସେହିପରି ଜୀବ, ଆପଣଙ୍କ ଦ୍ୱାରା ଚେତନାଯୁକ୍ତ ହେଲେ ଯାଇ କର୍ମ କରେ ନଚେତ୍ ସେ ନିଷ୍କ୍ରିୟ, ଜଡ । ହେ ମହାବିଭୂତିପତି ଆପଣଙ୍କୁ ନମସ୍କାର । ରାଜା ଚିତ୍ରକେତୁ ଏହି ମନ୍ତ୍ର ଉପନିଷଦ ଜପ ପୂର୍ବକ ସାତଦିନ ଶେଷରେ ଭଗବାନ ସଂକର୍ଷଣଙ୍କ ଦର୍ଶନ ଲାଭ କଲେ । ତାଙ୍କର ଦର୍ଶନ ମାତ୍ରେ ହିଁ ସମସ୍ତ ପାପ ଧୋଇଗଲା ଫଳରେ ସେ ଗଦଗଦ ଚିତ୍ତରେ ସ୍ତୁତି କରିବାକୁ ଲାଗିଲେ । ହେ ଭଗବାନ ଅନନ୍ତ, ବିଶ୍ୱବ୍ରହ୍ମାଣ୍ଡ ଆପଣଙ୍କ ଶିରରେ ସୋରିଷ ସଦୃଶ ପରିଦୃଷ୍ଟ ହୁଏ । ସାରା ବିଶ୍ୱ ବ୍ରହ୍ମାଣ୍ଡରେ ଆପଣଙ୍କ ସତ୍ତା ନିହିତ । ଆପଣଙ୍କୁ ସକାମ ଭକ୍ତିରେ ମିଳିପାରେ ନାହିଁ କେବଳ ନିଷ୍କାମ ଭକ୍ତିରେ ହିଁ ଆପଣ ଉପଲବ୍ଧ । ଆପଣଙ୍କ ଶ୍ରୀଚରଣରେ ମୁଁ ଭକ୍ତି ନୈବେଦ୍ୟ ଅର୍ପଣ କରୁଛି । ଭଗବାନ ସଂକର୍ଷଣ ପ୍ରସନ୍ନ ହୋଇ ମୃଦୁ ହସି କହିଲେ, ମୋର ଦର୍ଶନ ପ୍ରାପ୍ତ ହୋଇ ତୁମେ ସିଦ୍ଧ ହୋଇଛ । ମୁହିଁ ସର୍ବପ୍ରାଣୀର ରୂପ, ସେମାନଙ୍କର ଆତ୍ମା ଓ ପାଳନକର୍ତ୍ତା । ଶବ୍ଦବ୍ରହ୍ମ ଓ ପରଂବ୍ରହ୍ମ ଉଭୟ ମୋର ଶାଶ୍ୱତ ରୂପ, ଆତ୍ମା ଓ କାର୍ଯ୍ୟ କାରଣ ମଧ୍ୟରେ ପରସ୍ପରରେ ସ୍ଥିତି ମୋହରି ଅଧିଷ୍ଠାନର ସ୍ୱରୂପ ମାତ୍ର । ସ୍ୱପ୍ନ ସମୟରେ ମନୁଷ୍ୟ ନଦନଦୀ, ଅରଣ୍ୟ ପରିପୂର୍ଣ୍ଣ ସଂମ୍ପୂର୍ଣ୍ଣ ବିଶ୍ୱକୁ ଦେଖିଥିଲେ ହେଁ ଶଯ୍ୟା ତ୍ୟାଗପରେ ସଂକୀର୍ଣ୍ଣ ପରିସରକୁ ଦେଖିବା ଭଳି ଏ ଉଭୟ ଅଳୀକ ଓ ମାୟା । ଏହି ଧାରଣା ପୋଷଣ କରି ମୋଠାରେ ମନ ନିବେଶ କଲେ ସଂସାରର ମାୟା ବିଚଳିତ କରିପାରିବ ନାହିଁ । ଏହା ଅବଶ୍ୟ କଷ୍ଟ ସାଧ କିନ୍ତୁ ଅଭ୍ୟାସ ଦ୍ୱାରା ସମ୍ଭବ ।

(କ୍ରମଶଃ)

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

## ସମ୍ପର୍କର ରଙ୍ଗ

# ମଣିଷ ଏତେ ହିଂସ୍ର କାହିଁକି ?



ଶ୍ୱେତା ରାଉତ୍

ଏଠି ଦିନରେ ବି ଡର ରାତିରେ ବି ଡର, ବାହାରେ ବି ଡର ଘରେ ବି ଡର। କାହାକୁ ଓ କାହିଁକି ଡର ? ବାଘ, ଭାଲୁ, ସିଂହର ଆକ୍ରମଣ ଆମେ କଳ୍ପନା କରି ପାରିବା, ସାପ, ବିଛା ସରୀସୃପଙ୍କ ପ୍ରତି ପ୍ରାକୃତିକ ଭାବେ ଡର ଭୟ ରହିବା ସ୍ୱାଭାବିକ। କିନ୍ତୁ ମଣିଷ ହିଁ ମଣିଷର ଶୋଷଣ ତଥା ଶୀକାର ହେବା, ମଣିଷ ହିଁ ମଣିଷର ରକ୍ତପାନ କରିବା, ମଣିଷ ଆଉ ଗୋଟେ ମଣିଷକୁ ଡରି ଆତଙ୍କରେ ମ୍ରୀୟମାଣ ହେବା ବାସ୍ତବରେ ଅତ୍ୟନ୍ତ ଦୁଃଖଦାୟକ ଓ ଏ ସ୍ଥିତି ଅସହ୍ୟ ଅଟେ। ମଣିଷ ମନ ଭିତରେ ମରି ମରି ଯାଉଥିବା ମମତା, ଆତ୍ମୀୟତା, ସହଯୋଗୀଭବ, ଆଦରପଣିଆ ସତରେ କଣ ଆଉ ଫେରିବନି ? ଶାନ୍ତି ଆଉ ସୁରକ୍ଷା ପାଇଁ କୁଆଡେ ଯିବ ମଣିଷ ?

ପାଳି ପୋଷି ବଡ କରିଥିବା ବାପାକୁ ପୁଅ ମାରିଦେଉଛି, ଗର୍ଭରେ ଧରି ଜନ୍ମ ଦେଇଥିବା ମା ପୁଅ ଝିଅକୁ ମାରି ଦେଉଛି, ଭାଇ ଭାଇର ହତ୍ୟା କରୁଛି, ସ୍ତ୍ରୀ ସ୍ୱାମୀର ହତ୍ୟା କରୁଛି, କେତେ ଅସହ୍ୟ ଓ ଅସୁରକ୍ଷିତ ମଣିଷ ଜୀବନ। କେହି ଯଦି ବାହାରେ କେଉଁ ପଶୁର ଆକ୍ରମଣର ଶିକାର ହୁଏ ସେ ଧାଇଁ ଧାଇଁ ଘରକୁ, ନିଜ ଲୋକଙ୍କ ପାଖକୁ ଚାଲିଆସେ। ନିଜ ଘର ପ୍ରତ୍ୟେକ ମଣିଷ ପାଇଁ ସୁରକ୍ଷିତ ଆଶ୍ରୟସ୍ଥଳୀ, କିନ୍ତୁ ଯଦି ଘର ଭିତରେ ନିଜ ଲୋକମାନଙ୍କ ଦ୍ୱାରା ଆକ୍ରମଣର ଶୀକାର ହେବାକୁ ପଡେ, ମଣିଷ ଆଉ କୁଆଡେ ଯିବ ? ଏତେ ହିଂସ୍ରତା କାହିଁକି ଆଜି ମଣିଷ ଭିତରେ ? ଜନ୍ମ ହେଉ ହେଉ ମଣିଷ ହିଂସ୍ର ହୋଇଯାଏନି, ସେଥିପାଇଁ ତାର ପରିବାର, ପରିବେଶ, ପରିସ୍ଥିତି ଅନେକାଂଶରେ ଦାୟୀ ରହିଥାଏ। ମଣିଷ ଆଜି ସୁଖରେ ଜୀବନ କାଟିବାକୁ ଏତେ ବ୍ୟସ୍ତ, ବିବ୍ରତ ଓ ଅଣନିଃଶ୍ୱାସୀ ହୋଇ ଧାଉଁଛି ଯେ ତା ପାଖରେ ପରିବାର ପାଇଁ ସମୟ ନାହିଁ। ସେ ସୁଖ କିଣିବାକୁ ଯାଇ ବାସ୍ତବିକ ସୁଖକୁ ହିଁ ହରେଇ ଦଉଛି। ପରିବାରରେ ପିଲାଟି ଦିନରୁ ନୈତିକ ମୂଲ୍ୟବୋଧ, ସଂସ୍କାର, ଶ୍ରଦ୍ଧା, ସମ୍ମାନ, ଆଧ୍ୟାତ୍ମିକତା ପ୍ରତି ପିଲାର ଆଗ୍ରହ ରହୁନାହିଁ, ଯାହା ଫଳରେ ପରିବାରର ବାତାବରଣ ବା ପରିବେଶ ଖରାପ ଖରାପ ହେଉଛି। କ୍ରମଶଃ ଏଭଳି ଏକ ସ୍ୱାର୍ଥବାଦୀ ପରିବେଶରେ ରହି ରହି ନିଜର ମାନସିକତା ଏତେ ବିକୃତ ହେଉଛି ଯେ କୌଣସି ବି ଅପ୍ରୀତିକର ପରିସ୍ଥିତି ଜନ୍ମନେବା ସ୍ୱାଭାବିକ। ପିଲାଟି ଦିନରୁ ମଣିଷ ବିଗିଡିବା ଆରମ୍ଭ କଲେ ବଡ ହେବା ପରେ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହି ଅପରାଧ କରିବାକୁ ପଛାଇବ ନାହିଁ ଏବଂ ଏ ଅପରାଧ କଲାବେଳେ ସେ ଦେଖିବ ନାହିଁ ଏଇଟା ଘର କି ବାହାର।

ଯେଉଁ ମନରେ ଶ୍ରଦ୍ଧା, ମମତା, ଆତ୍ମୀୟତା ଭଳି ସୁଗୁଣ ନଥାଏ, ସେ ସ୍ଥାନ କେବଳ ହତ୍ୟା, ଲୁଣ୍ଠନ, ବ୍ୟଭିଚାର ଭଳି ଦୂର୍ଗୁଣର ବାସସ୍ଥାନ ହୋଇଥାଏ, ମଣିଷପଣିଆ ମରିଯାଏ। ତେବେ ଆଜି ଯେଉଁ ଭୟାବହ ପରିସ୍ଥିତି ଦେଇ ଦୁନିଆ ଗତି କରୁଛି, ଆଜି ଯଦି ନିଜ ଲୋକଙ୍କ ଦ୍ୱାରା ଆକ୍ରମଣ ହେଉଛି, ଯଦି ଆଜି ମଣିଷ ନିଜ ଘରେ ନିଜେ ଅସୁରକ୍ଷିତ, ସେଥିପାଇଁ ଆମେ ନିଜକୁ ହିଁ ଦୋଷୀ ଭାବିବା ଉଚିତ୍। କାରଣ ଆମେ ସମାଜ ପାଇଁ ଏମିତି ସଂସ୍କାରୀ ସନ୍ତାନଟିଏ ଗଢି ନାହେଁ,ଏମିତି ପରିବାରର ପରିବେଶକୁ ସଜାଡିବାରେ ନିଜକୁ ନିୟୋଜିତ କରିନାହେଁ,ତେଣୁ ଆମେ ଯେମିତି ବୁଣିବା ସେମିତି କାଟିବାକୁ ପଡ଼ିବ। ମାଆ ପେଟରୁ ଅପରାଧୀ ଜନ୍ମ ନେଇ ନଥାଏ। ପରିବାର, ପରିବେଶ ଓ ପରିସ୍ଥିତି ମଣିଷକୁ ଅପରାଧୀ ହେବାକୁ ବାଟ ଦେଖାଏ। ଆମ ପରିବାରରେ ଆମେ ସୁରକ୍ଷିତ ଅଛେ କି ଭୟରେ ରହୁଛେ ତାହା ଆମର କର୍ମ ଓ ଦାୟିତ୍ୱବୋଧ ହିଁ କହିପାରିବ।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ମଧୁମେହ ରୋଗୀ ଖାଇପାରିବେ ପିଜୁଳି

**ମଧୁମେହ ରୋଗୀଙ୍କ ପାଇଁ ସବୁଠୁ ବଡ଼ ସମସ୍ୟା ହେଉଛି ଖାଦ୍ୟରେ କଟକଣା। ମଧୁମେହ ହେଲେ ବିଭିନ୍ନ ପ୍ରକାର ଖାଦ୍ୟ ଖାଇବାକୁ ବାରଣ କରାଯାଏ। ତେଣୁ ସେମାନେ ଅନେକ ପରିବା ଓ ଫଳଠୁ ଦୂରେଇ ରୁହନ୍ତି। କିନ୍ତୁ ଜାଣନ୍ତି କି ମଧୁମେହ ହୋଇଥିଲେ ପିଜୁଳି ବି ଖାଇପାରିବେ। ଏଥିରେ ଥିବା ପଷୋକ ତତ୍ତ୍ୱ ମଧୁମେହ ରୋଗୀଙ୍କ ପାଇଁ ସ୍ୱାସ୍ଥ୍ୟକର ହୋଇ ଥିବାବେଳେ ଏହା ରକ୍ତ ଶର୍କରା ସ୍ତରକୁ ବୃଦ୍ଧି କରିନଥାଏ। ତେଣୁ ମଧୁମେହ ରୋଗୀଙ୍କୁ ବିଭିନ୍ନ ଫଳ ଖାଇବାକୁ ବାରଣ କରାଯାଉ ଥିଲେ ମଧ୍ୟ ସେମାନେ ପିଜୁଳି ଖାଇପାରିବେ। କିନ୍ତୁ ଅତ୍ୟଧିକ ଖାଇବା ସ୍ୱାସ୍ଥ୍ୟ ପାଇଁ ହାନିକାରକ। ତେବେ ଦିନକୁ କେତେ ପିଜୁଳି ଖାଇବା ଠିକ୍, ଜାଣନ୍ତୁ...**

ପିଜୁଳିକୁ ପୋଷକ ତତ୍ତ୍ୱ ଦୃଷ୍ଟିରୁ ଆପଲଠାରୁ ଉତ୍ତମ ଭାବେ ବିବେଚନା କରାଯାଏ। ଶୀତଦିନରେ ପିଜୁଳି ପ୍ରଚୁର ପରିମାଣରେ ମିଳିଥାଏ। ପ୍ରଚୁର ମିଳେ ବୋଲି ଏକା ସାଙ୍ଗରେ ଅଧିକ ଖାଇବା ଆଦୌ ଉଚିତ୍ ନୁହେଁ, ଦିନକୁ ଗୋଟିଏ ପିଜୁଳି ଖାଇବା ସ୍ୱାସ୍ଥ୍ୟ ପାଇଁ ଉପକାରୀ।

**ମଧୁମେହ ରୋଗୀଙ୍କ ପାଇଁ ପିଜୁଳିର ଉପକାରିତା**

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ଅନୁସାରେ, ପିଜୁଳିରେ ଗ୍ଲାଇସେମିକ୍ ଇଣ୍ଡେକ୍ସ ୧୨-୨୪ ମଧ୍ୟରେ ଥାଏ। ଏହା ବ୍ୟତୀତ ଅନେକ ଭିଟାମିନ ମଧ୍ୟ ମିଳିଥାଏ, ଯାହା ରକ୍ତରେ ଶର୍କରା ସ୍ତରକୁ ନିୟନ୍ତ୍ରଣରେ ରଖିଥାଏ। ପିଜୁଳିରେ ଭିଟାମିନ୍ ସି, ଫାଇବର, ଆଇରନ, ପୋଟାସିୟମ, ଲାଇକୋପିନ ଏବଂ ଆଣ୍ଟି-ଅକ୍ସିଡାଣ୍ଟ ମିଳିଥାଏ, ଏହି କାରଣରୁ ପିଜୁଳି ଖାଇବା ଦ୍ୱାରା ରକ୍ତରେ ଶର୍କରା ନିୟନ୍ତ୍ରଣ ହୋଇଥାଏ। ଏହା ବ୍ୟତୀତ ପିଜୁଳି ଖାଇବା ଦ୍ୱାରା ଓଜନ କମିଥାଏ ଏବଂ ଶରୀରରେ ଇନସୁଲିନ ପ୍ରତିରୋଧକ ଉନ୍ନତ ହୋଇଥାଏ।

**କେତେବେଳେ ପିଜୁଳି ଖାଇବା ଉଚିତ୍ ?**

ମଧୁମେହ ରୋଗୀମାନେ ଦିନକୁ ଗୋଟିଏ ବଡ଼ ପିଜୁଳି ଖାଇପାରିବେ। ଅନ୍ୟ ସମୟ ଅପେକ୍ଷା ସକାଳେ ପିଜୁଳି ଖାଇବା ଅଧିକ ଲାଭଦାୟକ ବୋଲି



ବିବେଚନା କରାଯାଏ। ଏହା ଦିନସାରା ବ୍ଲଡ ସୁଗାର (ରକ୍ତ ଶର୍କରା)କୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ। ସକାଳେ ଖାଲି ପେଟରେ ପିଜୁଳି ଖାଇବା ଦ୍ୱାରା ପେଟ ଏବଂ ହଜମ ସମ୍ବନ୍ଧୀୟ ସମସ୍ୟାରୁ ମଧ୍ୟ ମୁକ୍ତି ମିଳେଏ। ଏହା କୋଷ୍ଠକାଠିନ୍ୟରୁ ମଧ୍ୟ ମୁକ୍ତି ଦେଇଥାଏ।

# ଗରମାଗରମ ରୋଟି ସହ ଖାଆନ୍ତୁ ଚିକେନର ଏହି ସୁନ୍ଦର ରେସିପି

**ଆବଶ୍ୟକ ସାମଗ୍ରୀ :** ଭୃସଙ୍ଗ ପତ୍ର, ଚିକେନ, ପିଆଜ, ଅଦା, ରସୁଣ, ବସା ଦହି, ଲୁଣ, ହଳଦିଗୁଣ୍ଡ ଓ ଲଙ୍କାଗୁଣ୍ଡ, ଗୋଟା ଗରମ ମସଲା ଓ ରିଫାଇନ ତେଲ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଭୃସଙ୍ଗ ପତ୍ରକୁ ବାଟି ରଖନ୍ତୁ। ଏକ ପାତ୍ରରେ ଚିକେନ, ପିଆଜବଟା, ଅଦା ରସୁଣ ବଟା, ବସା ଦହି, ଲୁଣ, ହଳଦିଗୁଣ୍ଡ ଓ ଲଙ୍କାଗୁଣ୍ଡକୁ ପକାଇ ଗୋଳାଇ ଦିଅନ୍ତୁ। ପରେ ଗ୍ୟାସ ଲଗାଇ କରେଇ ବସାନ୍ତୁ। କରେଇ ଗରମ ହେବା ପରେ ସେଥିରେ ତେଲ ପକାଇ ଗୋଟା ଗରମ ମସଲା ପକାନ୍ତୁ। ଏହାପରେ ସେଥିରେ କିଛି ଫୁଟଣ ପକାଇ କଟା ପିଆଜ ପକାନ୍ତୁ। କଟା ପିଆଜ ଗୋଲଡେନ ଫ୍ରାଏ ହୋଇ ଯିବା ପରେ ସେଥିରେ



ମ୍ୟାରିନେଟ ହୋଇଥିବା ଚିକେନ ପକାଇ ଦିଅନ୍ତୁ। ଏହାପରେ ଗ୍ୟାସ୍ ଚୁଲାକୁ ସିମ୍ କରି କରେଇକୁ ଘୋଡ଼ାଇ ଦିଅନ୍ତୁ। ସେଥିରେ କିଛି କଞ୍ଚାଲଙ୍କା ବି ପକାଇ ପାରିବେ। ଚିକେନ ସିଝି ଆସିବା ପରେ ସେଥିରେ ଭୃସଙ୍ଗପତ୍ର ବଟାକୁ ପକାଇ ଗୋଳାଇ ଦିଅନ୍ତୁ। ୨ରୁ ୩ ମିନିଟି ପରେ ପ୍ରସ୍ତୁତ ହୋଇଯିବ ଭୃସଙ୍ଗ ପତ୍ର ବଟା ଚିକେନ । ସେଥିରୁ ସବୁ ପାଣି ମାରି ଦିଅନ୍ତୁ ।ଏବେ ସେଥିରେ ଚଟପଟା ସ୍ୱାଦ ଆଣିବାକୁ କିଛି ଲେମ୍ବୁ ଚିପୁଡ଼ି ଦିଅନ୍ତୁ। ଆପଣ ଏହାକୁ ଗରମାଗରମ ରୋଟି କିମ୍ବା ନାନ୍ ସହ ପରଷନ୍ତୁ। ଏହା ଖାଇବାକୁ ଖୁବ୍ ସ୍ୱାଦିଷ୍ଟ ଲାଗିଥାଏ ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର ୪
୨୮ ନଭେମ୍ବର ୨୦୨୪, ଗୁରୁବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ହିନ୍ଦୁ ବିଦ୍ୱେଷ...

ବାଂଲାଦେଶରେ ହିନ୍ଦୁ ବିରୋଧୀ ଆକ୍ରୋଶ ଚରମ ସୀମାରେ ପହଞ୍ଚିଛି। ହିନ୍ଦୁ ମନ୍ଦିର ଭଙ୍ଗାରୁଜା ସହିତ ହିନ୍ଦୁ ଧର୍ମାବଲମ୍ବୀଙ୍କୁ ଆକ୍ରମଣ କରି ସମଗ୍ର ବିଶ୍ୱରେ ନିନ୍ଦିତ ହେବା ପରେ ମଧ୍ୟ ସେଠାକାର କାମଚଳା ସରକାର ଏ ଦିଗରେ କୌଣସି କଠୋର ପଦକ୍ଷେପ ନେଇଥିବା ଜଣାପଡୁନାହିଁ। ବୋଧହୁଏ ସେଠାକାର ରାଷ୍ଟ୍ରୀୟ ଭାବନା ଓ ଧର୍ମଧାରଣା ଆଗରେ ଦେଶର ଧର୍ମନିରପେକ୍ଷତା ଭାବମୂର୍ତ୍ତି ବଳି ପଡ଼ିଛି। ସଦ୍ୟତମ ଘଟଣାରେ କ୍ରିଷ୍ଣା ଦାସ ନାମକ ଜନୈକ ଇସ୍କନ୍ ସଦସ୍ୟ ତଥା 'ବାଂଲାଦେଶ ସମ୍ମିଳିତ ସନାତନ ଜାଗରଣ ଜୋଟ୍'ର ପ୍ରବକ୍ତାଙ୍କୁ ବାଂଲାଦେଶ ପୁଲିସ ରାଜଦ୍ରୋହ ଅପରାଧରେ ଗିରଫ କରିଛି ଏବଂ ଅଦାଲତ ତାଙ୍କ ଜାମିନ ନାମଞ୍ଜୁର କରିଛି। ଏହି ଘଟଣାକୁ ଭାରତ ନିନ୍ଦା କରିବା ସହିତ ସେଠାରେ ସଂଖ୍ୟାଲଘୁଙ୍କ ସୁରକ୍ଷାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛି। ମୁସଲିମ୍ ବହୁଳ ରାଷ୍ଟ୍ର ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁଙ୍କ ସମେତ ମ୍ରୋ, ତ୍ରିପୁରି, ଓରାଓଁ, ଖାସି, ବାରମାନ୍, ଗାରୋ ଆଦି ପ୍ରାୟ ୫୦ ଗୋଷ୍ଠୀ ବସବାସ କରିଆସୁଛନ୍ତି, ଯେଉଁମାନେ ସାମ୍ପ୍ରଦାୟିକ ଦଙ୍ଗାରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ଏବଂ ନ୍ୟାୟିକ ପ୍ରକ୍ରିୟାରେ ଅବହେଳିତ। ବାଂଲାଦେଶର ସରକାରୀ ପରିସଂଖ୍ୟାନ ଅନୁଯାୟୀ ୨୦୨୨ ସୁଦ୍ଧା ସେଠାରେ ମୋଟ ଜନସଂଖ୍ୟାର ୯୧ ପ୍ରତିଶତ ମୁସ୍‌ଲିମ୍ ଥିବା ବେଳେ ସଂଖ୍ୟାଲଘୁଙ୍କ ସଂଖ୍ୟା ୮.୯୫ ପ୍ରତିଶତ। ଅଣ-ଇସ୍‌ଲାମିକ୍ ଧର୍ମାବଲମ୍ବୀଙ୍କ ମଧ୍ୟରେ ବୌଦ୍ଧ ଧର୍ମାବଲମ୍ବୀ ଚକ୍‌ମା ସମ୍ପ୍ରଦାୟର ସଂଖ୍ୟା ସର୍ବାଧିକ। ସବୁଧର୍ମକୁ ସମ୍ମାନ ଦେଉଥିବା ସାନ୍ତାଳମାନଙ୍କ ସଂଖ୍ୟା ସେଠାରେ ୦.୧୨ ପ୍ରତିଶତ। ୧୯୭୫ ମସିହାରେ ସେହି ଦେଶର ସମ୍ବିଧାନ ଇସ୍‌ଲାମ୍‌କୁ ରାଷ୍ଟ୍ରୀୟ ଧର୍ମ ଭାବେ ସ୍ୱୀକୃତ ଦେଇଥିବା ବେଳେ ୨୦୧୦ରେ ସମ୍ବିଧାନ ସଂଶୋଧନ ବଳରେ ବାଂଲାଦେଶ ଏକ ଧର୍ମନିରପେକ୍ଷ ରାଷ୍ଟ୍ର ଭାବେ ଘୋଷିତ। କିନ୍ତୁ ସେଠାରେ ସବୁଧର୍ମକୁ ସମ୍ମାନ ଓ ସୁରକ୍ଷା ଦେବା କେବଳ କାଗଜପତ୍ରରେ ସୀମିତ ରହିଯାଇଛି। ସାମ୍ପ୍ରଦାୟିକ ବିଦ୍ୱେଷୀ ଆକ୍ରମଣରୁ ସଂଖ୍ୟାଲଘୁଙ୍କୁ ନା ସୁରକ୍ଷା ମିଳୁଛି ନା ନ୍ୟାୟିକ ବ୍ୟବସ୍ଥାରେ ସେମାନଙ୍କ ସ୍ୱାର୍ଥ ସୁରକ୍ଷିତ ରହୁଛି। ଗତ ଅଗଷ୍ଟ ମାସ ପରେ ଅଣ-ମୁସ୍‌ଲିମ୍ ସାମ୍ପ୍ରଦାୟିକ ବିଦ୍ୱେଷ ଆହୁରି ଅଣାୟତ୍ତ ହୋଇଛି। ଉଦ୍ଦେଶ୍ୟମୂଳକ ଭାବେ ସଂଖ୍ୟାଲଘୁଙ୍କ ପାଇଁ ସ୍ୱତନ୍ତ୍ର ମନ୍ତ୍ରଣାଳୟ କରାଯାଇ ନଥିବା ମଧ୍ୟ ଅଭିଯୋଗ ହେଉଛି। ଆମେରିକା କଂଗ୍ରେସର ଏକ ତଥ୍ୟ ଅନୁଯାୟୀ, ୧୯୭୦ ପ୍ରାରମ୍ଭରେ ବାଂଲାଦେଶ(ତତ୍କାଳୀନ ପୂର୍ବ ପାକିସ୍ତାନ)ରେ ବଙ୍ଗାଳୀ ହିନ୍ଦୁମାନଙ୍କୁ ପାକିସ୍ତାନୀ ସେନାର ଅକଥନୀୟ ଓ ବର୍ବରୋଚିତ ନିର୍ଯାତନା ସବୁ ସୀମା ଉଲ୍ଲଙ୍ଘନ କରିଥିଲା। ହିନ୍ଦୁମାନଙ୍କୁ ବାସଚ୍ୟୁତ କରାଯିବା ସହିତ ମହିଳାମାନଙ୍କୁ ବଳାତ୍କାର ଏକ ସାଧାରଣ ଘଟଣା ପାଲଟିଥିଲା। ବିଶେଷକରି ୧୯୭୧, ମାର୍ଚ୍ଚ ୨୫ ତାରିଖରୁ ବାଂଲାଦେଶରେ ଏହି ହିନ୍ଦୁବିଦ୍ୱେଷୀ ମନୋଭାବ ନିର୍ଣ୍ଣାୟକ ମୋଡ଼ ନେଲା। ପାକିସ୍ତାନୀ ସେନାଙ୍କ ଅମାନବୀୟ ଆକ୍ରମଣରୁ ରକ୍ଷା ପାଇବା ପାଇଁ ଢାକା ବିଶ୍ୱବିଦ୍ୟାଳୟର ଜଗନ୍ନାଥ ହଲ୍‌ରେ ଆଶ୍ରୟ ନେଇଥିବା ୧୦ ହଜାର ହିନ୍ଦୁଙ୍କୁ ଅତି ନିର୍ମମ ଭାବେ ପାକିସ୍ତାନୀ ସେନା ହତ୍ୟା କରିଥିଲା। ପାକିସ୍ତାନୀ ସେନାଙ୍କ ଏହି ହିନ୍ଦୁ ନିପାତ ଅଭିଯାନ ପ୍ରାୟ ୧୦ ମାସ ଧରି ଚାଲିଲା। ଏଥିରେ ପ୍ରାୟ ୩ ନିୟୁତ ହିନ୍ଦୁ ମୃତ୍ୟୁବରଣ କରିବା ସହିତ ହଜାର ହଜାର ମହିଳା ଓ କିଶୋରୀ ପାକିସ୍ତାନୀ ସେନାଙ୍କ ଦ୍ୱାରା ପାଶବିକ ଅତ୍ୟାଚାରର ଶିକାର ହେଲେ। ୧୦ ନିୟୁତ ଲୋକ ଦେଶାନ୍ତରିତ ହେଲେ। ସେମାନଙ୍କ ଭିଟାମାଟି, ଦୋକାନ ଘର ଓ ବ୍ୟବସାୟକୁ ପାକିସ୍ତାନୀ ସେନା ବଳପୂର୍ବକ ଦଖଲ କରିନେଲା। ଏହାକୁ ତତ୍କାଳୀନ ଆମେରିକା ସିନେଟ୍ ପାକିସ୍ତାନୀ ସେନାର ଏକ ବିଧିବଦ୍ଧ ଆତଙ୍କବାଦ ଅଭିଯାନ ରୂପେ ଅଭିହିତ କରିଥିଲା। ବାଂଲାଦେଶର ସ୍ୱାଧୀନତା ପରେ ମଧ୍ୟ ଏହି ହିନ୍ଦୁବିଦ୍ୱେଷୀ ଧାରା ଅଦ୍ୟାବଧି ବଳବତ୍ତର ରହିଛି। ବାଂଲାଦେଶରେ ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ ଓ ବିଦ୍ୱେଷର କାରଣ ଖୋଜିବା ବେଳେ ସାମ୍ପ୍ରଦାୟିକ ଓ ଧର୍ମୀୟ ଭାବନା ଅପେକ୍ଷା ସେଠାକାର ମୂଳ ବାସିନ୍ଦାଙ୍କ ଅସୁରକ୍ଷିତ ମାନସିକତା ଅଧିକ ରହୁଥିବା ସ୍ପଷ୍ଟ ହେଉଛି। ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁଙ୍କ ସ୍ୱାର୍ଥ ଓ ଅଧିକାରର ସୁରକ୍ଷା ପାଇଁ ୧୯୮୩ରେ ବାଂଲାଦେଶ ସରକାରଙ୍କ ଦ୍ୱାରା 'ଦ ହିନ୍ଦୁ ୱେଲଫେୟାର ଟ୍ରଷ୍ଟ(ହିନ୍ଦୁ କଲ୍ୟାଣ ନ୍ୟାସ)' ହିଁ ଏହି ବିଦ୍ୱେଷର ମୂଳମଞ୍ଜି ବୋଲି କୁହାଯାଉଛି। ସେଠାରେ ୨୦ ହଜାରରୁ ଊର୍ଦ୍ଧ୍ୱ ହିନ୍ଦୁ ପୀଠର ବିକାଶ, ସମ୍ପ୍ରସାରଣ ଓ ବିଭିନ୍ନ ଉତ୍ସବ ଅନୁଷ୍ଠାନ ବାଂଲାଦେଶୀ ସରକାରୀ ଆର୍ଥିକ ସହାୟତାରେ ସମ୍ପନ୍ନ ହୁଏ। ଶେଖ୍ ହସିନାଙ୍କ ପତନ ପରେ ସେଠାକାର କାମଚଳା ୟୁନୁସ ସରକାର ସମ୍ମୁଖୀନ ହୋଇଥିବା ସାମ୍ପ୍ରଦାୟିକ ଅପବାଦର କାଳିମା ଧୋଇବା ପାଇଁ ପୂର୍ବରୁ ଦୁର୍ଗାପୂଜାରେ ଦିଆଯାଉଥିବା ଗୋଟିଏ ଦିନର ସରକାରୀ ଛୁଟିକୁ ଦୁଇଦିନ ବୃଦ୍ଧି କରିଥିବା ବେଳେ ଭବିଷ୍ୟତରେ ଚାରିଦିନ କରିବାକୁ ଯୋଜନା କରିଛନ୍ତି। ଅପରପକ୍ଷରେ 'ହିନ୍ଦୁ କଲ୍ୟାଣ ନ୍ୟାସ'କୁ ସମ୍ପୂର୍ଣ୍ଣ ସରକାରୀ ନିୟନ୍ତ୍ରଣ ମୁକ୍ତ କରିବା ଲାଗି ସେଠାକାର ହିନ୍ଦୁ ସଂଗଠନମାନେ ଦାବି କରି ଆସୁଛନ୍ତି। ଅନ୍ୟ ସଂଖ୍ୟାଲଘୁ ସମ୍ପ୍ରଦାୟ ମଧ୍ୟ ସେହିଭଳି ସରକାରୀ ବ୍ୟବସ୍ଥା ଦାବି କରି ଆସୁଥିବାରୁ ସେଠାକାର ମୂଳ ମୁସ୍‌ଲିମ ଓ ମୌଳବାଦୀଙ୍କ ମନରେ ସ୍ୱାଭାବିକ ଈର୍ଷା ଓ ଅସୂୟା ବଢ଼ିବାରେ ଲାଗିଛି।

## ନକଲି ହେଲମେଟ ମାୟାଜାଲ ଭିତରେ ସଡ଼କ ସୁରକ୍ଷା ନିୟମ ଚୁଲିକି...



### ଅଭୟ କୁମାର ଦାସ

ଉଦବେଗଜନକ ଭାବେ ସଡ଼କ ଦୁର୍ଘଟଣା ଦିନକୁ ଦିନ ବଢୁଛି। ବ୍ୟାପକ ଧନଜୀବନ ହାନି ସହ ମାଳ ମାଳ ମାମଲା ନ୍ୟାୟାଳୟରେ ରୁଜୁ ହେଉଛି । ତେବେ ସଡ଼କ ସୁରକ୍ଷା ଓ ଜୀବନ ରକ୍ଷା କ୍ଷେତ୍ରରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କୁହାଯାଉଥିବା ହେଲମେଟ ଏବେ ବ୍ୟାପକ ମାତ୍ରାରେ ନକଲି ଭାବରେ ବଜାରକୁ ଆସୁଛି ତାହା ସଡ଼କ ସୁରକ୍ଷା ଦୁର୍ଘଟଣାକୁ ଆହୁରି ବିଗାଡ଼ି ଦେଉଛି। ନିୟମ ଅନୁଯାୟୀ ବାଇକ ଚାଳକମାନେ ନିଜ ନିଜର ସୁରକ୍ଷା ନିମିତ୍ତ ପିନ୍ଧୁଥିବା ହେଲମେଟରେ ବ୍ୟୁରୋ ଅଫ ଇଣ୍ଡିଆନ ଷ୍ଟାଣ୍ଡାର୍ଡ଼ର ଆଇଏସଆଇ ମାର୍କ ରହିବା ଅତ୍ୟନ୍ତ ଜରୁରୀ। ସେହିପରି ଆଇନଗତ ଭାବେ ଆଇଏସଆଇ ମାର୍କ ନଥିଲେ ସେହି ହେଲମେଟ ଗୁଡ଼ିକ ବଜାରରେ ବିକ୍ରି ହେବା ନିଷିଦ୍ଧ ଓ ଏହାକୁ ବିକ୍ରି କରୁଥିବା ବ୍ୟବସାୟୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ବ୍ୟବସ୍ଥା ରହିଛି କିନ୍ତୁ ଏ ସବୁ ସତ୍ତ୍ୱେ ଏବଂ ବ୍ୟାପକ ସଚେତନତା ଜାରି ହେଲେ ବି ବଜାରରେ ଶସ୍ତାରେ ବିନା ଆଇଏସଆଇ ମାର୍କା ହେଲମେଟ ବ୍ୟାପକ ଭାବେ ବିକ୍ରି ହେଉଛି ଯାହାକି ଚିନ୍ତାଶୀଳ ବ୍ୟକ୍ତିମାନଙ୍କ ପାଇଁ ଦ୍ୱିଧା ଭିତରକୁ ଠେଲି ଦେଉଛି। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ନକଲି ହେଲମେଟ ବା ବିନା ଆଇଏସଆଇ ହେଲମେଟ ଗୁଡ଼ିକ ନିମ୍ନମାନର ହୋଇଥିବାରୁ ଓ ଏଥିରେ ଆଘାତ ପ୍ରତିରୋଧ ଶକ୍ତି ନଥିବାରୁ ଗାଡ଼ି ଚାଳକ ଦୁର୍ଘଟଣା ସମୟରେ ମୃତ୍ୟୁମୁଖରେ ପଡୁଛନ୍ତି। ଏହି ଘଟଣାଟି କେବଳ ଗାଡ଼ି ଚାଳକ ବା ବୁଦ୍ଧିଜିବୀ ମାନଙ୍କ ନୁହେଁ ଏପରି ଏକ ସମ୍ବେଦନଶୀଳ ପ୍ରସଙ୍ଗକୁ ଫୋରମ ଫର ପ୍ରିଭେନସନ ଅଫ ରୋଡ଼ ଆକ୍ସିଡେଣ୍ଟ ମଧ୍ୟ ଗୁରୁତର ଭାବେ ତଥ୍ୟ ରଖିଛି।

ଏଠାରେ ସୂଚନା ଥାଉକି ୨୦୨୧ ମସିହାରେ ନକଲି ହେଲମେଟ ବିରୁଦ୍ଧରେ ଏହାର ବିକ୍ରି ଓ ବ୍ୟବହାରକୁ ନେଇ ଫୋରମ ଫର ପ୍ରିଭେନସନ ଅଫ ରୋଡ଼ ଆକ୍ସିଡେଣ୍ଟ ପକ୍ଷରୁ କଟକ ଓ ସମ୍ବଲପୁର ପରି ବଡ଼ ସହରରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏ ନେଇ ସଂସ୍ଥା ପକ୍ଷରୁ ପରିବହନ ବିଭାଗର ମୁଖ୍ୟ ସଚିବ, କମିଶନର ଓ ଡିସିପିଙ୍କୁ ସାକ୍ଷାତ କରି ତଥ୍ୟଭିତ୍ତିକ ନିବେଦନ କରାଯାଇଥିଲା ଯେ ପ୍ରତି ଥାନା ଅଞ୍ଚଳରେ ଯେପରି ଏହି ନକଲି ଓ ନିମ୍ନମାନର ବିନା ଆଇଏସଆଇ ଯୁକ୍ତ ହେଲମେଟ ନିଜ ନିଜ ଥାନା ଅଞ୍ଚଳରେ ବିକ୍ରି ନହୁଏ ଏ ପ୍ରସଙ୍ଗକୁ କଠୋର ଭାବେ ଦୃଷ୍ଟି ଦେବା ସହ ଏହି ବିକ୍ରି ବିରୁଦ୍ଧରେ ଦୃଢ଼ ଓ ଶିକ୍ଷଣୀୟ କାର୍ଯ୍ୟାନୁଷ୍ଠାନ ନେବେ। ତେବେ ବର୍ତ୍ତମାନ ବଜାରକୁ ଦେଖିଲେ ଯାହା ଜଣାପଡୁଛି ଏହି ନିୟମ କେବଳ କାଗଜ କଲମରେ ଓ ସରକାରଙ୍କ ନିର୍ଦ୍ଦେଶ ଭିତରେ ସୀମିତ ରହିଯାଇଛି। ବଜାରରେ ବିକ୍ରି ହେଉଥିବା ହେଲମେଟ ବିଷୟରେ ତଥ୍ୟ ନେଲେ ଯାହା ଜଣାପଡୁଛି ଅସଲି ହେଲମେଟର ମୂଲ୍ୟ ସର୍ବନିମ୍ନ ଏକ ହଜାର ଟଙ୍କା ପାଖାପାଖି ରହିଛି କିନ୍ତୁ ନକଲି ଗୁଡ଼ିକ ତିନିଶହରୁ ଚାରି ଶହ ଟଙ୍କା ଭିତରେ ମିଳିଯାଉଛି। ହେଲମେଟ ଅସଲି କି ନକଲି ଏହାକୁ ପରୀକ୍ଷଣ କରି ଉନ୍ନତମାନର ସାର୍ଟିଫିକେଟ ଦେବା ଦାୟିତ୍ୱ ହେଉଛି କ୍ୱାଲିଟି କଣ୍ଟ୍ରୋଲ ବ୍ୟୁରୋର। ସେହିପରି ହେଲମେଟ କାରବାରକୁ ରୋକିବା, ତଦନ୍ତ ବା ଚଢ଼ଉ କରିବା ଦାୟିତ୍ୱ ପରିବହନ ବିଭାଗର ଅନ୍ତର୍ଗତ ନୁହେଁ। ଅସଲି ହେଲମେଟରେ ଇମପ୍ୟାକ୍ଟ ପ୍ରୁଫ ବ୍ୟବସ୍ଥା ରହିଥାଏ ଯାହାର ଉପର ଭାଗ ଏକ କଠିନ ସ୍ତରରେ ତିଆରି। ଭିତରେ ଏକ ମୋଟା ସ୍ପଞ୍ଜର ଦୃଢ଼ ଆବରଣ ରହିଥାଏ। ଏହାପରେ ଏହାକୁ ଘୋଡ଼ାଇ ରଖିବା ପାଇଁ ଏକ କପଡ଼ାର ବ୍ୟବସ୍ଥା କରାଯାଇଥାଏ। ହେଲମେଟର ବାହାର ପଟେ ଦୁର୍ଘଟଣାବଶତଃ କୌଣସି ତୀବ୍ର ଆଘାତ ବା ମାଡ଼ ହେଲେ ଦୃଢ଼ ସ୍ପଞ୍ଜର ସ୍ତର ଏହି ଆଘାତକୁ ମୁକାବିଲା ନିରୋଧ ଭାବେ ଗ୍ରହଣ କରିଥାଏ ଯାହାଦ୍ୱାରା ହେଲମେଟ ଆରୋହୀର ମୁଣ୍ଡ ପର୍ଯ୍ୟନ୍ତ କୌଣସି ଆଘାତ ପହଞ୍ଚିବା ସମ୍ଭବ ହୋଇନଥାଏ। କିନ୍ତୁ ନକଲି ହେଲମେଟରେ ଏହି ସ୍ପଞ୍ଜର ସ୍ତର ଅତ୍ୟନ୍ତ ନିମ୍ନମାନର ଯାହାକି ସାମାନ୍ୟ ଆଘାତମାତ୍ରେ ଭାଙ୍ଗି ଯାଇଥାଏ। ତେଣୁ ଗାଡ଼ି ଚାଳକ ଗୁରୁତର ଭାବେ ଆଘାତପ୍ରାପ୍ତ ହୋଇଥାନ୍ତି ଓ କେତେକ କ୍ଷେତ୍ରରେ ଅକାରଣରେ ଜୀବନ ଦୀପ ଲିଭିଯାଇଥାଏ। ବର୍ଷର ବିଭିନ୍ନ ସମୟରେ ବିଭିନ୍ନ ଆରଟିଓ ପକ୍ଷରୁ ଅସଲି ଓ ନକଲି ହେଲମେଟ କିଭଳି ଚିହ୍ନିବେ ଏହାର ନମୁନା ପ୍ରଦର୍ଶନ କରାଯାଇ ଅନେକ ସଚେତନଧର୍ମୀ କାର୍ଯ୍ୟକ୍ରମର ଆୟୋଜନ କରାଯାଏ। ତେବେ ସାମାନ୍ୟ ହାତୁଡ଼ିଟିରେ ଗୋଟିଏ ମାଡ଼ ଦେବା ମାତ୍ରେ ନକଲି ବା ବିନା ଆଇଏସଆଇ ମାର୍କା ହେଲମେଟ ଭାଙ୍ଗିଯିବାର ସମ୍ଭାବନା ରହିଥିବାବେଳେ ଅସଲି ହେଲମେଟରେ ଏହା ସମ୍ଭବ ହୋଇନଥାଏ।

ବ୍ୟୁରୋ ଅଫ ଇଣ୍ଡିଆନ ଷ୍ଟାଣ୍ଡାର୍ଡ଼ର ହେଲମେଟ ଚାଳକ ପିନ୍ଧିବା ବାଧ୍ୟତାମୂଳକ ବୋଲି ୧୯୮୮ ମୋଟର ଯାନ ଆଇନର ଧାରା ୧୯୪ରେ କୁହାଯାଇଛି। ୨୦୨୦ ନଭେମ୍ବର ୨୬ରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରାଳୟ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ କୌଣସି ହେଲମେଟ ବିନା ଆଇଏସଆଇ ମାର୍କରେ ବିକ୍ରି କରାଯାଇପାରିବ ନାହିଁ। କିନ୍ତୁ କେବଳ କଟକ, ଭୁବନେଶ୍ୱର ନୁହେଁ ରାଜ୍ୟର ପ୍ରାୟ ପ୍ରତ୍ୟେକ ଅଞ୍ଚଳରେ ଏବେ ନକଲି ହେଲମେଟ କାରବାର ବ୍ୟାପକ ହେବାରେ ଲାଗିଛି। ଆମ ମାନଙ୍କ ଭିତରେ ଅନେକ ବାସ୍ତବରେ ଏହି ଅସଲି ଓ ନକଲିର ପ୍ରଭେଦ ସମ୍ପର୍କରେ ଜାଣି ପାରିନଥାନ୍ତି। କେତେକଙ୍କ କ୍ଷେତ୍ରରେ ଏ ନେଇ ସଚେତନତା ଥିଲେ ମଧ୍ୟ ଶସ୍ତା ଲୋଭରେ ନକଲିକୁ କିଣିବାକୁ ପସନ୍ଦ କରିଥାନ୍ତି। ଏହି ନକଲି ହେଲମେଟ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିମିତ୍ତ ସ୍ୱତନ୍ତ୍ର ଦାୟିତ୍ୱ ବ୍ୟୁରୋ ଅଫ ଇଣ୍ଡିଆନ ଷ୍ଟାଣ୍ଡାର୍ଡ଼ର ଯାହାର କାର୍ଯ୍ୟାଳୟ ରାଜଧାନୀ ଭୁବନେଶ୍ୱରରେ ଥିଲାବେଳେ କେବଳ ସଡ଼କ ସୁରକ୍ଷା ସପ୍ତାହଟିକୁ ଛାଡ଼ିଦେଲେ ବର୍ଷର ଅନ୍ୟ ସମସ୍ତ ଦିନରେ ଏହି ସଂସ୍ଥା ଏକ ପ୍ରକାର ନିଷ୍କ୍ରିୟ କହିଲେ ଅତ୍ୟୁକ୍ତି ହେବନାହିଁ। କେବଳ ଦ୍ୱୈତ ନଗରୀ କଟକ-ଭୁବନେଶ୍ୱରରେ ନୁହେଁ ଛତୁ ଫୁଟିଲା ଭଳି ରାଜ୍ୟର ବିଭିନ୍ନ ଛୋଟବଡ଼ ସହରରେ ଏହି ନକଲି ହେଲମେଟର ବଜାର ବହୁତ ଜୋର। ବଡ଼ କଥା ହେଉଛି ସମସ୍ତଙ୍କ ସାମ୍ନାରେ, ସମସ୍ତଙ୍କ ଜଣାତରେ ଏହି କାରବାର ହେଉଥିଲେ ମଧ୍ୟ ଉଦାସୀନତା ହିଁ ସବୁଠାରୁ ଉଦବେଗର ପ୍ରସଙ୍ଗ। ଲୋକମାନଙ୍କ ଭିତରେ ସଚେତନତା ସେତେଟା ହୋଇପାରୁ ନାହିଁ। ଶସ୍ତାରୁ ହୀନସ୍ତା ଅର୍ଥ ଶସ୍ତା ହେଲମେଟ କିଣିବା ମାନେ ଦୁର୍ଘଟଣାରେ ଅକାଳ ଜୀବନ ହାନୀ ନିଶ୍ଚିତ। ଆମ୍ଭେମାନେ ନିତିଦିନିଆ ଜୀବନରେ ନିଜ ନିଜର ବ୍ୟକ୍ତିଗତ ଖର୍ଚ୍ଚ ଓ ଅନ୍ୟାନ୍ୟ ବିଳାସ ଖର୍ଚ୍ଚ ପାଇଁ ହାତ ଖୋଲା ପଇସା ଖର୍ଚ୍ଚ କରୁଥିଲେ ବି ହେଲମେଟ କିଣିବା କ୍ଷେତ୍ରରେ ପ୍ରାୟତଃ ଶସ୍ତାକୁ ଆଦରୁ ଥିବାରୁ ଏହା ହିଁ ସବୁଠାରୁ ବଡ଼ ଦୁର୍ଭାଗ୍ୟର କାରଣ। ପରିବହନ ବିଭାଗ, ସରକାର, ପ୍ରଶାସନ, କ୍ୱାଲିଟି କଣ୍ଟ୍ରୋଲ ବ୍ୟୁରୋ, ବ୍ୟୁରୋ ଅଫ ଇଣ୍ଡିଆନ ଷ୍ଟାଣ୍ଡାର୍ଡ଼ ଏ ମାନଙ୍କ ଉପରେ କେବଳ ଦୋଷ ଲଦି ଦେଲେ ଆମର ଦାୟିତ୍ୱ ସରିବ ନାହିଁ। ଯେ ପର୍ଯ୍ୟନ୍ତ ଆମ ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ମୁଣ୍ଡର ସୁରକ୍ଷା ପାଇଁ ନିଜେ ନ ଚେତି ନ ବୁଝିଛେ ଏହାର ଅର୍ଥ ଆମ୍ଭେମାନେ ନିଜ ଅଭାବନୀୟ ଦୁର୍ଘଟଣା, ଯନ୍ତ୍ରଣା ଓ ମୃତ୍ୟୁକୁ ନିମନ୍ତ୍ରଣ କରୁଛୁ। ପ୍ରଶାସନ ତା ଦାୟିତ୍ୱ ନିର୍ବାହ କରୁ ଆସନ୍ତୁ ଆମ୍ଭେମାନେ ସଚେତନ ହୋଇ ଅନ୍ତତଃ ପକ୍ଷେ ନକଲି ହେଲମେଟ କିଣିବା ନାହିଁ ଏବଂ ନକଲି ହେଲମେଟ ବିକ୍ରି ହେଉଥିବା ନେଇ ସ୍ଥାନୀୟ ପରିବହନ ବିଭାଗକୁ ତତକ୍ଷଣାତ ତଥ୍ୟ ଭିତ୍ତିକ ସୂଚନା ଦେବା।

ଗୋତରା, ମାହାଙ୍ଗା, କଟକ
ମୋ : ୯୪୩୭୧୪୨୭୧୭

## ଖାଦ୍ୟାଭାବ ଏବଂ ଜନସଂଖ୍ୟା



### ବିଷ୍ଣୁ ପ୍ରସାଦ ଦାସ

ନଭେମ୍ବର ୧୫, ୨୦୨୨ ମସିହା ସୁଦ୍ଧା ପୃଥିବୀର ଜନସଂଖ୍ୟା ୮୦୦ କୋଟି ଛୁଇଁଲା, ଏହା ଏକ ଉଦ୍‌ବେଗ ଜନକ ବିଷୟ, ୨୦୨୩ ମସିହାରେ ୮୦୯ କୋଟି, ୨୦୨୪ ସୁଦ୍ଧା ୮୧୬ କୋଟି ପହଞ୍ଚି ଗଲାଣି । ଜନସଂଖ୍ୟା ବୃଦ୍ଧି ସହିତ ପୁଷ୍ଟିକର ଖାଦ୍ୟ ପେୟ, ବାସସ୍ଥାନ, ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶର ସନ୍ତୁଳନ, ଶୃଙ୍ଖଳିତ ଜୀବନ ଯାପନ ତଥା ଉତ୍ତମ ଶାସନ ଉପରେ ମଧ୍ୟ ଧ୍ୟାନ ଦେବାର ସମୟ ଉପନୀତ ଅନ୍ୟଥା ଏହା ଏକ ଜଟିଳ ପରିସ୍ଥିତି ସୃଷ୍ଟି କରିବ ସେଥିରେ ବିଶ୍ୱ ସମୁଦାୟ ଭାଗିଦାର ହେବେ, ଅକ୍ଷେ ବହୁତେ ସବୁ ଦେଶ ଉପରେ ଏହାର ଅନେକ କୁପ୍ରଭାବ ପଡିପାରେ । ମିଳିତ ଜାତିସଙ୍ଘର ଆକଳନ ଅନୁଯାୟୀ ପୃଥିବୀରେ ଦ୍ରୁତ ଗତିରେ ବଢୁଥିବା ଜନସଂଖ୍ୟା ପୃଥିବୀ ପାଇଁ ଏକ ଆହ୍ୱାନ ହୋଇଛି । ଏକଶହ କୋଟି ଜନସଂଖ୍ୟାରୁ ଦୁଇଶହ କୋଟି ଜନସଂଖ୍ୟା ପହଂଚିବାକୁ ଯେତେବେଳେ ୧୨୫ ବର୍ଷ ଲାଗିଥିଲା ସେହି ସଂଖ୍ୟା ଏବଂ ଅନୁପାତ ବର୍ତ୍ତମାନ ୭୦୦ କୋଟି ଜନସଂଖ୍ୟାରୁ ୮୦୦ କୋଟି ଜନସଂଖ୍ୟା ହେବାକୁ ମାତ୍ର ୧୨ ବର୍ଷ ଲାଗିଲା, ଏହି ଗତିରେ ଯଦି ଜନସଂଖ୍ୟା ବଢିଚାଲେ ତେବେ ୨୦୩୦ ସୁଦ୍ଧା ଜନସଂଖ୍ୟା ବଢି ୮୫୦ କୋଟି ଛୁଇଁବ ୨୦୫୦ ବେଳକୁ ୯୭୦ କୋଟିରେ ଏବଂ ୨୦୮୦ ବେଳକୁ ୧୦୦୦ କୋଟି, ୨୧୦୦ ମସିହା ବେଳକୁ ୧୦୪୦ କୋଟି ଜନସଂଖ୍ୟା ହୋଇଯିବ ଏଥିରେ କୌଣସି ସନ୍ଦେହ ନାହିଁ। ତେବେ ମିଳିତ ଜାତିସଂଘର ଆକଳନ ଅନୁଯାୟୀ ଏହି ଜନସଂଖ୍ୟା ବିସ୍ଫୋରଣର ମୁଖ୍ୟ ଦେଶ ଗୁଡିକ ହେଲା ଆଫ୍ରିକା ମହାଦେଶର କଙ୍ଗୋ, ଇଥିଓପିଆ, ଇଜିପ୍ଟ, ତାଞ୍ଜାନିଆ ଏବଂ ନାଇଜେରିଆ, ଏସିଆ ମହାଦେଶର ଭାରତ, ପାକିସ୍ତାନ ଏବଂ ଫିଲିପାଇନ୍ସ । ଭାରତର ଜନସଂଖ୍ୟା ଚୀନକୁ ଟପି ଯାଇଛି, ଏହା ଶୁଣିବାକୁ ଯେତେ ସହଜ ପ୍ରକୃତ ପକ୍ଷେ ଏହାକୁ ମୁକାବଲା କରିବା ତାହା ଠାରୁ କଷ୍ଟ ସାଧ୍ୟ ଜିନିଷ। ସରକାରୀ ତଥା ବେସରକାରୀ ସ୍ତରରେ ପ୍ରତ୍ୟେକ ଦେଶ ଗୁରୁତ୍ୱର ସହ ବିଚାର କରିବା ଉଚିତ ।

ଯଦି ବିଗତ ୭୪ ବର୍ଷର ଜନସଂଖ୍ୟାକୁ ଦେଖିବା ତେବେ ଆମେ ୧୯୫୦ ମସିହାକୁ ଫେରିଯିବା ଏବଂ ପ୍ରତି ପାଞ୍ଚ ବର୍ଷ ବ୍ୟବଧାନର ଜନସଂଖ୍ୟାର ମୋଟା ମୋଟି ବିବରଣୀର ସମୀକ୍ଷା କରିବା । ୧୯୫୦-୨୫୦ କୋଟି, ୧୯୫୫ -୨୭୪.୬ କୋଟି, ୧୯୬୦- ୩୦୧.୯ କୋଟି, ୧୯୬୫-୩୩୩.୭ କୋଟି, ୧୯୭୦-୩୬୯.୫ କୋଟି, ୧୯୭୫-୪୦୬.୯କୋଟି, ୧୯୮୦-୪୪୪.୪ କୋଟି, ୧୯୮୫- ୪୮୬.୧କୋଟି, ୧୯୯୦-୫୩୧.୬ କୋଟି, ୧୯୯୫-୫୭୪.୩ କୋଟି, ୨୦୦୦-୬୧୪.୮ କୋଟି, ୨୦୦୫- ୬୫୫.୮ କୋଟି, ୨୦୧୦- ୬୯୮.୫ କୋଟି, ୨୦୧୫ -୭୪୨.୬ କୋଟି, ୨୦୨୦-୭୮୪ କୋଟି, ୨୦୨୨- ନଭେମ୍ବର ୧୫ - ୮୦୦ କୋଟି , ୨୦୨୩ -୮୦୯ କୋଟି, ୨୦୨୪ -୮୧୬ କୋଟି ୭୪ ବର୍ଷ ମଧ୍ୟରେ ଜନସଂଖ୍ୟା ୨୫୦ କୋଟିରୁ ବଢି ୮୧୬ + କୋଟିରେ ପହଂଚି ଗଲାଣି ଏହା ବିଶ୍ୱ ପାଇଁ ଏକ ନକାରାତ୍ମକ ସଂକେତ ଛଡା ଆଉ କିଛି ନୁହେଁ। ବିସ୍ଫୋରିତ ଜନସଂଖ୍ୟାକୁ ନିୟନ୍ତ୍ରିତ ନ'କଲେ ଏହା ବୁମେରାଙ୍ଗ ପରି ଆମକୁ କାଳ ହେବା ସୁନିଶ୍ଚିତ । ଜନସଂଖ୍ୟା ବୃଦ୍ଧି ହେଲେ କଣ ଅସୁବିଧା ହେବ? ଏହି ପ୍ରଶ୍ନ ହୁଏତ ଅନେକଙ୍କ ମନରେ ଉଙ୍କି ମାରୁଥିବ, ସମ୍ୟକ ଜ୍ଞାନରୁ ଉତ୍ତର ହେଲା, ପରିବେଶର ସନ୍ତୁଳନ ବଜାୟ ରହିବ ନାହିଁ, ଖାଦ୍ୟ ପେୟ, ପାନୀୟଜଳ, ବାସସ୍ଥାନର ଘୋର ଅଭାବ ପରିଲକ୍ଷିତ ହେବ ଯାହାକି ବର୍ତ୍ତମାନ ସମୟରେ ଅନେକ ଦେଶରେ ଦେଖା ଦେଲାଣି ।

ଜଳ :- ପୃଥିବୀର ଗଚ୍ଛିତ ଜଳ ମଧ୍ୟରୁ ୯୬ ପ୍ରତିଶତ ଲୁଣ ଯୁକ୍ତ ସମୁଦ୍ର ଜଳ ଯାହାକି ପାନୀୟ ପାଇଁ ଅନୁପଯୁକ୍ତ । ବରଫ ପାହାଡ଼, ଗ୍ଲସିଆର ଏବଂ ସ୍ଥାୟୀ ବରଫ ୧.୬ ଭାଗ, ଭୂତଳ ଜଳ ୧.୬୪ ଭାଗ, ସତେଜ ଜଳ ୦.୭୬ ଭାଗ ତେଣୁ ଅନୁମାନ କରନ୍ତୁ ତିନି ଚତୁର୍ଥାଂଶ ଜଳ ମଧ୍ୟରୁ କେତେ ଭାଗ ଆମେ ବ୍ୟବହାର କରିପାରିବା ? ସାଧାରଣତଃ ଆମେମାନେ ନଦୀ ଗୁଡିକ ଉପରେ ନିର୍ଭରଶୀଳ, କିଛି ସ୍ଥାନରେ ଭୂତଳ ଜଳର ମଧ୍ୟ ଉପଯୋଗ କରା ଯାଇ ଥାଏ, କିଛି ବିକଶିତ ରାଷ୍ଟ୍ର ଗୁଡିକ ଏବେ ବର୍ଷା ଜଳ ଅମଳ ଉପରେ ଗୁରୁତ୍ୱ ଦେଇ ସାରିଲେଣି । ଜଳ ସଂରକ୍ଷଣ ନ' କଲେ ଆଗାମୀ ପିଢ଼ି ଆମକୁ ଆମର ଦାୟିତ୍ୱ ହୀନତା ପାଇଁ ଦାୟୀ କରିବେ । ସ୍ୱଚ୍ଛ ପାନୀୟ ଜଳକୁ ସଞ୍ଚିତ କରି ରଖିବା ତଥା ନିତ୍ୟ ବ୍ୟବହୃତ ଜଳକୁ ବିଶୋଧିତ କରି ପୁନଃ କାର୍ଯ୍ୟରେ ଲଗା ଯାଇ ପାରେ। ବର୍ଦ୍ଧିତ ଜନସଂଖ୍ୟାକୁ ନଜରରେ ରଖି ନୂତନ ଜଳ ଉତ୍ସର ସନ୍ଧାନ କରିବାକୁ ପଡିବ ନଚେତ ଜୀବନ ର ସତ୍ତା ରହିବ ନାହିଁ ।

ଖାଦ୍ୟ :-ବର୍ତ୍ତମାନ ପୃଥିବୀ ପୃଷ୍ଠରେ ଆଠ ଶହ ଷୋହଳ କୋଟି ଲୋକଙ୍କ ପାଇଁ ଖାଦ୍ୟ ହୁଏତ ଠିକ୍ ରୂପେ ମିଳି ଯାଉଛି କିନ୍ତୁ ଆଗାମୀ ଦିନରେ ଯଦି କୃଷି ଉପରେ ଗୁରୁତ୍ୱ ଦିଆ ନ'ଯାଏ ତେବେ ବିଶ୍ୱରେ ଉତ୍କଟ ଖାଦ୍ୟାଭାବ ପରିଲକ୍ଷିତ ହେବ । ମନୁଷ୍ୟ ସାଧାରଣତଃ ଖାଦ୍ୟ ପାଇଁ କୃଷି ଜାତ ଦ୍ରବ୍ୟ, ଜଙ୍ଗଲରୁ ଆମଦାନୀ ହେଉଥିବା ଖାଦ୍ୟ, ଖାଦ୍ୟ ଉପଯୋଗୀ ପଶୁ ପକ୍ଷୀଙ୍କ ମାଂସ, ନଦୀ ସମୁଦ୍ରରୁ ଉତ୍ପାଦିତ ମାଛ ତଥା ଅନ୍ୟ ଜଳଚର ଜୀବ ମାନଙ୍କ ଉପରେ ନିର୍ଭରଶୀଳ, ଅନେକ କୃଷି କ୍ଷେତ୍ର ସମୟ ଚକ୍ରରେ କଂକ୍ରିଟ ଜଙ୍ଗଲରେ ପରିଣତ ହେଲାଣି ଲୋକ ମାନଙ୍କର କୃଷି ପ୍ରତି ଆଗ୍ରହ ଧୀରେ ଧୀରେ କମି ଯାଉଛି, ଜୈବିକ ସାର ବଦଳରେ ରାସାୟନିକ ସାର ପ୍ରୟୋଗ ଦ୍ୱାରା ଚାଷ ଜମିର ଉତ୍ପାଦିକା ଶକ୍ତି କମି କମି ଯାଉଛି । ପ୍ରତି ମନୁଷ୍ୟ ପ୍ରତିଦିନ ହାରାହାରି ୧.୮୭ କି:ଗ୍ରା ଖାଦ୍ୟ ଗ୍ରହଣ କରିଥାଏ ଏବଂ ବାର୍ଷିକ ହାରାହାରି ୬୭୫ କି:ଗ୍ରା ଖାଦ୍ୟ ଗ୍ରହଣ କରେ ଏହା ମଧ୍ୟରେ ଦୁଗ୍ଧ ଜାତୀୟ ପାନୀୟ, ଚାଉଳ, ଗହମ, ପନିପରିବା, ଆଳୁ,ପଶୁ ମାଂସ, ସାମୁଦ୍ରିକ ମାଛ ଇତ୍ୟାଦି ଖାଦ୍ୟ ଅନ୍ତର୍ଭୁକ୍ତ, ପରିସଂଖ୍ୟନରୁ ଅନୁମାନ କରନ୍ତୁ ଆଠ ଶହ ଷୋହଳ କୋଟି ଲୋକଙ୍କ ପାଇଁ କେତେ ଖାଦ୍ୟର ଆବଶ୍ୟକତା ରହିଛି ? ଆଜି ମଧ୍ୟ ଅନେକ ଦେଶ ଖାଦ୍ୟାଭାବ ଭିତରେ ଗତି କରୁଛି ଏବଂ ଅନେକ ଦେଶରେ ସଚେତନତା ଅଭାବରୁ ଅନେକ ଖାଦ୍ୟ ନଷ୍ଟ ହେଉଛି । ଆଫ୍ରିକା ମହା ଦେଶର ନାମବିଆ ଦେଶ ଗତ ଅଗଷ୍ଟ ମାସରେ ୭୨୩ ଜଙ୍ଗଲୀ ଜନ୍ତୁ ମଧ୍ୟରୁ ୮୩ ଟି ହାତୀ, ୩୦ ଟି ଜଳ ହସ୍ତୀ ୩୦୦ ଜେବ୍ରା ହତ୍ୟାକରି ମନୁଷ୍ୟ ମାନଙ୍କର ଖାଦ୍ୟାଭାବ ଦୂର କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲା, ଠିକ୍ ସେହିପରି, ଜିମ୍ବାବୋ ଦେଶ ଖାଦ୍ୟାଭାବ ପାଇଁ ୨୦୦ ହାତୀ ମାରିବାର ଆଦେଶ ଦେଇଥିଲା, ଏଥିରୁ ଅନୁମାନ କରନ୍ତୁ ବିଶ୍ୱ ଆଜି କେଉଁଠି ପହଂଚି ଗଲାଣି । ବର୍ତ୍ତମାନ ଖାଦ୍ୟାଭାବ ଦେଇ ଗତି କରୁଥିବା କିଛି ଦେଶର ନାମ ହେଲା ୧. ସୋମାଲିଆ, ୨. ୟେମେନ୍, ୩. ଚାଡ଼, ୪. ମାଡାଗାସ୍କର , ୫. କଙ୍ଗୋ,୬. ହାଇତି, ୭. ନାଇଜର, ୮. ଲାଇବେରିଆ, ୯. ସେଣ୍ଟ୍ରାଲ ଆଫ୍ରିକାନ ରିପବ୍ଲିକ୍, ୧୦. ରିପବ୍ଲିକ୍ ଅଫ କୋରିଆ । କିଛି ଏସିଅ ଦେଶ ମଧ୍ୟ ଖାଦ୍ୟ ସଙ୍କଟ ମଧ୍ୟରେ ଗତି କରୁଛି, ଆଗାମୀ ଦିନର ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଏବେ ଠାରୁ ସମସ୍ତେ ସଚେତନ ହେବା ଉଚିତ୍ ଅନ୍ୟଥା ଦିନେ ଆମକୁ ପଶ୍ଚାତାପ୍ କରିବାକୁ ମଧ୍ୟ ସମୟ ମିଳିବ ନାହିଁ ।

ଭାରତ ସରକାର ଆଗାମୀ ପାଞ୍ଚ ବର୍ଷ ନିମନ୍ତେ ପ୍ରାୟ ୮୦ କୋଟି ଲୋକଙ୍କୁ ମାଗଣା ଚାଉଳ ଦେବାକୁ ନିଷ୍ପତ୍ତି ନେଇଛନ୍ତି ଏଥିରୁ ଅନୁମେୟ ୮୦ କୋଟି ଲୋକ ଖାଦ୍ୟାଭାବ ଜନିତ ବା ବେକାରୀ ଜନିତ କଷ୍ଟ ଭୋଗୁଛନ୍ତି । ଜନହିତକର ସରକାରଙ୍କର ନିର୍ଣ୍ଣୟ ସନ୍ତୋଷ ଜନକ ହେଲେ ମଧ୍ୟ କେତେ ସଫଳ ହେଉଛି ତାହା କିଏ ତଦାରଖ କରୁଛନ୍ତି ? ଅନେକ ସ୍ଥାନରେ ଖାଦ୍ୟାଭାବ ଜନିତ ମୃତ୍ୟୁ, ଅଖାଦ୍ୟ ଖାଇ ମୃତ୍ୟୁ, ଅପୁଷ୍ଟିକର ଖାଦ୍ୟ ଜନିତ ସ୍ୱାସ୍ଥ୍ୟ ସଙ୍କଟ ବରାବର ଲାଗି ରହିଛି। ଭାରତ ବର୍ଷରେ ଅନେକ ରାଜ୍ୟ ସରକାର ପାଞ୍ଚ ଟଙ୍କିଆ ମିଲ ବା ଖାଦ୍ୟ ବ୍ୟବସ୍ଥା ଲାଗୁ କରିଛନ୍ତି ଏହାର ମୂଳ ଉଦ୍ଦେଶ୍ୟ ହେଲା ଗରିବ ନିଜ ସ୍ୱଳ୍ପ ଆୟରେ ହୋଟେଲ ଖାଦ୍ୟ କିଣି ଖାଇବାକୁ ଅସମର୍ଥ ତେଣୁ ପାଞ୍ଚ ଟଙ୍କିଆ ଖାଦ୍ୟ ଖାଇ ନିଜ ଜୀବନ ବଞ୍ଚାଇ ପାରିବେ କିନ୍ତୁ ଏହି ପାଞ୍ଚ ଟଙ୍କିଆ ମିଲ୍ ବା ଥାଳି ଖାଇବାକୁ ଆସୁଥିବା ଲୋକ ମାନେ କେତେ ସ୍ୱଚ୍ଛଳ ଦେଖିଛନ୍ତି କି ? ଲକ୍ଷାଧିକ ଟଙ୍କାର ବାଇକ /ସ୍କୁଟି ଚଢି ଆସିବେ, ଏ : ସି ବସରେ ଯାତ୍ରା କରିବେ କିନ୍ତୁ ଗରିବ /ନିଃସହାୟ ଙ୍କ ଲାଗି ଉଦ୍ଦିଷ୍ଟ ଖାଦ୍ୟ ପାଞ୍ଚ ଟଙ୍କାରେ ଖାଇବେ । ଏହା କଣ ସରକାରୀ ବାବୁ ଦେଖୁ ନାହାନ୍ତି ? କି ପ୍ରକାର କର୍ତ୍ତବ୍ୟ କରନ୍ତି ଏମାନେ ? ଝାଂଟିକା ମାରି ବଣି ପୋଷିବା ପରି କାର୍ଯ୍ୟ ମନେ ହୁଏ, ତେଣେ ଗରିବ ଆମ୍ବ ଟାକୁଆ ଜାଉ ଖାଇ ମରୁଛନ୍ତି, ଆଉ ସହର ବଜାରରେ ବାବୁ ମାନେ ଗରିବଙ୍କ ପାଞ୍ଚ ଟଙ୍କିଆ ଆହାର ଖାଇ ଫୁର୍ତ୍ତି କରିବେ। ଯଦି ପାରୁଛନ୍ତି ତେବେ ପୋକରା ଚାଉଳ ନ ବାଣ୍ଟି ଓଡ଼ିଶାର ପ୍ରତି ଗ୍ରାମରେ (ଓଡିଶାର ପ୍ରାୟ ୫୧ ହଜାରରୁ ଉର୍ଦ୍ଧ ଗ୍ରାମ) ପାଞ୍ଚ ଟଙ୍କିଆ/ ଟଙ୍କିକିଆ ଆହାର କେନ୍ଦ୍ର ଖୋଲନ୍ତୁ, ଶିଶୁ /ବୃଦ୍ଧ /ବୃଦ୍ଧା ମାନଙ୍କୁ କ୍ଷୁଧାରୁ ବଞ୍ଚାନ୍ତୁ । ଖାଦ୍ୟ ନିୟମ ଅନୁଯାଇ ଖାଦ୍ୟ ନଷ୍ଟ କରିବା ଏକ ଅପରାଧ, ଏହି ନିୟମକୁ କଡା କଡି ପାଳନ କରା ଯାଉ, ବିବାହ ଠାରୁ ଆରମ୍ଭ କରି ଅନେକ ଭୋଜି ଭାତ, ହୋଟେଲ, ରେଳଗାଡ଼ି, ଉଡ଼ା ଜାହାଜ ଇତ୍ୟାଦିରେ ପ୍ରତିଦିନ କୁଇଣ୍ଟାଲ କୁଇଣ୍ଟାଲ ଖାଦ୍ୟ ନଷ୍ଟ ହୁଏ ଯାହାକୁ ଆମେ ଚାହିଁଲେ ରୋକି ପାରିବା ଏବଂ ବଳକା ଖାଦ୍ୟକୁ ଭୋକିଲା ମନୁଷ୍ୟ /ଜୀବ ଜନ୍ତୁଙ୍କୁ ଦେଇ ପାରିବା। ଏଥିପାଇଁ କେବଳ ଆମର ଦୃଢ଼ ମାନସିକତାର ଆବଶ୍ୟକତା ସହିତ ସରକାରୀ ନିୟମକୁ କଠୋର ଭାବେ କାର୍ଯ୍ୟକାରୀ କରିବାକୁ ହେବ । ସରକାର ଯଦି ଜନ ହିତକର କାର୍ଯ୍ୟକୁ ଭୁଲିଯାଇ ଭୋଟ ପାଇଁ ବିଚଳିତ ହେବେ ତେବେ ଆମେ ଯେମିତି ଅଛୁ ଠିକ୍ ସେମିତି ଥିବା (ନୂତନ ଯୋଜନାରେ ଟଙ୍କା ଦେଉଥିବା ସରକାର ଏବଂ ଟଙ୍କା ନେଉଥିବା ମହିଳା ମାନଙ୍କ ସର୍ଭେ କରନ୍ତୁ , ଦେଖିବେ କେତେ ଥିଲା ବାଲା, ଗାଡି ମଟର ଚଢିବା ବାଲା, ଚାକିରିଆ ମହିଳାଙ୍କୁ ଟଙ୍କା ମିଳିଛି, ପ୍ରକୃତ ଗରିବ ଏଥିରୁ ବାଦ ପଡିଗଲେ, ଏହା ଏକପ୍ରକାର ରାଜନୈତିକ ଚାଲ ହୋଇ ପାରେ, ଟଙ୍କା ବାଣ୍ଟି ଚାଲିଲେ ଜନତା ଆତ୍ମ ନିର୍ଭରଶୀଳ ହେବେ ନାହିଁ ବରଂ କର୍ମକୋଡ଼ୀ ହୋଇ ଯାଉଛନ୍ତି, ଚିଡ଼ିଆ ଖାନାର ପଶୁତୁଲ୍ୟ ହାତ ଟେକା ଖାଦ୍ୟକୁ ଚାହିଁ ବସିଛନ୍ତି, ତେଣୁ ସରକାର ଜନତାଙ୍କୁ କର୍ମସଂସ୍ଥାନ ଦିଅନ୍ତୁ) । ଖାଦ୍ୟ ସଙ୍କଟରୁ କେମିତି ଦେଶ ବଞ୍ଚିବ, ଜନସଂଖ୍ୟା କିପରି କମିବ ସେହି ବିଷୟ ପ୍ରତି ଧ୍ୟାନ ଦେବା ଉଚିତ ହେବ । ମିଳିତ ଜାତିସଙ୍ଘ ଦ୍ୱାରା ଭବିଷ୍ୟ ବାଣୀ କରା ଯାଇଥିବା ଆଠ ଗୋଟି ଦେଶ ସମୂହ ଯଦି ଏହି ଭବିଷ୍ୟ ବାଣୀକୁ ଗୁରୁତ୍ୱ ଦେଇ ଜନସଂଖ୍ୟା ହ୍ରାସ ବା ସୀମିତ ରଖିବାକୁ ଚେଷ୍ଟିତ ନ'ହେବେ ତେବେ ଏହାର କୁପରିଣାମ ପାଇଁ ହୁଏତ ସାରା ବିଶ୍ୱକୁ କଷ୍ଟ ଭୋଗିବାକୁ ପଡିବ । ଆଫ୍ରିକୀୟ ଦେଶ କଙ୍ଗୋ, ଇଥିଓପିଆ, ଇଜିପ୍ଟ ଏବଂ ତାଞ୍ଜାନିଆ ଦେଶର ଜଳବାୟୁ, ଧାର୍ମିକ ଭାବନା ତଥା ସରକାର ଙ୍କ ଦୃଷ୍ଟିହୀନତା ପାଇଁ ହୁ ହୁ ହୋଇ ଜନସଂଖ୍ୟା ବଢି ଚାଲିଛି, ସେହି ପରି ଏସୀୟ ଦେଶ ଭାରତ, ପାକିସ୍ତାନ ଫିଲିପାଇନ୍ସ, ବାଂଲାଦେଶ ଇତ୍ୟାଦି ଦେଶରେ ଜନ ସଚେତନତାର ଅଭାବ, କିଛି ଧାର୍ମିକ ଭାବନା, ଅଜ୍ଞତା, ସରକାରଙ୍କ କୋହଳ ମନୋଭାବ ଲାଗି ପରିବାର କଲ୍ୟାଣ କାର୍ଯ୍ୟକ୍ରମର ସୁଫଳ ମିଳୁନାହିଁ, ଆମର ଭୂଲ ଯୋଗୁଁ ଆମର ଉତ୍ତର ପିଢ଼ି ଏହାର ମୁକାବିଲା କରିବେ ତେଣୁ ବେଳହୁଁ ସାବଧାନ ରହିବାକୁ ସର୍ବସାଧାରଣ ତଥା ସରକାରଙ୍କୁ ଅନୁରୋଧ। ଆମେ ନିଜେ ବଞ୍ଚିବା ସହିତ ପୃଥିବୀର ସନ୍ତୁଳନ ପ୍ରତି ଦୃଷ୍ଟି ଦେବା ଉଚିତ୍ । ସରକାରଙ୍କ ଆଖି, କାନ, ବୋଲାଉଥିବା କିଛି ଅଧିକାରୀ ମାନେ ସର୍ବସ୍ୱ ନିଜେ ହଜମ କରି ସରକାରଙ୍କୁ ବଦନାମ କରି ଦେଉଛନ୍ତି, ଏଥି ନିମନ୍ତେ ସରକାର୍ କଠୋର ପଦକ୍ଷେ ନିଅନ୍ତୁ । ଲେଖାରେ କିଛି ତ୍ରୁଟି ରହି ଯାଇ ଥାଇ ପାରେ ସେଥିପାଇଁ ଦୁଃଖିତ । ଜୟ ହିନ୍ଦ୍।

ବରିଷ୍ଠ ନାଗରିକ
ସ୍ନେହ କୁଟୀର, ଝାଞ୍ଜିରୀ ମଙ୍ଗଳା
କଟକ ୭୫୩୦୦୯
ମୋ: ୯୯୩୭୧୭୪୦୯୭




### ଦୀର୍ଘଶ୍ୱାସ ଖାଲି ଯାହା ଆପଣାର...

### ଡାଃ ମନୋରଞ୍ଜନ ଦାଶ



ସବୁଠିଁ ଅହଂର ଛକାପଂଝା ଖେଳ ସୁ-
ନୟନା !
ସ୍ୱାଭିମାନ ଭାଙ୍ଗିଯିବ ବୋଲି
ଭାରି ଭୟ ଲାଗୁଚି ।
ଛଳନାର କୁ-ଚକ୍ରାନ୍ତ ଚଳଚଞ୍ଚଳ
ଏବେ ସବୁଆଡେ..
ସତେ ଯେମିତି ସୂର୍ଯ୍ୟଙ୍କ ଠୁଁ
ସକାଳର ଲାଲିମା କିରଣ
ହଜିଯାଉଚି,ଏଇ ସବୁ ବୃଥା
କଳାବାଦଲ ତଳେ...
ଆତ୍ମୀୟତାକୁ କିଏ
ଭାଙ୍ଗିଦେଉଚି, ହୃଦୟ ପାଖରୁ...
କୃତଘ୍ନପଣ ଖୁବ୍
ସହଜ ଏଠି ।
ଦୀର୍ଘଶ୍ୱାସ ଖାଲି ଯାହା
ଏକାନ୍ତ ଆପଣାର ।

ଞ୍ଚପ୍ରଭାବତୀ ନିଳୟମ୍, ବେଲତଳ,
ପଟ୍ଟାମୁଣ୍ଡାଇ
ଜି : କେନ୍ଦ୍ରାପଡା
ମୋ -୯୪୩୭୩୧୭୭୨୨

### ନାରୀ

### ସଞ୍ଜୟ ଖେମୁଣ୍ଡୁ



ମୁଁ ନାରୀଟିଏ
ଦରକାର ବେଳେ ଖୋଜାପଡ଼େ
ନଚେତ କେଉଁ ଏକ ପରିତ୍ୟକ୍ତ
ଘର କୋଣେ ଅବା ଚୁଲିମୁଣ୍ଡେ
ଅକାରଣେ ସେମିତି ପଡ଼ି ରହେ।

ମୁଁ ଏକ କାଷ୍ଠ ପିତୁଳା
ପୁରୁଷ ହାତରେ
ମୁଁ କେବେ ପଥର ହୁଏ
ପୁଣି ପଥରରୁ ମାନବୀଟିଏ
ତାର ସୁଖ ସୁବିଧା ଅନୁସାରେ।

ହେଇ ଦେଖୁନ
ଏ ବିଶ୍ୱକୁ ଯିଏ ତିଆରି କଲା
ସିଏ ବି ପୁଣି ପୁରୁଷଟିଏ
ସେ କେମିତି ନାରୀ ହୋଇ ପାରିଲାନି
ଯେ ?

ଏହା ଭାବିଲା ବେଳକୁ
ଏ ନିରୀହ ହୃଦୟ ଶୋକରେ ଅଧିର
ହୁଏ।

ମୋର ସ୍ଥାନ ବାସ୍ତବରେ କୋଉଠି ?
ମୁଁ ଖୋଜି ପାଏନି ମୋର ଅସ୍ତିତ୍ୱ-
ଏ ପୁରୁଷ କୈନ୍ଦ୍ରିକ ସମାଜର
ମାନଚିତ୍ରରେ
ମୁଁ ଜନ୍ମ ଦିଏ ନୂତନ ଜୀବନ
ଅଥଚ ମୋର ଜୀବନ ଦହଲୁଥାଏ
ସାରୁପତ୍ରରେ।

ମୁଁ କେବେ ଫିଙ୍ଗାଡ଼ି ହୁଏ ଶକୁନ୍ତଳା
ଭଳି
କଉ ଗୋଟେ ପରିତ୍ୟକ୍ତ ବିଜନ
ବେଳାରେ
ନଚେତ ନାଳ ନର୍ଦ୍ଦମାରେ
ପୁଣି କେବେ ସତୀତ୍ୱର ପରୀକ୍ଷା ଦିଏ
ମୋର ସମଗ୍ର ଜୀବନକୁ ଜାଳି -
ଯୌତୁକ ଯୁଇରେ
ଆଉ କେବେନଙ୍ଗୁଳି ନାଚ କରାହୁଏ
ସଭିଙ୍କ ଆଗରେ
ଅଥଚ ତମେ ଏହାର ମଜା ନେଉଥାଅ
ଅନ୍ଧ ପୁଟୁଳି ବାନ୍ଧି ତମ ଦୁଇ ଆଖିରେ।

କିନ୍ତୁ ଏହା ଭୁଲିଯାଅନି
ସବୁ ଯୁଗର
ମୁଁ ହିଁ ସୃଷ୍ଟି ମୁଁ ହିଁ ପ୍ରଳୟଙ୍କାରୀ
ତେଣୁ ତୁମେ ପ୍ରସ୍ତୁତ ହେଇ ଯାଅ
ଯଥା ଶୀଘ୍ର
ଏଥର ବି ଆସିବି
ଏକ ନୂଆ ରୂପ ଧରି
ଆଉ ଏକ ନୂତନ ଯୁଗର ଅୟମାରମ୍ଭ
କରିବି
ତୁମ ଅହଂପୂର୍ଣ୍ଣ ଛପନ ଇଞ୍ଚିର ଛାତିକୁ
ବିଦାରି ।

ଇଣ୍ଟିଗ୍ରେଟେଡ଼ ବିଇଡି -ଏମଇଡି
ପ୍ରଥମ ବର୍ଷର ଛାତ୍ର
ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ
ବିଶ୍ୱବିଦ୍ୟାଳୟ, ବାରିପଦା
ମୋ:୭୮୫୪୦୧୦୫୧୯



ଧାରାବାହିକ ଉପନ୍ୟାସ

# ଦୁରନ୍ତ ଶିଖା

ଭାଗ-୪୪



ଡ.ସିନ୍ଧୁ ସେନ୍

ଦିଏ । ଏଠି ତ ମୋର ସ୍ୱାର୍ଥ ଜଡ଼ିତ ଅଛି ମୁଁ ତେଣୁ ଏ ସୁଯୋଗ ହାତଛଡ଼ା କରିବି କାହିଁକି ? ମୁଁ ତେଣୁ ମୋ ମୁଣ୍ଡରୁ ସବୁ ଚିନ୍ତାକୁ କାଢ଼ି ଦେଇ କେବଳ ମିଥିଳା ରାଜ୍ୟର ସ୍ୱୟଂମ୍ବର ଚିନ୍ତା କରିବାକୁ ଲାଗିଲି ।

ହଁ ମୋତେ ମିଥିଳା ଯିବାକୁ ପଡ଼ିବ । ମିଥିଳା ଯିବାପାଇଁ ପ୍ରସ୍ତୁତି କରିବାକୁ ସେନାପତିଙ୍କୁ ନିର୍ଦ୍ଦେଶ ଦେଇ ସଭାକକ୍ଷରୁ ବାହାରି ଆସିଲି । ମୋ ମନରୁ ତଥାପି ସଂଶୟ କମି ନଥିଲା । ଭାବୁଥିଲି ମୁଁ ଯାହା କରିବାକୁ ଯାଉଛି ସବୁ ଠିକ୍ କରୁଛି ତ ? ଏଥିରେ ମୋର ସମ୍ମାନ, ମର୍ଯ୍ୟାଦା ଅକ୍ଷୁଣ୍ଣ ରହିବ ତ ? ଅଯୋଧ୍ୟାର ସେଇ ରାଜକୁମାର ଦ୍ୱୟ ମୋର ପ୍ରତିବନ୍ଧକ ହୋଇ ଛିଡ଼ା ହେବେନି ତ ? ଏମିତି ଅନେକ ପ୍ରଶ୍ନ ମୋ ମନକୁ ଆନ୍ଦୋଳିତ କରୁଥିଲା । ଆଉ ମୁଁ ମୋ ହାତପାପୁଲିକୁ ବାରମ୍ବାର ଆଘ୍ରାଣ କରୁଥିଲି । ଆଉ ଯେତେଯେତେ ଆଘ୍ରାଣ କରୁଥିଲି ମୋ ମନରେ ଅହଂକାର ମଧ୍ୟ ବଢ଼ି ଯାଉଥିଲା । ମୋ ହାତ ପାପୁଲିରୁ ଏବେବି ତ ପଦ୍ମରାଗର ଗନ୍ଧ କମିନି । ପୂର୍ବପରି ଅକ୍ଷୁଣ୍ଣ ରହିଛି ତାର ବାସ୍ନା । ତେବେ, ମୁଁ ବିଜୟୀ ନ ହେବି କାହିଁକି ?

ନିଶ୍ଚୟ ହେବି । ହଁ ମୁଁ ଯେ ପର୍ଯ୍ୟନ୍ତ ଜୀବିତ ରହିଥିବି ମୋ ଭିତରେ ଅହଂକାର ନିଶ୍ଚିତ ରହିବ ।

ମୁଁ ରାବଣ ବିଶ୍ୱବିଜୟୀ ହେବା ଯାହାର ଲକ୍ଷ୍ୟ । ସେ କ'ଣ କେବେ ଏଇ ସାମାନ୍ୟ ରାଜକୁମାର ଦ୍ୱୟଙ୍କୁ କେବେ ଭୟ କରିପାରେ ? ଆଉ ଅହଂକାର କଥା ସତରେ କ'ଣ ମୋର ଅହଂକାର ସବୁ ବୃଥା । ମୋର କିନ୍ତୁ ମୋ ନିଜସ୍ୱ ବଳ, ପରାକ୍ରମ ଉପରେ ସଂପୂର୍ଣ୍ଣ ବିଶ୍ୱାସ ଅଛି । ସେଇ ବିଶ୍ୱାସ ହିଁ ମୋତେ ବଡ଼ କରିଛି । ତେଣୁ ଯିଏ ଯାହା ଭାବୁ ନା କାହିଁକି, ମୁଁ ନିଜେ ହାରିଯିବା ଚିନ୍ତା କରିବି କାହିଁକି ?

ମନେ ପଡ଼ି ଯାଉଥିଲା, ପିଲାଦିନେ ପିତୃଆଶ୍ରମରେ ଶିଖିଥିବା ମହତବାଣୀ ସବୁକୁ । ସମସ୍ତଙ୍କୁ ସମଦୃଷ୍ଟିରେ ଦେଖିବାକୁ ସେଠି ଶିକ୍ଷା ଦିଆ ହେଉଥିଲା । ତେବେ, ଆର୍ଯ୍ୟମାନେ ନିଜ ସଂସ୍କୃତି ଏତେ ମହାନ୍ ବୋଲି ଭାବୁଛନ୍ତି କାହିଁକି ? ରାକ୍ଷସ ସଂସ୍କୃତିକୁ ହୀନ ଦୃଷ୍ଟିରେ ଦେଖୁଛନ୍ତି କାହିଁକି ? ତେବେ ଆର୍ଯ୍ୟମାନ କ'ଣ ଭାବନ୍ତି ଅସୁର, ଦାନବ, ରାକ୍ଷସ ଏମାନେ ସବୁ ଏ ବିଶ୍ୱର ଲୋକମାନଙ୍କ ମଧ୍ୟରେ ଗଣା ନୁହଁନ୍ତି ? ଏମାନଙ୍କର କ'ଣ ବଞ୍ଚିବାର ଅଧିକାର ନାହିଁ ? ତେବେ, କ'ଣ ପାଇଁ ରାକ୍ଷସ ମାନଙ୍କ ପ୍ରତି ଆର୍ଯ୍ୟମାନଙ୍କର ଏତେ ବିଦ୍ୱେଷ ଭାବ । ସମସ୍ତେ କହନ୍ତି ମୁନିଋଷିମାନେ ବହୁତ ଜ୍ଞାନୀ । ପ୍ରଜ୍ଞାପୁରୁଷ । ଏତେ ବିଜ୍ଞଜନ ହୋଇ ତାଙ୍କ ଠାରେ ଆମ ମାନଙ୍କ ପ୍ରତି ଏପରି ଘୃଣାଭାବ ଶୋଭାପାଏନା । ଏପଟେ ପୁଣି ଆମ୍ଭମାନଙ୍କୁ ନିପାତ କରିବା ପାଇଁ ଶେଷରେ କ୍ଷତ୍ରିୟ ମାନଙ୍କର ସହାୟତା ନେବାକୁ ମଧ୍ୟ ପଛଘୁଞ୍ଚା ଦେଉନାହାନ୍ତି । ଏପରି ପରିସ୍ଥିତିରେ ମୁଁ ଯଦି ରାକ୍ଷସ ସଂସ୍କୃତି ବଞ୍ଚାଇବା ପାଇଁ ସଂଗ୍ରାମ କରିବାକୁ ବାହାରିଛି ତେବେ, ମୋର ଭୁଲ୍ ରହିଲା କେଉଁଠି ? ବରଂ ସବୁ ଦେଖି, ଜାଣି ମଧ୍ୟ ମୁଁ ଭୀରୁ ପରି ପଛଘୁଞ୍ଚା ଦିଏ । ତେବେ ପୃଥିବୀ ପୃଷ୍ଠରୁ ଦିନେ ନା ଦିନେ ରାକ୍ଷସ କୁଳର ବିଲୋପ ହୋଇଯିବ ।

ଏବେବି ମୋର ଅନ୍ତିମକାଳରେ ସେ ସବୁ ପ୍ରଶ୍ନ ମନରେ ଉଙ୍କି ମାରୁଛି । ମୁଁ ହାରିଯାଇପାରେ ହେଲେ ଭବିଷ୍ୟତ ଇତିହାସ ଦିନେ ତ କହିବ ରାବଣ ବିଶ୍ରବା ଋଷିଙ୍କ ସନ୍ତାନ ହୋଇ ମଧ୍ୟ ରାକ୍ଷସ ସଂସ୍କୃତିକୁ ବଞ୍ଚାଇବା ପାଇଁ ଜୀବନର ଶେଷ ପର୍ଯ୍ୟନ୍ତ ଲଢ଼େଇ ଜାରି ରଖିଥିଲା । ମୋର ପ୍ରତିଟି ରକ୍ତବିନ୍ଦୁ ରାକ୍ଷସ ସଂସ୍କୃତିର ରକ୍ଷାକବଚ ପାଲଟି ଯାଇଥିଲା । ମୁଁ ତେଣୁ ମୋର ରକ୍ତଲିପ୍ତ ଶରୀରକୁ ଝରି ପଡୁଥିବା ଟୋପାଟୋପା ରକ୍ତର ସ୍ୟାହିରେ ମହାକାଶ ବକ୍ଷରେ ଲେଖିଦେବାକୁ ଚାହେଁ, ମୋ ସଂଗ୍ରାମର ଇତିହାସ । ଯାହା ଆଗାମୀ ଭବିଷ୍ୟତ ବଂଶଧର ମାନଙ୍କୁ ମୋତେ ଚିହ୍ନିବାକୁ ଯଥେଷ୍ଟ ହୋଇପାରେ । ମୁଁ ତେଣୁ ଯାହାବି କରିଥିଲି ସେ କେବଳ ରାକ୍ଷସ ସଂସ୍କୃତିର ସୁରକ୍ଷା ପାଇଁ ଏକଥା ତ ସମସ୍ତେ ଦିନେ ନା ଦିନେ ସ୍ୱୀକାର କରିବେ ।

॥ କୋଡ଼ିଏ ॥

ଘଞ୍ଚ ବନପଥ । ଘରିଆଡ଼େ ନିର୍ଜନତା, ନିରବତା । ସେଇ ପଥ ଦେଇ ମୋ ରଥ ଗଡ଼ି ଚାଲିଥିଲା । ବିଭିନ୍ନ ମାନସିକ ଅସ୍ଥିରତା ମଧ୍ୟରେ ମୁଣ୍ଡଟା ଯେମିତି ଶୂନ୍ୟ ଶୂନ୍ୟ ଲାଗୁଥିଲା । ମନରେ ଉଙ୍କି ମାରୁଥିବା ପ୍ରଶ୍ନ ସବୁର ଉତ୍ତର ଖୋଜୁଥିଲି । ତାରି ମଧ୍ୟରେ ରଥ ଯାଇ ମିଥିଳା ରାଜ୍ୟର ସୀମା ମଧ୍ୟକୁ ପ୍ରବେଶ କଲା । ରଥରୁ ଓହ୍ଲାଇ ମିଥିଳାର ଯଜ୍ଞସଭାରେ ପହଞ୍ଚିଗଲି । ସରିଯାଇଥାଏ ଯଜ୍ଞ । ସ୍ୱୟଂମ୍ବର ସଭା ଆରମ୍ଭ ମାତ୍ର । ଉପସ୍ଥିତ ସମସ୍ତ ରାଜା, ମହାରାଜା ମାନଙ୍କର ବେଶ ପରିପାଟୀ ସବୁ ଆଖି ବୁଲାଇ ଦେଖିଲେନି । ବେଶ୍ ଅପୂର୍ବ ଲାଗୁଥିଲା ସେ ଦୃଶ୍ୟରାଜି । ମୋ କାନ୍ଧରେ ଥିବା ପରଶକୁ ବେଶ୍ ରାଜକୀୟ ଠାଣିରେ ଧରିଲି । ଉପସ୍ଥିତ ରାଜାମାନଙ୍କ ମଧ୍ୟରୁ ଅଧିକାଂଶ ମୋ ନିକଟରେ ଥିଲେ ଅପରିଚିତ । ସେମାନଙ୍କ ବଳ, ପରାକ୍ରମ ବିଷୟରେ ମୁଁ ବା ଜାଣିବି କେମିତି ? ମୋର ବେଶଭୂଷାକୁ ସେମାନେ ମଧ୍ୟ ତୀର୍ଯ୍ୟକ୍ ଦୃଷ୍ଟିରେ ଦେଖୁଥିଲେ । ମୋ ବକ୍ଷରେ ଆଚ୍ଛାଦିତ ବ୍ୟାଘ୍ରଚର୍ମକୁ ଦେଖି ସେମାନେ ହୁଏତ ଭାବୁଥିବେ, କିଏ ଏହି ଅପରିଚିତ ବୀରପୁରୁଷ ? ଏହାର ଆସ୍ପର୍ଦ୍ଧା ତ କମ୍ ନୁହେଁ । ଏତେ ବଡ଼ବଡ଼ ବୀରଙ୍କ ସହ ସେ କ'ଣ ସମକକ୍ଷ ? ମୁଁ କିନ୍ତୁ କାହାକୁ ଖାତିର ନକରି ମୋର ସ୍ୱଭାବ ସୁଲଭ ଚାଲିରେ ଆଗେଇ ଯାଇ ଆସନ ଗ୍ରହଣ କଲି ।

ଆମ ସମ୍ମୁଖରେ ରହିଥିଲା ଶିବଧନୁ । ମୁଁ ପୂର୍ବରୁ କେବେ ଏମିତି ଅପୂର୍ବ ଧନୁ ଦେଖି ନଥିଲି । ସେ ଧନୁକୁ ପୁଣି ଆଠଚକ୍ ଲାଗିଥିବା ଏକ ସିନ୍ଦୁକରେ ରଖା ହୋଇଥାଏ । ଆଉ ତାକୁ ଟାଣି ଆଣୁଥିଲେ ଅନେକ ବ୍ୟକ୍ତି । ରାଜା ଜନକ ଉପସ୍ଥିତ ସମସ୍ତଙ୍କୁ ସମ୍ବୋଧନ କରି ସ୍ୱାଗତ ଜଣାଇ ସ୍ୱୟଂମ୍ବରର ସର୍ତ୍ତ ସବୁ କହୁଥିଲେ । ଶିବଧନୁ ବଂଶ ପରମ୍ପରାର କ୍ରମେ ରାଜଭବନରେ ପୂଜିତ ହୋଇ ଆସୁଛି ।

ମନେପଡ଼ିଗଲା, ମୋତେ ମଧ୍ୟ ସେ ସ୍ୱୟମ୍ବର ସଭାକୁ ଯିବାକୁ ନିମନ୍ତ୍ରଣ ମିଳିଛି । ଜନକ ରାଜାଙ୍କ କନ୍ୟା ସାଧାରଣ କନ୍ୟା ନୁହେଁ ସେ ଅଯୋନିସମ୍ଭୂତା । ନିଜ ଜମିରେ ହଳ କରୁଥିବା ସମୟରେ ହଳର ଅଗ୍ରମୂନ ବାଜି ସେ କନ୍ୟାକୁ ରାଜା ପାଇଥିଲେ । ସେ କନ୍ୟା ହିଁ ସୀତା । ଜନକ ରାଜା ମଧ୍ୟ କନ୍ୟା ସ୍ୱୟମ୍ବରରେ ଏକ ସର୍ତ୍ତ ରଖିଥିଲେ । ଯାହା ଥିଲା ଖୁବ୍ କଠିନ । କାରଣ ରାଜାଙ୍କ ପାଖରେ ତାଙ୍କ ପୂର୍ବପୁରୁଷ ଅର୍ଜିତ ଏକ ଶିବଧନୁ ଥିଲା । ଯେଉଁ ବୀରପୁରୁଷ ସେ ଧନୁରେ ଗୁଣ ଚଢ଼ାଇ ପାରିବ । ସେ ହିଁ ହେବ ଜନକଙ୍କ ଜାମାତା । ତେଣୁ ବହୁ ଦୂରଦୂରାନ୍ତରୁ ରାଜା ମହାରାଜା ମାନେ ନିମନ୍ତ୍ରିତ ହୋଇ ସେଠିକୁ ଆସିଥିଲେ । ସମସ୍ତଙ୍କର ଆକର୍ଷଣ କେନ୍ଦ୍ରବିନ୍ଦୁ ଥିଲେ ସ୍ୱୟଂ ସୀତା । ମୋତେ ମଧ୍ୟ ସେଠାକୁ ଯିବାକୁ ପଡ଼ିବ । ମୁଁ ଯିବି, ନିଶ୍ଚୟ ଯିବି । ସେଠି ଖାଲି ସୀତାଙ୍କୁ ଦେଖିବିନି । ରାଜକୁମାର ଦ୍ୱୟଙ୍କ ସହ ମଧ୍ୟ ଦେଖାହେବ ଆଉ ଦେଖାହେବ ଋଷି ବିଶ୍ୱାମିତ୍ରଙ୍କ ସହ ।

ମାତାମହ ମଧ୍ୟ ମୋ ପ୍ରସ୍ତାବରେ ସମ୍ମତି ଦେଇ ମିଥିଳା ଯିବାକୁ ପ୍ରସ୍ତୁତ ହେବାକୁ କହିଲେ । ପ୍ରକୃତରେ ମିଥିଳା ଗଲେ ମୋର ଅନେକ ଲାଭ ହେବ । ଏକାଧାରରେ କନ୍ୟା ଦେଖା ତ ହେବ, ତା ଛଡ଼ା ଶତ୍ରୁ ରାଜାମାନଙ୍କୁ ଅତି ନିକଟରୁ ଦେଖିବାର ସୁଯୋଗ ମଧ୍ୟ ମିଳିବ । ହୋଇପାରେ, ଯଜ୍ଞାନୁଷ୍ଠାନ ଗୁଡ଼ିକ ରାକ୍ଷସ ସଂସ୍କୃତିର ବିରୋଧି । ତେଣୁ ମୋ ପାଇଁ ସେଗୁଡ଼ିକ ନିଷ୍ପ୍ରୟୋଜନ । ମାତ୍ର ସ୍ୱାର୍ଥାନ୍ଧ ମଣିଷ ନିଜ ସ୍ୱାର୍ଥ ପ୍ରତି ବେଶି ମାତ୍ରାରେ ଗୁରୁତ୍ୱ ଦିଏ ।

(କ୍ରମଶଃ)


+ବାରବାଟୀ, ବାଲେଶ୍ୱର
(ମୋ)୯୩୩୭୫୮୦୦୪୫




ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)

# ତ୍ରିପାଦମେଦିନୀ

ଜ୍ୟୋତ୍ସ୍ନାମୟୀ ପଣ୍ଡା



॥ ଭାଗ-୬୯ ॥

ହଁ, ନିଜ ଅନୁଭୂତିରୁ ମୁଁ ବିଶ୍ୱାସ କରୁଛି ଯେ ଆତ୍ମା ଅଛି । ମୋ ବାପା ଜୀବନ ମଧ୍ୟରେ ଭୂତ, ପ୍ରେତଟିଏ କେବେ ଦେଖି ନପାରି ନିରାଶ ହୋଇଥିଲେ । ମୁଁ ମଧ୍ୟ ସେହିପରି ଏହାକୁ ଅନ୍ଧ ବିଶ୍ୱାସ ବୋଲି ମାନେ କରୁଥିଲି । ଆମ ସ୍କୁଲକୁ ବେଳେ ବେଳେ ମ୍ୟାଜିକ ବାଲା ଆସୁଥିଲା । ସେ ନିକଟରେ ବସିଥିବା ଶିକ୍ଷକ ମାନଙ୍କୁ ସେମାନେ କଣ ଖାଇବାକୁ ଅଧିକ ଭଲ ପାଆନ୍ତି ଗୋଟିଏ କାଗଜରେ ଲେଖି ରଖିବାକୁ କହୁଥିଲା । ତାହା ପରେ ସେ ଗୋଟିଏ କିଶୋର ବୟସର ପିଲାକୁ ମାଧ୍ୟମ (ମିଡିୟମ) କରି ଅଚେତ୍ କରି ଦେଉଥିଲା । ସେହି ପିଲାଟି ଯିଏ ଯାହା ଲେଖିଛନ୍ତି, ତାହା କହି ଦେଉଥିଲା । ବୈଜ୍ଞାନିକ ଡଃ ନୃସିଂହ ପଣ୍ଡା ସଙ୍ଗୀତ ସାଧକ ବାଳକୃଷ୍ଣ ବାବୁଙ୍କ ଆତ୍ମା ପାଇଁ ବୋହୂ ହାତରେ ଚା ତିଆରି କରି ଦେଇଥିଲେ ।

ଏହି ପରି ଜ୍ଞାନରୁ ମୁଁ ଆତ୍ମା ବିଷୟରେ ସନ୍ଦିହାନ ଥିଲି । ବହୁତ ବର୍ଷ ତଳେ ମୋର ଜଣେ ନିକଟ ସଂପର୍କୀୟଙ୍କ ଆତ୍ମା ନିଜ ଜୀବିତ ଅବସ୍ଥାରେ ଥରେ ସନ୍ଧ୍ୟା ପରେ ଓ ମୃତ୍ୟୁ ପରେ ଥରେ ସନ୍ଦେହରେ, ଦିବା ଲୋକରେ ଆସି ମୋ ସାମ୍ନାରେ ଛିଡା ହୋଇଗଲା । ପ୍ରଥମ ଥର ସେ କେବଳ ସଂକେତରେ କହିଥିଲେ, କିନ୍ତୁ ଦ୍ୱିତୀୟ ଥର ମୋ ସହ କଥା ବାର୍ତ୍ତା କରିଥିଲେ । ଏହିପରି ଅନୁଭୂତି ମାନ, ତଥା ପଠନରୁ ମୋର ବିଶ୍ୱାସ ଆତ୍ମା ଅଛି ଓ ତନ୍ତ୍ର ବଳରେ ଆତ୍ମା ମାନଙ୍କୁ ଅନ୍ୟ ଶରୀରରେ ପ୍ରବେଶ କରାଇ ଦିଆଯିବା ଓ ପ୍ରତିକ୍ରିୟା ଘଟିବା ପରି ଘଟଣା କେତେକ ସ୍ଥାନରେ ଘଟିଥାଏ।।ଯୋଗ ପରି ତନ୍ତ୍ରକୁ ସତ୍ ଓ ଅସତ୍ ଉଭୟ କାର୍ଯ୍ୟରେ ପ୍ରୟୋଗ କରାଯାଇଥାଏ । ବିଜ୍ଞାନ ବଳରେ ମଧ୍ୟ ଭୂତ, ପ୍ରେତ, ଆତ୍ମା ବିଷୟରେ ଗବେଷଣା ହେଉଅଛି । ଯୋଗବଳରେ କଶ୍ୟପ ନିଜ ଆତ୍ମାକୁ ଏହି ପ୍ରାଣୀ ମାନଙ୍କ ମଧ୍ୟରେ ପ୍ରବେଶ କରାଇ ତାଙ୍କର ସ୍ରଷ୍ଟା ହେବା ଏକ ଆଶ୍ଚର୍ଯ୍ୟ କଥା ନଥିଲା ।

ତିମି, ସିଲ୍ ଡ଼ଲଫିନ,ସମୁଦ୍ର ସିଂହ, ସମୁଦ୍ର ଗାଈ, ଜଳ ହସ୍ତୀ ଆଦି ଜଳଜନ୍ତୁଙ୍କ ପୂର୍ବଜ ଗୋଟିଏ ପ୍ରାଣୀ, ଅନ୍ୟ ଜଳଚର ମାନଙ୍କର ମଧ୍ୟ ସେହିପରି ସାଧାରଣ ପୂର୍ବଜ ଥିଲେ । ଶ୍ୱାପଦ, ଏକ ଖୁର, ଦୁଇଖୁର ପ୍ରାଣୀ ମାନେ ସମସ୍ତଙ୍କ ପୂର୍ବଜ ଜୀବ ଏକ, ଏକ ଥିଲେ । ସରୀସୃପଙ୍କଠାରୁ ପକ୍ଷୀ ସୃଷ୍ଟି ହୋଇଥିଲା । ହୁଏତ କଶ୍ୟପ ଏହି ମନ୍ଥନ ପ୍ରଣାଳୀ, ପୃଥକୀକରଣ ଦ୍ୱାରା ସାଇତି ରଖିଥିବା ପ୍ରଳୟାନ୍ତ ଜୀବଜନ୍ତୁଙ୍କ ଜୀବକୋଷ ଗୁଡ଼ିକ ବିକଶିତ କରାଇ ସେହି ଭ୍ରୁଣରୁ ଗୋଟିଏ ପ୍ରାଣୀରୁ ଅନ୍ୟ ଏକ ପ୍ରାଣୀ ସୃଷ୍ଟି କରିବାର ବିଜ୍ଞାନ କୌଶଳ ମଧ୍ୟ ଜାଣିଥିଲେ । ଏହାପରେ ସେ ସରମାଙ୍କଠାରୁ ଶ୍ୱାପଦ, ଚତୁର୍ଥରେ କ୍ରୋଧବଶାଙ୍କଠାରୁ ଶୁକ ପକ୍ଷୀ, ସର୍ପ, ସରୀସୃପ, ପଞ୍ଚମରେ ସେ କାଷ୍ଠାଙ୍କଠାରୁ ଅଶ୍ୱ, ଗଧ ଆଦି ଏକ ଖୁର ଜନ୍ତୁ, ରଜସ୍ୱଳା ସୁରଭିଙ୍କଠାରୁ ବୃଷଭ ରୂପେ ଗାଭୀ, ଛାଗଳ, ମେଷ,ହରିଣ ଆଦି ଦୁଇ ଖୁର ଜୀବ, ତାହାପରେ ତାମ୍ରାଙ୍କ ଠାରୁ ଶୁକ, ଗୃଧ୍ର ଓ ବିହଙ୍ଗମ ଗଣ ସୃଷ୍ଟି କଲେ । ଏହାପରେ ସେ ପ୍ରଳୟରେ ଲୁପ୍ତ ହୋଇଥିବା ବିଶାଳ କାୟ ସରୀସୃପ ବା କୃକଳାସ, (ଡାଇନୋସର) କାକ, ବକ ମାନଙ୍କୁ ମଧ୍ୟ ସୃଷ୍ଟି କରିଥିଲେ ।

ହୁଏତ ସେ ଗୋଟିଏ ପ୍ରାଣୀର ଜରାୟୁରେ ଅନ୍ୟ ପ୍ରାଣୀର ଜରାୟୁ ସହ ଭ୍ରୁଣକୁ ରଖି ବିଭିନ୍ନ ପ୍ରକାର ସୃଷ୍ଟି କରିଥିବେ ତାହା ବୈଜ୍ଞାନିକ ମାନେ ଜାଣିଥିବେ । ଏହିପରି କଶ୍ୟପ ବିଭିନ୍ନ ପ୍ରକାର ଉଦ୍ଭିଦ ଓ ପ୍ରାଣୀ ମାନଙ୍କୁ ସୃଷ୍ଟି କଲେ ଓ ସେମାନେ ବଂଶ ବିସ୍ତାର କରି ଧୀରେ ଧୀରେ ସାରା ପୃଥିବୀରେ ବ୍ୟାପିଗଲେ । ପ୍ରତ୍ୟେକ ପ୍ରକାର ଜୀବ ସୃଷ୍ଟି ସମୟରେ ତାଙ୍କର ତେର ଜଣ ପତ୍ନୀ ସେଠାରେ ଉପସ୍ଥିତ ରହୁଥିଲେ ଓ କରତାଳି ସହ ହର୍ଷ ମୁଖରେ ତାଙ୍କୁ ଉତ୍ସାହିତ କରୁଥିଲେ ।

ଅନେକ ବର୍ଷଧରି ପତ୍ନୀ ମାନଙ୍କ ସହିତ ସଂଗମ ଓ ସୃଜନ କ୍ରିୟାରେ ବ୍ୟସ୍ତ ରହି ପ୍ରଜାପତି କଶ୍ୟପ କ୍ଳାନ୍ତ ହୋଇ ପଡିଛନ୍ତି । ତାଙ୍କର ପୁଣି ନୂତନ ପ୍ରେମର ପୁଲକ ଦରକାର, ଉତ୍ସାହ ଦରକାର, ନୂତନ ଏକ ପୃଥକ ସୃଷ୍ଟି ପାଇଁ । ଏବେ ମଧ୍ୟ ପଞ୍ଚଦଶ ପତ୍ନୀଙ୍କ ମଧ୍ୟରୁ ଅଦିତି, ଦିତି, ମୁନି, ସୁରସା, ଦନୁ ଆଦି ତାଙ୍କର ପତ୍ନୀ ତଥା ସୃଷ୍ଟି ସହାୟିକା ନାରୀ ବୈଜ୍ଞାନିକ ମାନେ ନୂତନ ନୂତନ ସୃଷ୍ଟି ପାଇଁ ତାଙ୍କୁ ଅପେକ୍ଷା କରିଛନ୍ତି !!

ଅଥଚ କଶ୍ୟପ ଏତେ ଗୁଡିଏ ମିଳନ ଓ ସନ୍ତାନ ସର୍ଜ୍ଜନା କରିବାର ତୃପ୍ତି ପରେ ମଧ୍ୟ ତାଙ୍କ ମଧ୍ୟରେ ଭରି ରହିଛିଏକ ଆତ୍ମିକ ଅବଶୋଷ । ସେହି ପୂର୍ଣ୍ଣାଙ୍ଗ ପୁରୁଷୋତ୍ତମଙ୍କୁ ସେ ଯେପରି ଲାଭ କରି ପାରୁନାହାନ୍ତି ।

ପ୍ରଜାପତି ଯୋଗ ମଗ୍ନ ଅଛନ୍ତି । ପୁଣି ବାରମ୍ବାର ତୃଷିତ ମାନସ ଚିନ୍ତିତ ହୋଇ ପଡୁଛି । । ଚୌରାଅଶି ଗୋଟି ଯୋନୀରେ ଜନ୍ମଲାଭ କରି ବାରମ୍ବାର ମର୍ତ୍ତ୍ୟରେ ଭ୍ରମଣ କଲା ପରେ ଜୀବକୁ ମନୁଷ୍ୟ ଆଦି ଜନ୍ମ ପ୍ରାପ୍ତ ହୋଇଥାଏ । ଏତେ ଗୁଡିଏ ଯୋନୀ ଦେଇ ପରଂବ୍ରହ୍ମଙ୍କ ଠାରେ ମିଳିତ ହେଉ ଥିବାରୁ ତାହାର ଜନ୍ମ ଜନ୍ମାନ୍ତରର ଅନୁଭୂତି ହେଉ, କିମ୍ବା ଅନେକ ପ୍ରକାରର ଗୁଡିଏ ଜୀବ ଲକ୍ଷ ଲକ୍ଷ ବର୍ଷଧରି ବିବର୍ତ୍ତିତ ହୋଇ ମନୁଷ୍ୟ ରୂପ ଧାରଣ କରିଥିବାରୁ ହେଉ ମଣିଷ ମଧ୍ୟରେ ମାନବୋତ୍ତର ଏବଂ ଇତର ପ୍ରାଣୀ ମାନଙ୍କ ସହ ଏକାକାର ହୋଇ ଯିବାର ଏକ ଅଜ୍ଞାତ ଇଚ୍ଛା ବୋଧହୁଏ ରହିଥାଏ । ତେଣୁ ବୋଧହୁଏ ମଣିଷର ମସ୍ତକ ସହିତ ସର୍ପ,ମତ୍ସ୍ୟ, ସିଂହ, ଅଶ୍ୱ, ହସ୍ତୀ ଇତ୍ୟାଦିଙ୍କ ଅଙ୍ଗକୁ ଯୋଡି ବିଚିତ୍ର ଚିତ୍ରମାନ ମଣିଷ ଅଙ୍କନ କରିଥାଏ । ମନ୍ଦିରରେ ମୂର୍ତ୍ତି ମାନ ଗଢିଥାଏ, ବିଭିନ୍ନ ଦେଶର ସାହିତ୍ୟରେ ନବଗୁଞ୍ଜଗୁର ଭଳି ରୂପକଳ୍ପ ତିଆରି କରିଥାଏ । ତାହାର କାରଣ ବୋଧହୁଏ ମଣିଷ ପୂର୍ଣ୍ଣ ପୁରୁଷଙ୍କଠାରୁ ସୃଷ୍ଟି ହୋଇଛି ଏବଂ ସେ ସେହି ପୂର୍ଣ୍ଣତା ସହ ଏକାକାର ହେବାକୁ ଇଚ୍ଛାକରେ । ସୃଷ୍ଟିରେ ପ୍ରଜାପତି ବ୍ରହ୍ମାଙ୍କଠାରୁ ଏହି ପର୍ଯ୍ୟନ୍ତ ପ୍ରଜାପତି ମାନେ ପ୍ରତ୍ୟେକ ଜୀବ, ଜଡ ମଧ୍ୟରେ ଥାଇ ସୃଷ୍ଟିକୁ ପ୍ରସାରଣ କରି ଚାଲିଛନ୍ତି, କରି ଚାଲିଥିବେ ସୃଷ୍ଟିର ଶେଷ ପର୍ଯ୍ୟନ୍ତ ଅମର ଏହି ସେହି ପ୍ରଜାପତି ମାନେ !! ଅମର ରହିଥିବେ କଶ୍ୟପ ପ୍ରଜାପତି !!

ହେଲେ ସୃଷ୍ଟି କରିବାରେ ସ୍ରଷ୍ଟାର ପୂର୍ଣ୍ଣ ତୃପ୍ତି କେବେ ଆସି ନଥାଏ । ଏତେ ଗୁଡିଏ ବିଭିନ୍ନ ପ୍ରକାର୍ ଅବୟବ ସହ ମିଳିତ ହୋଇ ମଧ୍ୟ କଶ୍ୟପଙ୍କ ଠାରେ ସ୍ରଷ୍ଟା ହେବାର ପୂର୍ଣ୍ଣ ସନ୍ତୋଷ ଆସିନାହିଁ । ନାଁ ବୈଜ୍ଞାନିକ ଭାବେ, ନାଁ ପିତା ଭାବେ, ନାଁ ଶିଳ୍ପୀ ଭାବେ । ମାତ୍ର ତାଙ୍କର ପ୍ରଥମ ପ୍ରେମ ଇଳାଙ୍କ ମଧ୍ୟରେ ହିଁ ସେ ଏକ ନୈସର୍ଗିକ ସନ୍ତୋଷ ଉପଲବ୍ଧି କରିଥିଲେ । ତାଙ୍କର ପୁଂରେଣୁ ଗୁଡିକ ଯେତେବେଳେ ପୁଷ୍ପବତୀ ଇଳାଙ୍କର ଗର୍ଭମଧ୍ୟକୁ ଯାଇ ନୂତନ ଫଳ ଓ ବୀଜ ମାନ ସୃଷ୍ଟି କରିଥିଲେ ଓ ଜଗତ ପ୍ରାଣୀଙ୍କ ଜୀବନ ପାଇଁ ନିଜ ନିଜକୁ ଉତ୍ସର୍ଗ କରି ଦେଇଥିଲେ, ସେତେବେଳେ ସେ ଜଣେ ସାର୍ଥକ ସ୍ରଷ୍ଟାର ସନ୍ତୋଷ ଲାଭ କରିଥିଲେ । ତାଙ୍କ ଆଶ୍ରମର ଚତୁଃପାର୍ଶ୍ୱ ସେହି ଶ୍ୟାମା, ଶାନ୍ତା, ସ୍ନିଗ୍ଧା ପୁଷ୍ପିତା ଓ ଫଳବତୀ ସୁପର୍ଣ୍ଣାଙ୍କର ପ୍ରତି କୃତି ମାନଙ୍କରେ ପରିପୂର୍ଣ୍ଣ । ଏତଦ୍‌ବ୍ୟତୀତ ଅନ୍ୟ ସମସ୍ତ ଦୈହିକ ପ୍ରେମ ତାଙ୍କର ବିସ୍ମୃତ ହୋଇଯାଉଛି । କେବଳ ଦେହ ସହିତ ଦେହର ମୈଥୁନ ଓ ଜନ୍ମ କ୍ରିୟା, ଏତିକି କଣ ନାରୀ ଓ ପୁରୁଷଙ୍କ ସମ୍ପର୍କ ପାଇଁ ଯଥେଷ୍ଟ ? ଯଦି ତାହା, ତାହାଲେ ଏହି କେତେ ବର୍ଷ ମଧ୍ୟରେ ସେ ଦୈହିକ ମିଳନ ପ୍ରତି ଏତେ ବିତୃଷ୍ଣା ଅନୁଭବ କରୁଛନ୍ତି କାହିଁକି ? କାହିଁକି ଖୋଜୁଛନ୍ତି ଏ ସମସ୍ତଙ୍କଠାରୁ ସାମୟିକ ମୁକ୍ତି ? ସ୍ୱାମୀ, ସ୍ତ୍ରୀର ସମ୍ପର୍କଠାରୁ କେତେ ପବିତ୍ର ଲାଗେ ଗୋଟିଏ ପୁରୁଷ ଓ ନାରୀ ମଧ୍ୟରେ ମା ଓ ସନ୍ତାନର ସମ୍ପର୍କ, ଭାଇ ଓ ଭଉଣୀର ସମ୍ପର୍କ, ପିତା ଓ କନ୍ୟାର ସମ୍ପର୍କ, ସଖା ଓ ସଖୀର ସମ୍ପର୍କ !!

ଏକାକୀ ବସିଲା ବେଳେ, କାନନ ରେ ଭ୍ରମଣ କଲା ବେଳେ,ଶଯ୍ୟାରେ ବିଶ୍ରାମ କଲାବେଳେ ତାଙ୍କର ମନେହୁଏ କେହି ଜଣେ ସୁଦିବ୍ୟା ଦେବୀ ନାରୀ ତାଙ୍କ ମନର ମନ୍ଦିର ଭିତରୁ ବାହାରି ବାରମ୍ବାର ତାଙ୍କ ସମ୍ମୁଖରେ ଉଭା ହୋଇଯାଉଛନ୍ତି । ସେ ସମସ୍ତଙ୍କ ଠାରୁ ଅନନ୍ୟା । କିଏ ସେହି ଦେବୀ ? କିଏ ସେହି ଅନନ୍ୟା ? ?


+ବାଲିଝରି, କାନପୁର, ବଡ଼ମ୍ବା, କଟକ


## ମର୍ତ୍ତ୍ୟବୈକୁଣ୍ଠ

ସ୍ନିଗ୍ଧା ପଣ୍ଡା



ଜୀବନ ସହ ଅଠା ପରି
ଯୋଡି ହେଇଥିଲା ବେଳେ
ଦୁଃଖର ପରସ୍ତକୁ ଆଶ୍ୱାସନାର ପାଣି ଲଗେଇ
ଓଟାରି ଅଲଗା କରିବାର ପ୍ରୟାସ
ଯେଉଁଠି ଚାଲିଥାଏ
ଝଡ଼ କାଳେ ଛୁଇଁ ଦେବ ବୋଲି
କାହା ଛାତି ଗୋଟେ ମୋଟା
କାନ୍ଥ ପାଲଟି ସାରିଥାଏ
କାନ୍ଥ ଉପରେ ଶିରାଳ ହାତର ଛାତ
ପୋଷ ପୋଷ ଝାଳକୁ ପୋଛି
ଧୂଆଁ ପିଇ ସେଇଠି ବି କେହି ଜଣେ
ଭବିଷ୍ୟତକୁ ନିଆଁରେ ସେକି ସେକି ଅମୃତ
ପିଏଇ ଦିଏ ?

ସୂର୍ଯ୍ୟ ଉଇଁବା ଆଗରୁ ସକାଳ
ସକାଳ ଆସିବା ଆଗରୁ ସଜା ହୁଏ ସ୍ୱପ୍ନ
କୋହମାନେ ମେଞ୍ଚା ମେଞ୍ଚା ବାଦଲରେ
ଘନୀଭୂତ ହୋଇ
ବର୍ଷିବା ଆଗରୁ
ଆଉଁସି ଦିଏ କାହାର ସଜଳ ନିଶ୍ୱାସ
ପହଁରି ଯାଇ ହୁଏ ତେଣିକି
ପ୍ରଶାନ୍ତ ମହାସାଗର

ଝରିଆସେ ମଧ୍ୟାହ୍ନରେ ଛଳଛଳ ମରୁନିର୍ଝର
ନିଜ ମୁହଁ ଦେଖିବା ଆଗରୁ
ଦିଶିଯାଏ ବୈକୁଣ୍ଠ ମର୍ତ୍ତ୍ୟର ?

ଦିନେ ଦିନେ ଯୋଡିହୋଇ ରହିଥିବା
କଡ଼ିସବୁ ଟାଣି ହୁଏ ଏକାନ୍ତରେ
ଏଇ ଏବେ ଫିଟିଯିବ
ତୁଟିଯିବ ଫାଟିଯିବ
କେତେ କେତେ ଭୟ ଆସି
ନଖ ଦେଖାଏ
ଦାନ୍ତ ଦେଖାଏ
ହେଲେ ସେତେବେଳେ
କାହାର ଲୁହ ତ କାହାର ନିଦା ସ୍ୱର
ମେରି ଖୁଣ୍ଟ ପରି ସମ୍ଭାଳି ନିଏ ପ୍ରତିଥର
ସେମିତି ହସୁଥାଏ ଘର
ପୁରୁଷ ପୁରୁଷ ଧରି ଟାଣ ହେଉଥାଏ
ଖଟା-ମିଠା ସଂପର୍କର ଡୋର ?


+ମୋ-୯୮୬୧୩୨୩୬୫୦


## ସକାଳ

ଆଦ୍ୟାଶା ମହାପାତ୍ର



ରାତିର ଅନ୍ଧାର ଲୁଚି ଗଲା ପରେ
ଧରାରେ ସକାଳ ହସେ
ପାହାଡ ସେପାଖୁ ସୁନେଲୀ ରଙ୍ଗର
ସୁରୁଜର ମୁହଁ ଦିଶେ ।
ପକ୍ଷୀ ଉଡିଯାଏ ଦୂର ଗଗନରେ
ଡେଣା ଦୁଇ ତାର ମେଲି
ଫୁଲଗଛ ଡାଳେ କ୍ଷୁଦ୍ର କଳିକାଟି
ହସୁଥାଏ ଖିଲି ଖିଲି ।
କାଉ ରାବଦିଏ ବୁଲି ଚାରିଆଡେ
ଉଚ୍ଛୁର ଆଉ ନକର
ପତ୍ର ଉହାଡରୁ ଶୁଭେ ସୁମଧୁର
କୋଇଲି ର କୁହୁ ସ୍ୱର ।
ଚଷାପୁଅ ଯାଏ କ୍ଷେତକୁ ଆନନ୍ଦେ
ହଳ ଲଙ୍ଗଳକୁ ଯୋଚି
ମଧୁ ଲାଳସାରେ ଫୁଲରୁ ଫୁଲକୁ
ଉଡି ବୁଲେ ପ୍ରଜାପତି ।
କର୍ମ ତତ୍ପରତା ବଢିଯାଏ ଧିରେ
ମନରେ ଉତ୍ସାହ ଭରା
ଦେହ ପାଇଁ ହିତ ଲାଗଇ ବହୁତ
ସକାଳ କଅଁଳ ଖରା ।
ମନ୍ଦିର ବେଢ଼ାରୁ ଭାସିଆସେ ପରା
ଘଣ୍ଟ ଘଣ୍ଟି ଶଂଖ ସ୍ୱନ
ସକାଳ ଭରଇ ସବୁରି ମନରେ
ଅସୁମାରୀ ତାଜାପଣ ।


+ନୂଆପଡା, କଟକ
ମୋ: ୯୪୩୮୧୭୫୫୪୨


## ରାମ ରାଜ୍ୟ

ତପସ୍ୱିନୀ ଚୌଧୁରୀ



କାହିଁକି ଲୋଡିବି
ସେ ରାମ ରାଜ୍ୟ
ଯେଉଁଠି କୈକେୟୀଙ୍କ
ତିନିଗୋଟି ବର
ଲକ୍ଷ୍ମଣଙ୍କ ତିନିଗୋଟି ଗାର
ସୁନାର ହରିଣ ଅଭୀପ୍ସା ରେ
ବଦଳିଯାଏ ସମସ୍ତ ପୃଷ୍ଠଭୂମି ..।

କାହିଁକି ଲୋଡିବି ସେ ରାମ ରାଜ୍ୟ
ଯେଉଁଠି ଶୁଭିବ
କିଂକର୍ତ୍ତବ୍ୟବିମୂଢ ଦଶରଥଙ୍କ
ହା ରାମ ହା ରାମର ଅସହାୟତା,
ଦେହତ୍ୟାଗ
କୌଶଲ୍ୟା ସୁମିତ୍ରାଙ୍କ
ବୁକୁ ଫଟା କରୁଣ ଚିତ୍କାର ..... ।

କାହିଁକି ଲୋଡ଼ିବି ସେ ରାମ ରାଜ୍ୟ
ଯେଉଁଠି କୁଟୀଳା ମନ୍ଥରା ଭରିଦେବେ
ବିଷର ଟୋପା ଟୋପା ବିନ୍ଦୁ ସବୁ
ଅମୃତ ଭାଣ୍ଡରେ .....
ଭରତଙ୍କ ଭର୍ତ୍ସନା ଓ ଅଭିଶାପ
ଜନ୍ମଦାତ୍ରୀ ମାତାଙ୍କୁ
ଅର୍ଜିଥିବା କର୍ମ ପାଇଁ ।

କାହିଁକି ଲୋଡ଼ିବି ସେ ରାମରାଜ୍ୟ
ଯେଉଁଠି ରାମଚନ୍ଦ୍ର
ବାଃ ବାଃ ନେଇଥିଲେ
ପ୍ରଜାଙ୍କ ପାଖରେ ବଳି ପକାଇ,
ଅନ୍ତସତ୍ତ୍ୱା ପତ୍ନୀଙ୍କୁ
ଉପହାର ଦିଅନ୍ତି ତାଙ୍କ ଅଜାଣତେ
ଅକ୍ଷତ ରାମରାଜ୍ୟରୁ ଚିର ବିତାଡନ ।

କାହିଁକି ଲୋଡିବି ସେ ରାମରାଜ୍ୟ
ଯେଉଁଠି ବନବାସ ଓ
ରାବଣର ଅତ୍ୟାଚାର ସତ୍ତ୍ୱେ
ରାଜ ରାଣୀ ତପସ୍ୱିନୀ
ଦେଇଥାନ୍ତି ବାର୍ ବାର୍ ଅଗ୍ନି ପରୀକ୍ଷା
ଅଗ୍ନି ପରୀକ୍ଷାର ଆଢୁଆଳେ ହୋଇଥାଏ
ବାର୍ ବାର୍ ନିର୍ଯ୍ୟାତନା
ବାର୍ ବାର୍ ଚରିତ୍ରସଂହାର ....
ଯାହା ଆଜି ଯାଏ ପ୍ରଚଳିତ ,
କାହିଁ ରାମ ରାଜ୍ୟ ପୂର୍ବରୁ କି
ରାମ ରାଜ୍ୟ ପରେ
ପୁରୁଷର ତ ହୋଇନି କେବେ
ଏଭଳି ଚରିତ୍ର ସଂହାର କି
ନିଷ୍ଠୁର ଅଗ୍ନି ପରୀକ୍ଷାର ଆମନ୍ତ୍ରଣ ।

ଥିଲେ ଥାଉ
ଶ୍ରୀ ରାମଙ୍କ ସତ୍ୟରକ୍ଷା
ଭରତଙ୍କ ପାଦୁକାର ପୂଜା
ଲକ୍ଷ୍ମଣଙ୍କ ଭାତୃ ପ୍ରୀତି
ତ୍ୟାଗ ବଳିଦାନ
ଶ୍ରେଷ୍ଠ ନିଦର୍ଶନ ସେଇ
ଭକ୍ତ ହନୁମାନ
ଜାମ୍ବବାନ ଅଙ୍ଗଦ
ସୁଗ୍ରୀବ ବିଭୀଷଣ ଆଉ
ସେତୁବନ୍ଧେ ଗୁଣ୍ଡୁଚିର
ଚିର ଅବଦାନ ।

ଥିଲେ ଥାଉ କାରଣ ହଜାର
ଲୋଡ଼ା ନାହି ସେ ନିନ୍ଦିତ ରାମ ରାଜ୍ୟ
ଯେଉଁଠି ଦେବୀ ସୀତା
ଏତେ ଅସହାୟ ଅପମାନିତା ଲାଞ୍ଛିତା !
ଯେଉଁଠି ଅନ୍ୟାୟର
ଶେଷ ସୀମା ଟପିଯାଏ
ବସୁଧା ଫାଟିଯାଏ ଆଉ
ପାତାଳ କୁ ଚାଲିଯାଆନ୍ତି
ସ୍ୱୟଂ ଇଶ୍ୱରୀ
ସବୁଦିନ ପାଇଁ
ଲୋଡ଼ା ନାହିଁ ସେଇ ରାମ ରାଜ୍ୟ ।


+ ଭୁବନେଶ୍ୱର
ମୋ ନ- ୭୦୦୮୪୫୯୧୮୮

# ଜିଲ୍ଲାସ୍ତରୀୟ ପୁରୁଷ ବନ୍ଧ୍ୟାକରଣ ପକ୍ଷ ପାଳିତ

ସୁବର୍ଣ୍ଣପୁର, ୨୭/୧୧ (ନି.ପ୍ର): ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ନାଇକେନପାଲି ତାଲିମ ସଭା ଗୃହ ଠାରେ ପୁରୁଷ ବନ୍ଧ୍ୟାକରଣ ପକ୍ଷ - ୨୦୨୪ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନାଇକେନପାଲି ଅଧକ୍ଷ ଡାକ୍ତର. ରାମଶଙ୍କର ତ୍ରିପାଠୀ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି କ୍ଷ ଉକ୍ତ ସଭାରେ ଅତିରିକ୍ତ ଜ୍ଜିଲ୍ଲା ଜନସ୍ୱାସ୍ଥ୍ୟଅଧିକାରୀ (ରୋଗ ନିୟନ୍ତ୍ରଣ ) ଡ଼ା. ରମେଶ ଚନ୍ଦ୍ର ସ୍ୱାଇଁ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ବୃନ୍ଦାବନ ସାହୁ, ଡାକ୍ତର ଶୁଭପ୍ରକାଶ ମିଶ୍ର, ଡାକ୍ତର ମାତାଙ୍ଗିନୀ ମହାନ୍ତ ଏବଂ ବ୍ଲକ କାର୍ଯ୍ୟ ପରିଚାଳକ ପ୍ରିୟ ରଞ୍ଜନ ସାହୁ, ଭାରପ୍ରାପ୍ତ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଶାନ୍ତନୁ କୁମାର ମେହେର, ଷ୍ଟାଫ ନର୍ସ ସୁନିତା କୁଜୁର, ରିଙ୍କୁ ପଧାନ, ସୁଶାନ୍ତ ନାଏକ ପ୍ରମୁଖ ଯୋଗଦେଇ ଆଜିର ଦିବସରେ ଆମେ ସମସ୍ତେ ପୁରୁଷ ବନ୍ଧ୍ୟାକରଣ ବିଷୟରେ ଜନସଚେତନା ସୃଷ୍ଟି କରିବା ବିଷୟରେ ଜାଣିବା, ବୁଝିବା ଓ ଅନ୍ୟ ମାନଙ୍କୁ ବୁଝାଇବା ଉପରେ ଗୁରୁତ୍ୱାରୋପ କରିଥିଲେ । ଉକ୍ତ ସଭାରେ ସମସ୍ତ ଆଶା ଏବଂ ଜନ୍ମକ୍ଷମ ଦମ୍ପତି ମାନେ ଉପସ୍ଥିତ ଥିଲେ ପରି ଶେଷରେ ମୌଖିକ ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଏବଂ ଉତୀର୍ଣ୍ଣ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ବିଗତ ବର୍ଷରେ ପୁରୁଷ ବନ୍ଧ୍ୟାକରଣ ପନ୍ଥା ଗ୍ରହଣ କରିଥିବା ତିନି ଜଣ ବ୍ୟକ୍ତି ଙ୍କୁ ସାର୍ଟିଫିକେଟ ଓ ଉତରୀୟ ଦେଇ ସମ୍ମାନିତ କରାଯାଇଥିଲା ଏବଂ ଶେଷରେ ଭାରପ୍ରାପ୍ତ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଶାନ୍ତନୁ କୁମାର ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# ଆମ୍ ଆଦମୀ ପାର୍ଟି ତରଫରୁ କେନ୍ଦୁଝର ଜିଲ୍ଲାର ତଥା ପୌରପାଳିକାର ସମସ୍ୟାକୁ ନେଇ ଏକ ୧୫ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ

କେଉଁଝର, ୨୭/୧୧ (ନି.ପ୍ର): ଆଜି କେନ୍ଦୁଝର ଆମ୍ ଆଦମୀ ପାର୍ଟି ତରଫରୁ କେନ୍ଦୁଝର ଜିଲ୍ଲାର ତଥା ପୌରପାଳିକା ର ସମସ୍ୟାକୁ ନେଇ ଏକ ୧୫ ଦଫା ସମ୍ବଳିତ ବଦାବିପତ୍ର ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳ ଙ୍କୁ ଦିଆଯାଇଛି। ଗତ ଦୁଇ ମାସ ମଧ୍ୟରେ ପୌରପାଳିକା ମଧ୍ୟରେ ଥିବା ଡେଲି ମାର୍କେଟ, ଗାନ୍ଧୀ ଛକ ନିକଟରେ ଥିବା ପୌରପାଳିକା ମାର୍କେଟ ର ସମସ୍ୟା ତଥା ବର୍ଦ୍ଧିତ ହୋଲ୍ଡିଙ୍ଗ ଟିକସ କମାଇବା ନିମନ୍ତେ ଜିଲ୍ଲାପାଳଙ୍କୁ ଦାବିପତ୍ର ଦିଆଯାଇଥିଲା। କିନ୍ତୁ ୨ ମାସ ବିତିଯାଇଥିଲେ ମଧ୍ୟ ଏହାର କୌଣସି ସମାଧାନ କରାଯାଇନଥିଲା। ଫଳରେ ଜନସାଧାରଣ ଙ୍କୁ ସାଥିରେ ନେଇ ଆମ୍ ଆଦମୀ ପାର୍ଟି ର କାର୍ଯ୍ୟକର୍ତ୍ତା ମାନେ ଧୋବଡିହା ଛକ ଠାରୁ ଏକ ବିଶାଳ ରାଲି ରେ ବାହାରି ଗାନ୍ଧୀ ଛକ ହୋଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆଗାମୀ ଦିନରେ ଯଦି ବିଜେପି ପ୍ରତିଶୃତି ଦେଇଥିବା କାର୍ଯ୍ୟଗୁଡ଼ିକ କାର୍ଯ୍ୟକାରୀ ନ ହୁଏ ତେବେ ଧାରଣ ଦିଆଯିବ ବୋଲି ଜିଲ୍ଲା ସଭାପତି ମେଘନାଥ ମାଝୀ କହିଥିଲେ। ଗତ ନିର୍ବାଚନ ସମୟରେ ସମ୍ବଲପୁର ଠାରେ ବିଜେପି ର ନେତା ଧର୍ମେନ୍ଦ୍ର ପ୍ରଧାନ ଭାଷଣ ମାଧ୍ୟମରେ ବିଜେଡି ର ୧୦୦ ୟୁନିଟ୍ ବିଜୁଳି ମାଗଣା ଦେବା ପ୍ରସଙ୍ଗରେ କଟାକ୍ଷ କରି ମୋଦୀ ୩୦୦ ୟୁନିଟ୍ ବିଜୁଳି ମାଗଣା ଦେବେ ବୋଲି କହିଥିଲେ। କିନ୍ତୁ ବର୍ତ୍ତମାନ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ବିଜୁଳି ମାଗଣା ମିଳିବନି ବୋଲି ବିଧାନସଭା ରେ କହିଥିଲେ। ସେହିପରି କେନ୍ଦୁଝର ର ସ୍ୱାସ୍ଥ୍ୟ ବ୍ୟବସ୍ଥା ଭୁଷୁଡି ପଡ଼ିଥିବା ନେତା ଜୟକୃଷ୍ଣ ନାଏକ କହିଥିଲେ। ଡି ଏମ ଏଫ୍ ମାଧ୍ୟମରେ ମାଗଣା ଓ ଉଚ୍ଚମାନର ଚିକିତ୍ସା ନିମନ୍ତେ ଦାବୀ କରିଥିଲେ । ଶିକ୍ଷା ବ୍ୟବସ୍ଥା ରେ ସୁଧାର ତଥା ସମସ୍ତ ପଦବୀ ପୂରଣ ନିମନ୍ତେ ପାଟଣା ନିର୍ବାଚନ ମଣ୍ଡଳୀ ସଭାପତି ଖଗେଶ୍ୱର ମହାନ୍ତ କହିଥିଲେ। ନିର୍ମାଣ ଶ୍ରମିକ ମାନଙ୍କ ପାଇଁ ସାଇକେଲ ତଥା ଯନ୍ତ୍ରପାତି ପୁଣି ଯୋଗାଇଦେବା ନିମନ୍ତେ ଲୋକସଭା ସଭାପତି ଭବାନୀ ଶଙ୍କର ମହାନ୍ତ ଦାବୀ ଜଣାଇଛନ୍ତି। ରାଜ୍ୟର ଅନ୍ୟ ଜିଲ୍ଲା ମାନଙ୍କରେ ଧାନ କିଣା ଆରମ୍ଭ ହୋଇଥିବା ସତ୍ତ୍ୱେ ଆମ ଜିଲ୍ଲାରେ ଏ ପର୍ଯ୍ୟନ୍ତ ଚାଷୀ ମାନଙ୍କୁ ଟୋକନ ଦିଆଯାଇ ନାହିଁ, ତୁରନ୍ତ ଟୋକନ ଦେଇ ଧାନ କିଣା ଆରମ୍ଭ କରାଯିବା ସହିତ ସମସ୍ତ ଦାବୀ କୁ ପୂରଣ କରିବା ନିମନ୍ତେ ସରକାର ଙ୍କୁ କହିଥିଲେ। ରାଜ୍ୟ ପ୍ରଭାରୀ ବାନାମ୍ବର ସାହୁ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦାଶରଥି ମହାନ୍ତ, ଶୁଭଙ୍କର ମହାନ୍ତି, ଜୈନୁଲ ଆବେଡିନ, ସୁଧୀର କୁମାର ମହାନ୍ତ, ଦିପୁ ମହାନ୍ତ, ସନ୍ତୋଷ ବାରିକ, ପ୍ରିତିଶ୍ ହେମ୍ବ୍ରମ୍, ଚିତରଞ୍ଜନ ନାଏକ, ବାସନ୍ତୀ ନାଏକ, ସନାତନ ନାଏକ ପ୍ରମୁଖ ଯୋଗଦେଇଥିଲେ।

## ହାତିଆ ଆଦର୍ଶ ବିଦ୍ୟାଳୟରେ ବାଲ ବୈଜ୍ଞାନିକ ପ୍ରଦର୍ଶନୀ

କେନ୍ଦ୍ରାପଡ଼ା, ୨୭/୧୧ (ନି.ପ୍ର): ମାର୍ଶାଘାଇ ହାତୀଆରେ ଥିବା ଆଦର୍ଶ ବିଦ୍ୟାଳୟରେ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଛି। ଏଥିରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ୧୫୧ ଷ୍ଟଲ୍ ସ୍ଥାନ ପାଇଥିଲା। ଖାଦ୍ୟ, ସ୍ୱାସ୍ଥ୍ୟ ଓ ପରିମଳ ଗମନାଗମନ ଓ ଯୋଗାଯୋଗ ପ୍ରାକୃତିକ କୃଷି ବିପର୍ଯ୍ୟୟ ପରିଚାଳନା ଉପରେ ଷ୍ଟଲମାନ ଆସିଥିଲା। ବ୍ଲକ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କୁମର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନ ଉତ୍ସବରେ ମାର୍ଶାଘାଇ ବ୍ଲକ ଅଧକ୍ଷା ମଧୁସ୍ମିତା ସାମଲ ଆଇଆଇଟି ଖଡ଼ଗପୁରର ଆଲୁମିନି ତଥା ଭୁବନେଶ୍ୱର ଓୟୁଏଟିର ପୂର୍ବତନ ଡିନ୍ ପ୍ରାଧାପକ ଡ଼ ସଂଜୟ କୁମର ସାମନ୍ତରାୟ ଆଦର୍ଶ ବିଦ୍ୟାଳୟ ଅଧକ୍ଷା ବିଦ୍ୟାଳୟର ଅଧକ୍ଷା ସଂଜୟ କୁମାର ମଲ୍ଲିକ ବ୍ଲକ ବିଜ୍ଞାନ ସଂଯୋଜକ ଓ ସହ ମଣ୍ଡଳ ଅଧିକାରୀ ଅନିତା ବେହେରା ଅତିଥି ଭାବରେ ଯୋଗ ଦେଇଥିଲେ। କରିଲୋପାଟଣ ଜୟରାମ ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷକ ତଥା ବ୍ଲକ ଓଷ୍ଟା ସଭାପତି ନାରାୟଣ ପ୍ରସାଦ ମନ୍ତ୍ରୀ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ ଅପରାହ୍ନରେ ଉଦ୍‌ଯାପନୀ ଉତ୍ସବରେ ମଣ୍ଡଳ ଶିକ୍ଷାଧିକାରୀ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ପ୍ରାଧାପକ ଡ଼ ପ୍ରଭାତ ରଂଜନ ଲେଙ୍କା ସହ ମଣ୍ଡଳ ଶିକ୍ଷାଧିକାରୀ ବଳଦେବ ପ୍ରସାଦ ଜେନା ଓ ମୁଖ୍ୟଅତିଥି ଭାବରେ ହିନ୍ଦୁଳୁଆ ସରପଂଚ ମନୋଜ କୁମାର ସ୍ୱାଇଁ ଯୋଗ ଦେଇଥିଲେ ବ୍ଲକ ସଂପାଦକ ପ୍ରଦୀପ୍ତ କୁମାର ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।

# କେନ୍ଦ୍ରାପଡ଼ା ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା

କେନ୍ଦ୍ରାପଡ଼ା, ୨୭/୧୧ (ନି.ପ୍ର): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଗୋବିନ୍ଦଜୀଉ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା ଓ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ଦଲାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବିଜ୍ଞାନ ମେଳାରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିବାବେଳେ ମୁଖ୍ୟବକ୍ତା ଭାବେ କୃଷି ବିଜ୍ଞାନକେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ଅରବିନ୍ଦ ଦାସ, ସମ୍ମାନିତ ଅତିଥି ଭାବେ ସାଂସଦଙ୍କ ପ୍ରତିନିଧି କିଶୋର କୁମାର ପଣ୍ଡା, ୮ନମ୍ବର ଜୋନ ଜିଲା ପରିଷଦ ସଭ୍ୟା ମଧୁଛନ୍ଦା ମହାନ୍ତି, ଜିଲା ବିଜ୍ଞାନ ପରିଦର୍ଶକ ନିଷିଦ୍ଧ ବାରିକ, ସହକାରୀ ମଣ୍ଡଳ ଶିକ୍ଷା ଅଧିକାରୀ ହିରଣ୍ୟ ବାରିକ, ପଳସିଂହା ସରପଂଚ ଦେବେନ୍ଦ୍ର ପରିଡ଼ା, ସମିତିସଭ୍ୟା କୁମୁଦିନି ପରିଡ଼ା, ଗୋବିନ୍ଦଜୀଉ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମୋ ସ୍କୁଲ ଅଧକ୍ଷ ଶରତ ଚନ୍ଦ୍ର ବିଶ୍ୱାଳ, ଉଚ୍ଚ ବିଦ୍ୟାଳୟର ମୋ ସ୍କୁଲ ଅଧକ୍ଷ ଅଜିତ କୁମାର ମହାପାତ୍ର, ଗୋବିନ୍ଦଜୀଉ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବିନ୍ଦ୍ର ମହାପାତ୍ର, ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜୟ ଜେନା, ଶିକ୍ଷକନେତା ପ୍ରଣବ କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ। ସିଆର୍‌ସିସି ଅନନ୍ତ କୁମାର ପରିଡ଼ା ସଭା ସଂଚାଳନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ନିଷ୍ଠା ଓ ନିରନ୍ତର ଉଦ୍ୟମ କଲେ ବିଜ୍ଞାନର ଜୟଯାତ୍ରା ସମ୍ଭବ ହେବ ବୋଲି ବିଧାୟକ ଶ୍ରୀ ବେହେରା ପରାମର୍ଶ ଦେଇଥିଲେ। ସିଆର୍‌ସିସି ରଞ୍ଜନ କିଶୋର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ହିରଣ୍ୟ ବାରିକଙ୍କ ସଭାପତିତ୍ୱରେ ଅପରାହ୍ନରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମଣ୍ଡଳ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ଦଳାଇ ଓ ମୁଖ୍ୟବକ୍ତା ଭାବେ ମଣ୍ଡଳ ବିଜ୍ଞାନ ସଂଯୋଜକ ସିଦ୍ଧାର୍ଥ ଶଙ୍କର ଜେନା, ସମ୍ମାନିତ ଅତିଥି ଭାବେ ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଦାଶରଥି ନାୟକ, ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନର ସଭାପତି ରାଜକିଶୋର ବିଶ୍ୱାଳ, ନିମ୍ନ ମାଧମିକ ଶିକ୍ଷକ ସଂଘର ସଭାପତି ରାଜେନ୍ଦ୍ର ପ୍ରସାଦ ରାଉତ, ମାଧମିକ ଶିକ୍ଷକ ସଂଘର ସଭାପତି ତପନ କୁମାର ଦାଶ ଓ ସିଆର୍‌ସିସି ରଞ୍ଜନ ରାଉତ, ଅସଗର ଅଲ୍ଲୀ, ଗୟାସୁଦ୍ଦିନ, ଅନନ୍ତ କୁମାର ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ କୁନି କୁନି ବୈଜ୍ଞାନିକଙ୍କ ଏକଶହ ଆଠଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିରୁ ସାତଟି ପ୍ରକଳ୍ପ ଜିଲ୍ଲାସ୍ତରକୁ ମନୋନୀତ ହୋଇଛି। କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଅତିଥି ପରିଚୟ ଓ ସଭା ସଂଚଳନ କରିଥିଲେ ମା ମଙ୍ଗଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଧାନାଥ ମିଶ୍ର। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସିଆର୍‌ସିସି ଅଚ୍ୟୁତାନନ୍ଦ ସାମଲ, କିଶୋର ଚନ୍ଦ୍ର ଜେନା, ଦେବାଶିଷ ସାହୁ, ଶୁଭେନ୍ଦୁ ବେହେରା, ବୈଲୋଚନ ସାମଲ, ଶିକ୍ଷକ ସେକ ଫୟାଜୁଦ୍ଦିନ, ବିଶ୍ୱବନ୍ଧୁ ଜେନା, ସେକ ଖତିବ, ଅଭିମନ୍ୟୁ ମଲ୍ଲିକ, ମାନଭଞ୍ଜନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ବାବା ସାହେବ ଆମ୍ବେଦକର ସେବାସଂଘ ତରଫରୁ ୭୫-ତମ ସମ୍ବିଧାନ ଦିବସ ପାଳିତ

ଘଟଗାଁ, ୨୭/୧୧ (ନି.ପ୍ର): ବାବା ସାହେବ ଆମ୍ବେଦକର ସେବାସଂଘ ତରଫରୁ ୭୫-ତମ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସେବାସଂଘର ସଦସ୍ୟମାନଙ୍କ ଦ୍ୱାରା ସକାଳ ୯-ଘଟିକା ସମୟରେ ସୁଡୁସୁଡିଆ ବାଇପାସସ୍ଥିତ ଠାରେ ସମ୍ବିଧାନ ପ୍ରଣେତା ଡଃ ବାବା ସାହେବ ଭୀମରାଓ ରାମଜୀ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ପ୍ରଦୀପ ପ୍ରଜ୍ୱଳନ ଓ ଦୀପଦାନ କରାଯାଇଥିଲା। ପରେ ଭାରତୀୟ ସମ୍ବିଧାନ ଅମର ରହେ, ବାବା ସାହେବ ଅମର ରହେ ଧ୍ୱନି ଦେଇ ସେବାସଂଘର ସମସ୍ତ ସଦସ୍ୟମାନେ ସହର ପରିକ୍ରମା କରି ସେବାସଂଘ କାର୍ଯ୍ୟାଳୟ ଠାରେ ବୈଠକରେ ଯୋଗ ଦେଇଥିଲେ। ଏହି ବୈଠକରେ ସେବାସଂଘର ସଭାପତି ଚତୁର୍ଭୁଜ ଦାଶ ପ୍ରଦୀପ ପ୍ରଜ୍ୱଳନ କରି ବୈଠକ ଆରମ୍ଭ କରିଥିଲେ। ସଂଘର ସାଧାରଣ ସମ୍ପାଦକ ଆଇନଜୀବୀ ଚତୁର୍ଭୁଜ ଜେନା ଭାରତୀୟ ସମ୍ବିଧାନର ତାତ୍ପର୍ଯ୍ୟ, ଉଦ୍ଦେଶ୍ୟ ଏବଂ ସମାଜର ଦର୍ପଣ ବିଶେଷ କରି ଶାସନ ବ୍ୟବସ୍ଥାର ମାର୍ଗଦର୍ଶକ ଭାବେ ଅଭିହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ହେମନ୍ତ ମଲ୍ଲିକ, ସେବାସଂଘର ମୁଖ୍ୟ ଉପଦେଷ୍ଟା ଅକ୍ରୁର ଚରଣ ଜେନା, ଉପ ସଭାପତି ପ୍ରାଣନାଥ ଜେନା ଏବଂ ଶ୍ରୀକାନ୍ତ ଜେନା, ସହ-ସମ୍ପାଦକ ସୁରେଶ କୁମାର ଜେନା, କେନ୍ଦ୍ରୀୟ ସାଂଗଠନିକ ସମ୍ପାଦକ ପ୍ରମୋଦ କୁମାର ଜେନା, ଅରୁଣ କୁମାର ସେଠୀ ପ୍ରମୁଖ ଭାରତୀୟ ସମ୍ବିଧାନ ଦିବସ ଉପରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ସାଂସ୍କୃତିକ ସମ୍ପାଦକ କଳାକାର ଜେନା କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ହରିହର ଦାଶ, ରବୀନ୍ଦ୍ର ପ୍ରସାଦ ଚାନ୍ଦ, ସୁଶାନ୍ତ କୁମାର ଜେନା, ରଞ୍ଜନ କୁମାର ଜେନା, ନାରାୟଣ ଜେନା, ଗଣେଶ ପ୍ରସାଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱତନ୍ତ୍ର ସକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ଅଭିଯାନର ସମୀକ୍ଷା ବୈଠକ

ଭବାନୀପାଟଣା, ୨୭/୧୧ (ନି.ପ୍ର): ଆଜି ଦିନିକିଆ କଳାହାଣ୍ଡି ଜିଲ୍ଲା ଗସ୍ତରେ ଆସି କମିଶନର ତଥା ସଚିବ ଉଚ୍ଚଶିକ୍ଷା ବିଭାଗ ଓ ଇଲେକ୍ଟୋରାଲ ରୋଲ ଅବଜରଭର କଳାହାଣ୍ଡି ଜିଲ୍ଲା, ଶ୍ରୀ ଅରବିନ୍ଦ ଅଗ୍ରୱାଲ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭା ଗୃହରେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ଭୋଟର ତାଲିକା ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ଅଭିଯାନର ସମୀକ୍ଷା କରିଥିଲେ। ଜିଲ୍ଲାପାଳ ପାଣ୍ଡ୍ୱାର ସଚିନ ପ୍ରକାଶ ଜିଲ୍ଲାରେ ତ୍ରୁଟିମୁକ୍ତ ଭୋଟର ତାଲିକା ପ୍ରସ୍ତୁତି ଅଭିଯାନର ଅଗ୍ରଗତି ସମ୍ପର୍କରେ ଅବଜରଭର ଶ୍ରୀ ଅଗ୍ରୱାଲଙ୍କୁ ଅବଗତ କରାଇଥିଲେ। ମୃତ ବ୍ୟକ୍ତିଙ୍କ ର ଭୋଟର ତାଲିକାରୁ ବାଦଦେବା ସହିତ ୧୮ ବର୍ଷରୁ ଉର୍ଦ୍ଧ ଯୁବକ ଯୁବତୀ କିପରି ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଭୋଟର ତାଲିକାରେ ନିଜର ନାମ ପଞ୍ଜୀକରଣ, ଆବଶ୍ୟକ ସ୍ଥଳେ ସଂଶୋଧନ କରିପାରିବେ ତା ଉପରେ ଅବଜରଭର ଶ୍ରୀ ଅଗ୍ରୱାଲ ଗୁରୁତ୍ୱ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ)ତନ୍ମୟ କୁମାର ଦରୱାନ,ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)ବଇତୁରା ଦୀପ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ି, ଉପ ଜିଲ୍ଲାପାଳ ଧର୍ମଗଡ ଧିମାନ ଚାକମା, ଉପ ଜିଲ୍ଲାପାଳ ଭବାନୀପାଟଣା,ପ୍ରଭାତ କୁମାର ପରିଡ଼ା, ଡେପୁଟି କଲେକ୍ଟର ନିର୍ବାଚନ ଶାଖା, ଚନ୍ଦ୍ରଦାସ ମହାନନ୍ଦୀଆ,ସହ ନିର୍ଦ୍ଦେଶକ ଜିଲ୍ଲା ସ୍ୱଚ୍ଛ ସଂଚୟ ବିଭାଗ ଓ ସଂସ୍କୃତି ଅଧିକାରୀ, ବିବେକାନନ୍ଦ ମହାନନ୍ଦ, ତହସିଲଦାର ଭବାନୀପାଟଣା, ସୁଭ ସ୍ମିତା ମିଶ୍ର, କାର୍ଯ୍ୟ ନିର୍ବାହୀ ଅଧିକାରୀ ପୌରପାଳିକା ଭବାନୀପାଟନା ସତ୍ୟ ସମ୍ପର୍ଣ୍ଣକ୍ଷ ରାଉତ, ରାଜନୈତିକ ଦଳ ଜାତୀୟ କଂଗ୍ରେସର ଜିଲ୍ଲା ଉପ ସଭାପତି, ଉଦ୍ଧବ ସାହୁ, ବିଜେପିର ସାଧାରଣ ସମ୍ପାଦକ ଜୟଶଙ୍କର ନାୟକ, ଆପ ଦଳର ପ୍ରତିନିଧି ପ୍ରମୁଖ ଯୋଗଦେଇ ଥିଲେ।

# ରାଷ୍ଟ୍ରୀୟ ସମ୍ବିଧାନ ଦିବସ ପାଳିତ

ଜୟପୁର, ୨୭/୧୧ (ନି.ପ୍ର): ବିଭିନ୍ନ ଅନୁଷ୍ଠାନ ତରଫରୁ ରାଷ୍ଟ୍ରୀୟ ସମ୍ବିଧାନ ଦିବସ ପାଳିତ ହୋଇଛି । ଜୟପୁର ବ୍ଲକ ଅନ୍ତର୍ଗତ ବାରିଣିପୁଟ ଅମୃତ ସରୋବରରେ ଆଜି ଦିନ ୧୧ ଟାରେ ରାଷ୍ଟ୍ରିୟ ସମ୍ବିଧାନ ଦିବସ ପାଳିତ ହୋଇଛି । ଜୟପୁର ବ୍ଲକ ପ୍ରଶାସନ ତରଫରୁ ଆୟୋଜିତ କାଯ୍ୟକ୍ରମରେ ବ୍ଲକ ଅଧକ୍ଷା ତିଳୋତମା ମୁଦୁଲି, ବିଡିଓ ଶକ୍ତି ମହାପାତ୍ର, ଏବିଡିଓ ମନୋଜ ନାୟକ, ଜିପିଡିଓ ଭାଗିରଥି ନାୟକ, ଏପିଓ ସନ୍ତୋଷି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ସଚେତନତା ବୈଠକ, ଶପଥ ପାଠ ଶୋଭାଯାତ୍ରା ଆଦି କରାଯାଇଥିଲା । ସେହିପରି ଜୟପୁର ଅରବିନ୍ଦ ନଗର ସ୍ଥିତ ସରସ୍ୱତି ଶିଶୁ ବିଦ୍ୟାମନ୍ଦିର ଠାରେ ସମ୍ବିଧାନ ଦିବସ ପାଳିତ ହୋଇଛି । ବିଦ୍ୟାଳୟର ଆଚାଯ୍ୟ ଭାଗବତ ଷଡଙ୍ଗୀ ଦ୍ୱିପ ପ୍ରଜ୍ୱଳନ କରିବା ପରେ ସମ୍ବିଧାନ ଦିବସ ଉପରେ ଆଲୋକପାତ କରିଥିଲେ । ବଂଚିତ, ଶୋଷିତ ସମାଜିକ ସଂଗଠନ, ଅଖିଳ ଭାରତୀୟ ପରିସଂଘ ମହାଦଳିତ ପରିସଂଘ ଓ ମହା ଦଳିତ ପରିଷଦ ତରଫରୁ ସମ୍ବିଧାନ ଦିବସ ପାଳିତ ହୋଇଛି । ଆମ୍ବେଦକ ଛକ ନିକଟରେ ରହିଥିବା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ନିକଟରେ ରାଷ୍ଟ୍ରିୟ ଦିବସ ପାଳନ କରାଯାଇଛି । ଏହି ଅବସରରେ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା । ବୃନ୍ଦାବନ୍ଦ ଖରା, ରାମ ନାୟକ, ମନୋସ୍ମିନି ଟାକରି ପ୍ରମୁଖ ଉପସ୍ଥିତ ଥିଲେ । ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟରେ ଆଜି ସମ୍ବିଧାନ ଦିବସ ପାଳିତ ହୋଇଛି । ନୋଡାଲ ଅଫିସର କେପଟେନ ଲକ୍ଷ୍ମଣ ପାତ୍ର, ମୁଖ୍ୟବକ୍ତା ଭାବେ ରାଜନିତି ବିଜ୍ଞାନର ପଲ୍ଲଭି ନାୟକ ଉପସ୍ଥିତ ଥିଲେ । ୩ ଜଣ ଛାତ୍ର ଛାତ୍ର ଉପସ୍ଥିତ ଥିଲେ ।

# କନ୍ଧମାଳ ଜିଲ୍ଲାସ୍ତରୀୟ ମହିଳା ସ୍ୱାସ୍ଥ୍ୟକର୍ମୀ ସଂଘର ନୂତନ କର୍ମକର୍ତ୍ତା ଚୟନ

କନ୍ଧମାଳ, ୨୭/୧୧ (ନି.ପ୍ର): କନ୍ଧମାଳ ଜିଲ୍ଲା ସଦର ମହକୁମା ଗାନ୍ଧୀସ୍ମୃତି ଭ୍ଵନ ଫୁଲବାଣୀ ଠାରେ ଜିଲ୍ଲା ମହିଳା ସ୍ୱାସ୍ଥ୍ୟକର୍ମୀ ସଂଘ ପକ୍ଷରୁ ଜିଲ୍ଲା ସ୍ତରୀୟ ନୂତନ କର୍ମକର୍ତ୍ତା ଚୟନ ଓ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କନ୍ଧମାଳ ଜିଲ୍ଲାର ସମସ୍ତ ବାରଟି ବ୍ଲକରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାନଙ୍କରେ କାର୍ଯ୍ୟରତ ସ୍ୱାସ୍ଥ୍ୟକର୍ମୀ ମାନେ ଯୋଗଦେଇ ନିଜ ନିଜର ମତ ପ୍ରକାଶ କରିବା ସହିତ ନୂତନ କର୍ମକର୍ତ୍ତା ଚୟନରେ ଅଂଶଗ୍ରହଣ କରିଥିଲେ। ଉକ୍ତ ବୈଠକରେ ଉପସ୍ଥିତ ଥିବା ସମସ୍ତ ସ୍ୱାସ୍ଥ୍ୟକର୍ମୀ ମାନଙ୍କ ସର୍ବ ସମ୍ମତି କ୍ରମେ ନୂତନ ସଭାପତି ଭାବେ କ. ନୂଆଗାଁରେ କାର୍ଯ୍ୟରତ ଏଏନ୍‌ଏମ ମମତା ନାଥଙ୍କୁ ଚୟନ କରିଥିବା ବେଳେ ସୁଜାତା ବେହେରାଙ୍କୁ ସଂପାଦକ ଭାବେ ଚୟନ କରାଯାଇଛି। ସେହିପରି କୋଷାଧକ୍ଷ ଭାବେ ମମିତା ନାୟକ,ସହ ସଂମ୍ପାଦକ ସଞ୍ଜିତା ବେହେରା ଓ ବିଦେଶିନୀ ଦାସ, ଉପ ସଭାପତି ଭାବେ ରାଜଶ୍ରୀ ରାଓ ମନୋନୟନ ହୋଇଥିବା ବେଳେ କମଳାବତୀ ମଲ୍ଲିକ, ନର୍ମଦା ମହାରଣା, ସାମ୍ବାଦିକ କୁନା ଦିଗାଲଙ୍କୁ ସଂଘର ନୂତନ ପରାମର୍ଶଦାତା ଭାବେ ଚୟନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମ ମହିଳା ସ୍ୱାସ୍ଥ୍ୟକର୍ମୀ ଆରତୀ ସାହୁ ପରିଚାଳନା କରିଥିବା ବେଳେ ନୂତନ ଭାବେ ମନୋନୀତ ହୋଇଥିବା ସମସ୍ତ ସଂଗଠନ କର୍ମକର୍ତ୍ତାଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ଜଣାଇ ଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଂଘର ନୂତନ ଅଧକ୍ଷା ମମତା ନାଥ ବୈଠକରେ ଉପସ୍ଥିତ ଥିବା ସମସ୍ତ ସଂଗଠନର କର୍ମକର୍ତ୍ତା ଓ ସଦସ୍ୟା ମାନଙ୍କୁ କୃତଜ୍ଞତା ପୂର୍ବକ ଉଦବୋଧନ ଦେଇ ଆଗାମୀ ଦିନରେ ସଂଘକୁ କିପରି ଆଗକୁ ନେଇ ସୁଦୃଢ କରିବାକୁ ହେବ ସେନେଇ ଆହ୍ୱାନ ଦେଇ ସମସ୍ତଙ୍କ ସହଯୋଗ କାମନା କରି ଧନ୍ୟବାଦ ଅର୍ପଣ କରିଥିଲେ।

## ଶାଳପଡ଼ା ସ୍ୱେଚ୍ଛାସେବୀ ବିମଳ ଦାଶ ସମ୍ମାନିତ

ଘଟଗାଁ, ୨୭/୧୧ (ନି.ପ୍ର): ଆନନ୍ଦପୁର ପୌର ପରିଷଦ ଅନ୍ତର୍ଗତ ୧୨ ନଂ ୱାର୍ଡ ଶାଳପଡ଼ା ର ସ୍ୱେଚ୍ଛାସେବୀ ବିମଳ ଦାଶ ଙ୍କୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ହାପି ଇଣ୍ଡିଆ' ପକ୍ଷରୁ ଭୁବନେଶ୍ୱର ଜୟଦେବ ଭବନ ଠାରେ ସମ୍ମାନିତ କରାଯାଇଛି। ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ 'ଚେକ ଦେ ସୁପର-୩୦' ମଧ୍ୟରେ ତାଙ୍କୁ ଚୟନ କରାଯାଇଥିଲା। ସେ ଜଣେ କବି ଓ ଲେଖକ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ୭୫ରୁ ଅଧିକ ଥର ସମ୍ମାନିତ କରାଯାଇଛି। ବର୍ତ୍ତମାନ ରେ ଏସ୍‌ସିବି ମେଡିକାଲ କଲେଜ ଓ ଚିକିତ୍ସାଳୟରେ କର୍ମଚାରୀଭାବେ କାର୍ଯ୍ୟରତ।

# ଜମିପଟ୍ଟା ନାଁରେ ନିରୀହ ଆଦିବାସୀଙ୍କୁ ରାଜସ୍ୱ ନିରୀକ୍ଷକ ଲୁଟ୍ କରୁଥିବା ଅଭିଯୋଗ

ମାଲକାନଗିରି, ୨୭/୧୧ (ନି.ପ୍ର): କୁକୁଡା ଦେଲେ ପଟ୍ଟା ଦେବି ! ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ରାଜସ୍ୱ ନିରୀକ୍ଷକଙ୍କ ବିରୋଧରେ ଆସିଛି ଏମିତି ଅଭିଯୋଗ । କୁକୁଡା ସହ ମୋଟା ଅଙ୍କ ବି ଦାବି କରୁଛନ୍ତି ଆରଆଇ । ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହେଲେ ନିରିହ ଆଦିବାସୀ । ଜମିପଟ୍ଟା ନାଁରେ ନିରୀହ ଆଦିବାସୀଙ୍କୁ ଲୁଟ କରୁଛନ୍ତି ରାଜସ୍ୱ ନିରୀକ୍ଷକ । ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅନ୍ତର୍ଗତ କମାରପାଲି ଓ ମହୁପଦର ଅଂଚଳର ୯୦ ଜଣ ଆଦିବାସୀ ଏଭଳି ଅଭିଯୋଗ କରିଛନ୍ତି। କାହାକୁ କୁକୁଡା ମାଗୁଛନ୍ତି ତ କାହାକୁ ମୋଟ ଅଙ୍କର ଲାଂଚ ମାଗୁଛନ୍ତି। ୪୦ ରୁ ୫୦ ହଜାର ଟଙ୍କା ଦାବି କରୁଛନ୍ତି ଆରଆଇ । ମାଓପ୍ରବଣ ଅଂଚଳର ଲୋକଙ୍କୁ ବିଶ୍ୱାସ ଜନ୍ମାଇ ଜମିପଟ୍ଟା, ଘରଡିହ ପଟ୍ଟା, ଜମି ଭାଗବଂଟା ଓ ଜଙ୍ଗଲ ଜମି ପଟ୍ଟା ଦେବାକୁ କହି ପ୍ରତି ଲୋକଙ୍କ ଠାରୁ ୪୦ ରୁ ୫୦ ହଜାର ଟଙ୍କା ଆଦାୟ କରିଛନ୍ତି ମହୁପଦର ଆରଆଇ କାହ୍ନୁ ଚରଣ ସ୍ୱାଇଁ । ଆରଆଇଙ୍କ ଏଭଳି ନିର୍ଯ୍ୟାତନା ବିରୋଧରେ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଛନ୍ତି ଦୁଇ ପଞ୍ଚାୟତ ଲୋକେ । ପୂର୍ବରୁ ମାଓବାଦୀଙ୍କ ଦଖଲରେ ଥିଲା କମାରପାଲି ଓ ମହୁପଦର । ଧିରେ ଧିରେ ସୁରକ୍ଷା ବାହିନୀର ହସ୍ତକ୍ଷେପ ପରେ ମୁଖ୍ୟସ୍ରୋତରେ ସାମିଲ ହୋଇଛନ୍ତି ଲୋକେ। ଲୋକଙ୍କ ପାଖରେ ପହଁଚିଛି ବିକାଶ। ହେଲେ ଆଦିବାସୀ ଲୋକଙ୍କ ସରଳତାର ସୁଯୋଗ ନେଇ ସରକାରୀ ଅଧିକାରୀ ସେମାନଙ୍କୁ ଲୁଟ କରିବା ଆରମ୍ଭ କରିଦେଇଛନ୍ତି। ଉପାନ୍ତ ଅଞ୍ଚଳର ଡଙ୍ଗରିଗୁଡା, ଗଳିଆଗୁଡା, କୋସ୍ରାଭଙ୍ଗା, ଗୁରୁଗୁଡା , ମହୁପଦର, ପେମ୍ବ୍ରାଗୁଡା, ମୁଣ୍ଡାଗୁଡା, କମାରପାଲି, ଚେରକୋପା ପ୍ରମୁଖ ଗାଁ ଲୋକେ ରାଜସ୍ୱ ନିରୀକ୍ଷକଙ୍କୁ ଲକ୍ଷାଧିକ ଟଙ୍କା ଦେଇଛନ୍ତି । ଏବେ ଅଭିଯୋଗମିଳିବା ପରେ ମାଥିଲି ତହସିଲଦାରଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ମାଲକାନଗିରି ଜିଲ୍ଲାପାଳ ।

# ଦୁଷ୍କର୍ମକାରୀ ଅଭିଯୁକ୍ତଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ

କେଉଁଝର, ୨୭/୧୧ (ନି.ପ୍ର): କେନ୍ଦୁଝର ଫାଷ୍ଟ ଟ୍ରାକ୍ କୋର୍ଟର ବିଚାରପତି ଶ୍ରୀ ବିଜୟ କୁମାର ମିଶ୍ର ଆଜି ଏକ ଦୁଷ୍କର୍ମ ମାମଲାର ବିଚାର କରି ଯୋଶିପୁର ଥ ?ାନା ଅନ୍ତର୍ଗତ ବଡପଣ୍ଡାଗଣ୍ଡି ଗ୍ରାମର ଅଭିଯୁକ୍ତ ଲିଟୁନ ରଣା ଙ୍କୁ ଦଶବର୍ଷ ସଶ୍ରମ କାରା ଦଣ୍ଡାଦେଶ ଶୁଣାଇଛନ୍ତି।ଘଟଣାରୁ ପ୍ରକାଶ ଯେ' ପାଟଣା ଥାନା ଅଞ୍ଚଳର ଜଣେ ନବମ ଶ୍ରେଣୀରେ ପାଠ ପଢୁଥିବା ପୀଡିତା ଙ୍କୁ ୨୦୨୧ମସିହା ସେପ୍ଟେମ୍ବର ୧୨ତାରିଖ ରେ ଅପହରଣ ନେଇଯାଇଥିଲା।ଘର ଲୋକ ତାଙ୍କୁ ବହୁ ଖୋଜା ଖୋଜି କରି ପାଇନଥିଲେ।୨୦ତାରିଖ ସଂନ୍ଧ୍ୟାରେ ପୀଡିତା ଙ୍କୁ ଅଭିଯୁକ୍ତ ଲିଟୁନ ଗାଁ ମୁଣ୍ଡରେ ଛାଡି ପଳାଇଯାଉଥିବା ସମୟରେ ତାଙ୍କୁ ଗାଁ ଲୋକେ କାବୁ କରିଥିଲେ।ଏହି ଘଟଣା ବିଷୟରେ ପୀଡିତା ଙ୍କୁ ପଚାରିବାରୁ ସେ ବିବାହ ପ୍ରଲୋଭନ ଦେଖାଇ ନେଇଯାଇ ଭୁବନେଶ୍ୱର ଭଉଣୀଘରେ ରଖି ଅନିଚ୍ଛା ସତ୍ତ୍ୱେ ବହୁବାର ବହୁବାର ଦୁଷ୍କର୍ମ କରିଥିଲା।ଏହି ଘଟଣା କୁ ନେଇ ପୀଡିତାର ବାପା ପାଟଣା ଥାନାରେ ଲିଖିତ ଅଭିଯୋଗ କରିବା ସହିତ ଅଭିଯୁକ୍ତ ଲିଟୁନ ଙ୍କୁ ଥାନାରେ ଜିମା ଦେଇଥିଲେ।ଏହାକୁ ଭିତିକରି ପାଟଣା ଥାନା ପୁଲିସ ଏକ ୧୫୪/୨୧ ଦଫା ୩୬୩/୩୬୬/ ୩୭୬(୨)ଏନ୍ ଓ ୬ ପକ୍ସୋ ମାମଲା ରୁଜୁ କରି ଅଭିଯୁକ୍ତ ଙ୍କୁ କୋର୍ଟ ଚାଲାଣ କରିଥିଲା।ଆଜି ୧୨ଜଣ ସାକ୍ଷୀ ଙ୍କ ଜମାନବଳୀ କୁ ଭିତ୍ତିକରି ଅଭିଯୁକ୍ତ ଲିଟୁନ ରଣା ଙ୍କୁ ଧାରା ୩୬୬ ଓ ୩୭୬(୨)ଏନ ରେ ଦୋଷୀ ସାବ୍ୟସ୍ତ କରି ପ୍ରତ୍ୟେକ ଦଫାରେ ୧୦ବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡାଦେଶ ସହ ପ୍ରତ୍ୟେକ ଦଫାରେ ୧୦ହଜାର ଜରିମାନା କରିଛନ୍ତି।ଏହାସହ ଜରିମାନା ଅନାଦେୟ ଅଧିକ ୬ମାସ ଲେଖାଏଁ ସଶ୍ରମ କାରାଦଣ୍ଡାଦେଶ ସହିତ ପୀଡିତା ଙ୍କୁ ୫ଲକ୍ଷ ଟଙ୍କା ଅନୁକମ୍ପା ମୂଳକ ରାଶି ପ୍ରଦାନ ନିମନ୍ତେ ଜିଲ୍ଲା ଆଇନସେବା ପ୍ରାଧିକରଣ କୁ ସୁପାରିଶ କରିଛନ୍ତି।ସରକାର ଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ରନାଥ ଜେନା ମାମଲା ପରିଚାଳନା କରିଥିଲେ।

# ବିଭିନ୍ନ ଦାବି ନେଇ କେନ୍ଦ୍ରୀୟ ଟ୍ରେଡ ୟୁନିୟନ ପକ୍ଷରୁ କେନ୍ଦୁଝରରେ ବିକ୍ଷୋଭ

କେଉଁଝର, ୨୭/୧୧ (ନି.ପ୍ର): କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧି ନୀତି ଓ ର ବୃଦ୍ଧି ନିୟନ୍ତ୍ରଣରେ ବିଫଳତା ବିରୁଦ୍ଧରେ ଓ ଅନ୍ୟାନ୍ୟ ଦବିରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ, କେନ୍ଦୁଝର ଜିଲ୍ଲା କମିଟି ତରଫରୁ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଦାବି ଗୁଡିକ ମଧ୍ୟରେ ନୂତନ ଶ୍ରମ କୋର୍ଡ ବାତିଲ କରିବା, ସରକାରୀ କର୍ମଚାରୀଙ୍କ ପୁରୁଣା ପେନସନ ସ୍କିମ ଲାଗୁ କରିବା, ବଡବିଲ-ବାଂଶପାଣି ରେଲ ଲାଇନ ସଂଯୋଗୀକରଣ କରିବା, ବଡବିଲ ଓ ଯୋଡାଠାରେ ଥିବା ଇଏସ୍‌ଆଇ ହସ୍‌ପିଟାଲର ଆଧୁନିକିକରଣ କରିବା ଓ ଆବଶ୍ୟକୀୟ ଡାକ୍ତର ନିଯୁକ୍ତି କରିବା, ସର୍ବନିମ୍ନ ମଜୁରୀ ୨୬ ହଜାର ଟଙ୍କାକୁ ବୃଦ୍ଧି କରିବା, ୧୨ ଘଟାଂ ଶ୍ରମ ଦିବସ ବାତିଲ କରିବା, ଭବିଷ୍ୟନିଧି ଖିଲାପକାରୀ କମ୍ପାନୀ ଉପରେ ଜୋରିମାନା କମ୍ କରିବା ଆଇନ ପ୍ରତ୍ୟାହାର କରିବା, ମନରେଗାରେ ୨ଶହ ଦିନ କାମ ଯୋଗାଇବୋ, ଚାଲୁଥିବା ଖଣି ଓ କାରଖାନାରେ ସ୍ଥାନୀୟ ଲୋକମାନଙ୍କୁ ନିଯୁକ୍ତି ଦେବା ଓ ବନ୍ଦ ଥିବା ସବୁ ଖଣି ଚାଲୁ କରିବା ଓ ଛଟେଇ ଶ୍ରମିକ ନିଯୁକ୍ତି ଦେବା ଆଦି ଦାବୀ ସମୂହ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କେନ୍ଦୁଝର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଥିଲା। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ସମାବେଶରେ ବକ୍ତବ୍ୟ ରଖି ଏଆଇଟିୟୁସି ତରଫରୁ ବରିଷ୍ଠ ଶ୍ରମିକ ନେତା ମହେଶ୍ୱର ରାଉତ, ସିଆଇଟିୟୁ ତରଫରୁ ଇନ୍ଦ୍ରମଣି ବେହେରା, ଆଇଏନ୍‌ଟିୟୁସି ତରଫରୁ ମୁନା ଖାଁ, ଏଆଇଟିୟୁସି ତରଫରୁ ମହେନ୍ଦ୍ର କୁମାର ମହାନ୍ତି କେନ୍ଦ୍ରରେ ଶାସନାଧିନ ମୋଦୀ ସରକାରଙ୍କ ଶ୍ରମିକ ମାରଣ ନୀତିକୁ ସମାଲୋଚନା କରିଥିଲେ। ଶ୍ରମିକ ସଂଗଠନମାନଙ୍କ୍ୱାରା ପ୍ରଦାନ କରାଯାଇଥିବା ଦାବି ସମୂହ ସରକାର ତୁରନ୍ତ ମାନି ନେବା ପାଇଁ ଦାବି କରାଯାଇଥିଲା। ବିଶେଷ କରି ସାଧାରଣ ଜନତାଙ୍କ ନିତ୍ୟ ବ୍ୟବହାର୍ଯ୍ୟ ପାର୍ଥର ର ବୃଦ୍ଧି ନିୟନ୍ତ୍ରଣରେ ବିଫଳତାକୁ କଠୋର ଭାଷାରେ ସମାଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏଆଇଟିୟୁସି ତରଫରୁ କପିଳ ମହାନ୍ତି, କାହ୍ନୁ ସାମଲ, ବୁ ଜାମା, ଶ୍ରୀହରୀ ଘଣା, ହୃାନନ୍ଦ ପାତ୍ର, ରାଜାରାମ ମୁଣ୍ଡା, ସିଆଇଟିୟୁ ତରଫରୁ ତୃପ୍ତି ରଞ୍ଜନ ପଟ୍ଟନାୟକ, କିଶୋର ମହାକୁଡ, ଏମ୍ ?ଡି ପୁନୁ, ଏନ୍ ?ଆଇଟିୟୁସି ତରଫରୁ ମୋହନ ପରିଡା, ଅଶୋକ ଠକ୍କର, ବଳବନ୍ତ ବେହେରା, ଦେବେନ୍ଦ୍ର ବାରିକ ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନବିରୋଧି ନୀତି ର ସମାଲୋଚନା କରିଥିଲେ। ଏକ ହଜାରରୁ ଅଧିକ ଶ୍ରମିକ ମାନଙ୍କର ଏକ ବିରାଟ ପଟୁଆର କାଳୀପଡିଆରୁ ବାହାରି ମୁଖ୍ୟ ରାସ୍ତା ଇେ ସହର ପରିକ୍ରମା କରିବା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଁଚିଥିଲେ।

# ନୀଳରକ୍ତ କଙ୍କଡ଼ାର ବ୍ରାଣ୍ଡ ଆମ୍ବାସାଡର ହେଲେ ଶିଳ୍ପୀ କେଶୁଦାସ



ବାଲେଶ୍ୱର, ୨୭/୧୧ (ନି.ପ୍ର): ନୀଳରକ୍ତ କଙ୍କଡ଼ା ଓ ସାମୁଦ୍ରିକ ଜୈବ ସୁରକ୍ଷା ମଞ୍ଚ, ବାଲେଶ୍ୱରର ସଭାପତି ଶିଳ୍ପୀ କେଶୁଦାସଙ୍କୁ ଭଦ୍ରକର ଚାନ୍ଦବାଲି କଲେଜରେ ଆସନ୍ତା ୪ ଓ ୫ ତାରିଖରେ ହେବାକୁ ଥିବା ବନ୍ୟପ୍ରାଣୀ ସୁରକ୍ଷାରେ ମୁଖ୍ୟତଃ ଭାରତୀୟ ନୀଳରକ୍ତ କଙ୍କଡ଼ା କର୍ମଶାଳା ପାଇଁ ବ୍ରାଣ୍ଡ ଆମ୍ବାସାଡର ଭାବରେ ନିମନ୍ତ୍ରଣ କରାଯାଇଛି । ଚାନ୍ଦବାଲି କଲେଜର ଉଦ୍ଭିଦ ଓ ପ୍ରାଣୀ ବିଭାଗ ଓ ଫକୀରମୋହନ ବିଶ୍ୱବିଦ୍ୟାଳୟର ସେଣ୍ଟର ଫର ରିସର୍ଚ୍ଚ ଇନ୍ କଞ୍ଜର୍ଭେସନ ଅଫ୍ ଇଣ୍ଡିଆନ୍ ହର୍ଶୁ କ୍ରାବ, ପିଜି ଡିପାର୍ଟମେଣ୍ଟ ଅଫ୍ ଜୁଲୋଜୀ, ପିଜି ଡିପାର୍ମେଣ୍ଟ ଅଫ୍ ବାଇୟୋସାଇନସ୍ ଏଣ୍ଡ ବାଇୟୋଟେକ୍ନୋଲୋଜି ତଥା ଆର୍ଥ କ୍ରୁସେଡର୍ସ ଅର୍ଗାନାଜେସନ, ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ 'ବନ୍ୟପ୍ରାଣୀ ସୁରକ୍ଷା କର୍ମଶାଳାରେ ମୁଖ୍ୟତଃ ଭାରତୀୟ ନୀଳରକ୍ତ କଙ୍କଡ଼ା ସୁରକ୍ଷା' ଆଧାରିତ ଦୁଇଦିନିଆ ଆଲୋଚନାତ୍ମକ କର୍ମଶାଳା ଅନୁଷ୍ଠିତ ହେବାକୁ ଯାଉଛି । ଏହି କର୍ମଶାଳାରେ ବହୁ ବିଶିଷ୍ଟ ବିଶେଷଜ୍ଞ ଯୋଗ ଦେବା ସହ ବାଲେଶ୍ୱରରୁ ଡ଼ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, ଡ଼ ସିଦ୍ଧାର୍ଥ ପତି, ଉପାସନା ପଟ୍ଟନାୟକ ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ପ୍ରକାଶ ଥାଉ କି ଶିଳ୍ପୀ କେଶୁ ଦାସ ୨୦୧୪ ମସିହାରୁ ବିଶ୍ୱର ବିରଳ ଓ ବିସ୍ମୟ ନୀଳରକ୍ତ କଙ୍କଡ଼ାର ସୁରକ୍ଷା ପାଇଁ ନିରବିଚ୍ଛନ୍ନ କାମ କରିଆସୁଛନ୍ତି । ବିଶେଷ କରି ପ୍ରତିଯୋଗିତା, ପ୍ରଦର୍ଶନୀ ଓ କଳା ସଂସ୍କୃତି ମାଧ୍ୟମରେ ବାଲେଶ୍ୱରର ସମୁଦ୍ର ଉପକୂଳବର୍ତ୍ତୀ ଗ୍ରାମମାନଙ୍କରେ ଛାତ୍ରଛାତ୍ରୀ, ମତ୍ସ୍ୟଜୀବୀ, ଗ୍ରାମବାସୀ ମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରି ନୀଳରକ୍ତ କଙ୍କଡ଼ାକୁ ବହୁ ମାତ୍ରାରେ ସୁରକ୍ଷା ଦେଇ ପାରିଛନ୍ତି । ନୀଳରକ୍ତ କଙ୍କଡ଼ା ସୁରକ୍ଷା ପାଇଁ ପ୍ରତି ବର୍ଷ ରାଖି ପୂର୍ଣ୍ଣମାରେ ଅଭିନବ ରକ୍ଷା ବନ୍ଧନ ଉତ୍ସବ ପାଳନ କରି ଏକ ନୂତନ ପରମ୍ପରା ସୃଷ୍ଟି କରିଛନ୍ତି । ଶିଳ୍ପୀ ଶ୍ରୀଦାସଙ୍କୁ ବ୍ରାଣ୍ଡ ଆମ୍ବାସାଡର ଭାବରେ ନିମନ୍ତ୍ରଣ ଖବର ଜାଣିବା ପରେ ନୀଳରକ୍ତ କଙ୍କଡ଼ା ଓ ସାମୁଦ୍ରିକ ଜୈବ ସୁରକ୍ଷା ମଞ୍ଚର ସମସ୍ତ କର୍ମକର୍ତ୍ତା ତଥା ବହୁ ପରିବେଶ ପ୍ରେମୀ ଶୁଭେଚ୍ଛା ଜଣାଇଛନ୍ତି ବୋଲି ମଞ୍ଚର ସମ୍ପାଦକ ଡଃ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ ଜଣାଇଛନ୍ତି ।

# 'ରିତ୍ୱିକ ଆଭା ଚାରିଟେବଲ୍‌ଟ୍ରଷ୍ଟ'ର ସାଂସ୍କୃତିକ ସନ୍ଧ୍ୟା

## ମାନସିକ ଓ ଶାରୀରିକ ଅନଗ୍ରସର ଶିଶୁଙ୍କୁ ଶିକ୍ଷାଦେବା ସର୍ବୋଚ୍ଚ ମୂଲ୍ୟବୋଧଭିତ୍ତିକ କାର୍ଯ୍ୟ






ଭୁବନେଶ୍ୱର , ୨୭/୧୧ (ନି.ପ୍ର): ରିତ୍ୱିକ ଆଭା ଚାରିଟେବଲ୍ ଟ୍ରଷ୍ଟ ଦ୍ୱାରା ପରିଚାଳିତ ମାନସିକ ଓ ଶାରୀରିକ ଅନଗ୍ରସର ପିଲାମାନଙ୍କ ଶିକ୍ଷା ଓ ଯତ୍ନ ପାଇଁ ସମର୍ପିତ ଡିଭାଇନ୍ ଚାଇଲଡ୍ ଇଂଟିଗ୍ରାଲ୍ ସ୍କୁଲ ଫର ସ୍ପେଶାଲ ଚିଲ୍‌ଡ୍ରେନର ବାର୍ଷିକ ସାଂସ୍କୃତିକ ସନ୍ଧ୍ୟାକୁ ଉଦ୍‌ଘାଟନ କରି ଭାରତୀୟ ରେଳପଥର ପୂର୍ବତନ ମୁଖ୍ୟ ସତର୍କତା ଅଧିକାରୀ ତଥା ବରିଷ୍ଠ ଉପମହାପ୍ରବନ୍ଧକ ଓ ଆଦାନୀ ଗ୍ରୁପ୍‌ର ପରାମର୍ଶଦାତା ସୁବ୍ରତ କୁମାର ତ୍ରିପାଠୀ କହିଲେ "ମାନସିକ ଓ ଶାରୀରିକ ଅନଗ୍ରସର ଶିଶୁଙ୍କୁ ଶିକ୍ଷା ଦେବା ଓ ଯତ୍ନ ନେବା ସମାଜର ସର୍ବୋଚ୍ଚ ମାନବିକ ମୂଲ୍ୟବୋଧଭିତ୍ତିକ କାର୍ଯ୍ୟ। ଯେଉଁମାନଙ୍କର ସୁରକ୍ଷା, ପ୍ରଯତ୍ନ ଓ ସକ୍ଷମ ମାନଙ୍କ ସହ ସମକକ୍ଷ କରାଇବା ପାଇଁ ସ୍ୱୟଂ ଈଶ୍ୱର ହିଁ ଶକ୍ତି ପ୍ରଦାନ କରିଥାନ୍ତି।" ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଆୟୋଜିତ ଏହି ସନ୍ଧ୍ୟାରେ ଅନୁଗୁଳ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଶାନ୍ତନୁ କୁମାର ସର, ଏସ.ସି.ବି ମେଡ଼ିକାଲ କଲେଜର ସ୍ନାୟୁରୋଗ ବିଭାଗର ବିଭାଗୀୟ ମୁଖ୍ୟ ଡାକ୍ତର ଅଶୋକ କୁମାର ମଲ୍ଲିକ, ଆୟକର ବିଭାଗର ଅବସରପ୍ରାପ୍ତ ମୁଖ୍ୟ ଆୟୁକ୍ତ ପ୍ରଦୋଷଚନ୍ଦ୍ର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ରିତ୍ୱିକ ଆଭା ଚାରିଟେବଲ୍ ଟ୍ରଷ୍ଟର ମାନବିକ ମୂଲ୍ୟବୋଧ ଓ ସମର୍ପିତ ସେବା ମନୋଭାବ ନେଇ କରୁଥିବା ବିଭିନ୍ନ କାର୍ଯ୍ୟ ଉପରେ ଆଲୋକପାତ କରି ଭୂୟସି ପ୍ରଶଂସା କରିଥିଲେ। ଟ୍ରଷ୍ଟର ଅଧ୍ୟକ୍ଷା ତଥା ପୂର୍ବତଟ ରେଳପଥର ପ୍ରାକ୍ତନ ପ୍ରମୁଖ ମୁଖ୍ୟ କାର୍ମିକ ଅଧିକାରୀ ଶ୍ରୀମତୀ ମଂଜୁ ରାୟ ଏହି ସାଂସ୍କୃତିକ ସନ୍ଧ୍ୟାର ଉଦ୍‌ଘାଟନୀ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ଶ୍ରୀମତୀ ଭାରତୀ ବ୍ରହ୍ମା ମଂଚ ପରିଚାଳନାରେ ସହଯୋଗ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ସ୍ୱର୍ଗତ ରିତ୍ୱିକ ରାୟଙ୍କ ସ୍ମୃତିରେ ଗଠିତ ଏହି ଚାରିଟେବଲ୍ ଟ୍ରଷ୍ଟ ଓଡ଼ିଶାର ବିଭିନ୍ନ ସ୍ଥାନରେ ମେଗା ହେଲଥ୍ କ୍ୟାମ୍ପ କରିବା ସହ ବରିଷ୍ଠ ନାଗରିକମାନଙ୍କୁ ସହଯୋଗର ହାତ ବଢାଇଛି। ଡିଭାଇନ୍ ସ୍କୁଲ୍‌ର ଛାତ୍ରଛାତ୍ରୀମାନେ ନୃତ୍ୟଗୀତ ପରିବେଷଣ କରିଥିଲେ ।

# ୬୩ ତମ ଜାତୀୟ ଫର୍ମାସି ସପ୍ତାହ ପାଳିତ

ଜୟପୁର, ୨୭/୧୧ (ନି.ପ୍ର): ଜୟପୁର କଲେଜ ଅଫ ଫାର୍ମାସୀ ତରଫରୁ ୬୩ ତମ ଜାତୀୟ ଫର୍ମାସି ସପ୍ତାହ ପାଳିତ ହୋଇଛି । ଏହି ସପ୍ତାହ ଅବସରରେ ତିନି ଦିନିଆ କାଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ପ୍ରଥମ ଦିନରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ, ଦ୍ୱିତିୟ ଦିନରେ ରକ୍ତ ଦାନ ଶିବିର ରେ ୩୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା ଓ ଆଜି ତୃତିୟ ଦିନରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି । ଏହି ଶୋଭାଯାତ୍ରା ରେ ୧୫୦ରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ଭାଗ ନେଇଥିଲେ । ଜୟପୁର ସରକାରି ମହିଳା ମହାବିଦ୍ୟାଳୟ ନିକଟରୁ ଏହି ଶୋଭାଯାତ୍ରା ବାହାରି ମୁଖ୍ୟ ରାସ୍ତା ଦେଇ ପଂଚାନନ ମନ୍ଦିର ନିକଟରେ ଶେଷ ହୋଇଥିଲା । ଏହି ଶୋଭାଯାତ୍ରା କୁ ଅନୁଷ୍ଠାନର ଭାଇସ ପ୍ରିନସପାଲ ସଂଗ୍ରମ କେଶିରି ପଣ୍ଡା ସବୁଜ ପତାକା ଦେଖାଇ ଉଦଘାଟନ କରିଥିଲେ ।ଏହା ସହ ରଣ୍ଡାପାଲ୍ଲି ସ୍ଥିତ ଫର୍ମାସି କଲେଜରେ ସମାପନ ଉତ୍ସବ ଅନୁଷ୍ଠିତ ହୋଇଥିଲା ।

# ହାଡ଼ିଆଡିହା ଶିବମୁନି ଯୋଗାଶ୍ରମର ବରିଷ୍ଠ ସିଦ୍ଧ - ସାଧକ ମୁନି ଗଣେଶ୍ୱର ବରଙ୍କର ଆତ୍ମଲୋକ ଗମନ

ରୂପସା , ୨୭/୧୧ (ନି.ପ୍ର): ରୂପସା ସାମିଲ ହସନପୁର ଗ୍ରାମ ନିବାସୀ,ବରିଷ୍ଠ ସିଦ୍ଧସାଧକ, ମୁନିଗଣେଶ୍ୱର ବର, ୮୫ ବର୍ଷ ବୟସରେ, ନିଜ ବାସଗୃହରେ, ସମ୍ପୂର୍ଣ୍ଣ ସୁସ୍ଥ ଥିବା ଅବସ୍ଥାରେ, ସ୍ତ୍ରୀ ସମସ୍ତ ପୁଅ, ବୋହୂ, ନାତି, ନାତୁଣୀମାନଙ୍କ ଗହଣରେ ଥାଇ, ଦେହଟିକିଏ ଭଲ ଲାଗୁନି କହି,ମୁନି ମୁଦ୍ରାରେ ବସି ପ୍ରଣବ,ଶୁଭ ଭାବନା କରିସାରି ଶିବୋଽହମ୍ ମହାମନ୍ତ୍ର ଜପଃ କରୁଥିବା ଅବସ୍ଥାରେ ନିଜର ସ୍ଥୂଳ ଶରୀରକୁ ପରିତ୍ୟାଗ କରି ସୂକ୍ଷ୍ମ ଲୋକକୁ ଗମନ କରିଅଛନ୍ତି । ଶାସ୍ତ୍ର ଅନୁଯାୟୀ ରାତ୍ରରେ ଶବଦାହ ନିଶେଧ ଥିବାରୁ ପରଦିନ ସକାଳେ, କୁଟୁମ୍ବ ଗାଁ ସାହି ପଡ଼ିଶା ବନ୍ଧୁ ବାନ୍ଧବ ମୁନିପରିବାର ଆତ୍ମିୟ ସ୍ୱଜନ ସମସ୍ତେ ଶେଷ ଦର୍ଶନ କରିସାରିବାପରେ, ହାଡିଆଡିହା ଶିବମୁନି ଯୋଗାଶ୍ରମର, କୋଷାଧକ୍ଷ, ଆତ୍ମଜ୍ଞାନୀ ସିଦ୍ଧ ସାଧକ ଯୋଗୀ ଭିକାରୀ ଚରଣ ମୁନିଜୀଙ୍କ ପରିଚାଳନାରେ, ଉପସ୍ଥିତ ଥିବା ମୁନିରାଜ ମୁନିରାଜ୍ଞୀ ମୁନି ମୁନିମତୀ ମାନେ ପରିବାରର ସଦସ୍ୟ ସଦସ୍ୟାମାନଙ୍କ ଗହଣରେ, ଦିବଂଗତ ଗଣେଶ୍ୱର ମୁନିଙ୍କ ସ୍ଥୂଳ ଶରୀରର ଚତୁପାର୍ଶ୍ୱରେ ମୁନି ମୁଦ୍ରାରେ ଉପବେଶନ କରି ନଅ ଥର ପ୍ରଣବ ତନିଥର ଶୁଭଭାବନା ମଧ୍ୟରେ ପ୍ରଣବ କରି, ସିଦ୍ଧସାଧକ ଗଣେଶ୍ୱର ମୁନି ଅମର ରହେ, ଅମର ରହେ, ଜୟ ଧ୍ୱନି ପ୍ରଦାନ କରିଥିଲେ । ପ୍ରଣବ ର ଓଁ କାର ନାଦରେ, ଶୋକାକୁଳ ପରିବେଶରେ, ଜଣାଯାଉଥିଲା ଯେପରି ଏକ ଦିବ୍ୟରଥରେ ବସି ଗଣେଶ୍ୱର ମୁନି ବ୍ରହ୍ମଲୋକକୁ ଗମନ କରୁଛନ୍ତି । ଧନ୍ୟ ଧନ୍ୟ ଗଣେଶ୍ୱର ବାବୁ, ଆମ୍ଭ ସମସ୍ତଙ୍କ ଉପସ୍ଥିତରେ ଆପଣ ଦିବ୍ୟରଥରେ ବସି ବ୍ରହ୍ମଲୋକକୁ ଗମନ କରୁଛନ୍ତି ।ଏକି ଦୃଶ୍ୟଆମ ଏସ୍ଥୂଳ ଚକ୍ଷୁ ଦର୍ଶନ କରୁଛି । ସମସ୍ତେ ଆଶ୍ଚର୍ଯ୍ୟ ଚକିତ ହୋଇଗଲେ । ତାପରେ, ସିଦ୍ଧସାଧକ ଗଣେଶ୍ୱର ମୁନି ଅମର ରହେ, ଅମର ରହେ ।ଜୟ ଧ୍ୱନୀ ଦେଇ ଶ୍ମସାନକୁ ନିଆଯାଇଥିଲା । ସେଠାରେ ସୁପୁତ୍ର ତ୍ରିଲୋକନ ବର ମୁଖାଗ୍ନି ଦେଇଥିଲେ । ମଙ୍ଗଳବାର ହାଡିଆଡିହା ଶିବମୁନି ଯୋଗାଶ୍ରମର ସାପ୍ତାହିକ ସତ୍ସଙ୍ଗରେ, ଦିବଂଗତ ଗଣେଶ୍ୱର ମୁନିଙ୍କର ସ୍ମୃତି ଚାରଣ କରାଯାଇଥିଲା । ସେ ଜଣେ ସତ୍ୟନିଷ୍ଠ ସାଧକଥିଲେ । ପ୍ରତ୍ୟେକ ସାପ୍ତାହିକ ସତ୍ସଙ୍ଗରେ ସେ ଉପସ୍ଥିତ ରହିଆସୁଥିଲେ । ଆଜି ଆଶ୍ରମ ଏକ ସତ୍ୟନିଷ୍ଠ ସିଦ୍ଧସାଧକ କୁ ହରାଇ ବସିଲା ଭାବି ସମସ୍ତଙ୍କ ଚକ୍ଷୁ ଲୋତକରେ ଭରିଯାଇଥିଲା । ସେ ଜଣେ ସତ୍ସଙ୍ଗ ପ୍ରେମୀଥିଲେ। ଆଖପାଖ ଯେ କୌଣସୀ ଆଶ୍ରମରେ ସତସଙ୍ଗ ହେଲେ ସେ ନିଶ୍ଚିତ ଯାଉଥିଲେ । ମୁନିମତୀ ପୂର୍ଣ୍ଣିମା ବର ପୂର୍ଣ୍ଣ ସହଯୋଗ କରିଥିଲେ ।

# ପରକୀୟା ପ୍ରୀତିର କରୁଣ ପରିଣତି: ସ୍ୱାମୀଙ୍କୁ ହତ୍ୟା ଧମକ

ବାଲିଆପାଳ , ୨୭/୧୧ (ନି.ପ୍ର): ପରକୀୟା ପ୍ରୀତିର ଏକ କରୁଣ ପରିଣତି ଦେଖିବାକୁ ମିଳିଛି ଏଠାରୁ ତିନି କିଲୋମିଟର ଦୂର ଏକ ଗାଁ ରେ। ନିଜ ସ୍ତ୍ରୀ ର ପ୍ରେମିକ ଠୁ ନିଜକୁ ରକ୍ଷାକରିବା ପାଇଁ ସ୍ୱାମୀ ଜଣଙ୍କ ଆଜି ଆକୁଳ ନିବେଦନ କରିଛନ୍ତି ବାଲିଆପାଳ ଥାନାରେ । ଦୁଇ ଜଣଙ୍କ ପ୍ରେମରେ ବାଧା ଦେଲେ ଜୀବନରୁ ମାରି ଦେବାକୁ ଧମକ ଦେଇଛି ସ୍ତ୍ରୀ ର ପ୍ରେମିକ ଜଣକ। ଘଟଣାରୁ ପ୍ରକାଶ ଯେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ବିଷ୍ଣୁପୁର ପଞ୍ଚାୟତ ନୟାବାଲି ଗ୍ରାମର ସୁଜତ ରାଉତ ହିନ୍ଦୁ ବୈଦିକ ରୀତି ନୀତି ଅନୁଯାୟୀ ୨୦୧୭ ମସିହାରେ ବସ୍ତା ବ୍ଲକ ବାସୁଚକୁରାଇ ଗ୍ରାମର ବୈଶାଖି ରାଣୀ ପାତ୍ରଙ୍କୁ ବିବାହ କରିଥିଲେ ।ଏବେ ଦୁଇ ଜଣଙ୍କ ଗୋଟିଏ ୩ ବର୍ଷ ର ପୁଅ ମଧ୍ୟ ରହିଛି। ସୁଜୟ୍ ହାରେ ରହି ପରିବାର ପ୍ରତିପୋଷଣ ପାଇଁ ଦାଦନ ଶ୍ରମିକ ଭାବରେ ହାଇଦ୍ରାବାଦରେ କାମ କରୁ ଥିଲେ ।କିନ୍ତୁ ଏହାର ସୁଯୋଗ ନେଇ ତାଙ୍କ ସ୍ତ୍ରୀ ବୈଶାଖ ତା ର ପୂର୍ବ ପ୍ରେମିକ ଅରୁଣ ମାଝୀ ସହିତ ପରକ୍ରିୟା ପ୍ରୀତିରେ ମାତି ଯାଇ ଏବେ ତା'ର ବାପ ଘର ବାସୁଚକୁରାଇ ଗ୍ରାମରେ ଗୋଟିଏ ବର୍ଷହେବ ରହି ଆସୁଛନ୍ତି ।ଏକଥା ଜାଣିଲା ପରେ ସୁଜିତ୍ ଭଦ୍ର ବ୍ୟକ୍ତିମାନଙ୍କୁ ନେଇ ସମସ୍ୟାର ସମାଧାନ ପାଇଁ ଶ୍ୱଶୁର ଘରକୁ ଯାଏ ଏବଂ ଆପୋଷ ବୁଝାମଣା କରି ଫେରି ଆସି ଥିଲେ । ବୈଶାଖୀ ର ପ୍ରେମିକ ବିଭିନ୍ନ ମୋବାଇଲ ନମ୍ବରରେ ଫୋନ କରି ସୁଜିତ ଙ୍କୁ ଜୀବନରୁ ମାରି ଦେବାର ଧମକ ଦ୍ୱୋ ସହିତ ଅଶ୍ଳିଳ ଫଟୋ ସହିତ ବୈଶାଖି ଓ ତାର ପ୍ରେମିକ ଦୁଇ ଜଣଙ୍କର ଭିଡିଓ କଲରେ ହୋଇ ଥିବା ବାର୍ତ୍ତାଳପ ସହିତ ଦୁଇ ଜଣଙ୍କ ଭିତରେ ଗଢିଉଠିଥିବା ପ୍ରେମ ସଂର୍ପକର ଲେଖା ଓ ସଂର୍ପକର ଭିଡିଓ ବୈଶାଖର ପ୍ରେମିକା ପଠାଇ ଥିଲା ସ୍ୱାମୀ ସୁଜିତଙ୍କ ପାଖକୁ । ପ୍ରେମିକ ମାଝୀ ଓ ପ୍ରେମିକା ବୈଶାଖି ଉଭୟେ ମିଶି ସୁଜିତଙ୍କୁ ନିଜ ରାସ୍ତାରୁ ହଟାଇବା ପାଇଁ ମଧ୍ୟ ଯୋଜନା କରିଛନ୍ତି ବୋଲି କଲ୍ କରି ବୈଶାଖିର ପ୍ରେମିକ ଫୋନ କରି କହୁଛନ୍ତି । ବୈଶାଖଙ୍କ ପ୍ରେମିକ ବାରମ୍ବାର ଫୋନ କଲ୍ କରି ଧମକ ଦେଉଛନ୍ତି ଯେ ଯଦି ତୁମ ସ୍ତ୍ରୀ ଙ୍କୁ ଆଣିବାକୁ ଯିବୁ ତେବେ ତ ରୋଗ ପୀଡ଼ିତ ମା 'ଙ୍କୁ ବିଷ ଦେଇ ମାରି ଦେବି ବୋଲି ଏଭଳି ଏକ କଲ୍ ରେକର୍ଡିଂର ବାର୍ତ୍ତାଳାପ ବୈଶାଖିର ପ୍ରେମିକ କହିଛନ୍ତି ବୋଲି ସୁଜିତ୍ ନିଜ ଜୀବନ ପ୍ରତି ବିପଦ ଥିବାରୁ ଆଜି ବାଲିଆପାଳ ଥାନାରେ ଅଭିଯୋଗ ଆଣିଛନ୍ତି ନ୍ୟାୟ ପାଇଁ। ପରକୀୟା ପ୍ରୀତି ର ଇଏ ହେଉଛି କରୁଣ ଚିତ୍ର। ତେବେ ମହିଳା ଜଣକ ନିଜର ପରିବାର ଓ ସ୍ୱାମୀ ଥାଇ ଅନ୍ୟ ପୁରୁଷ ସହିତ ଅନୈତିକ ସମ୍ପର୍କ ରଖିଥିବାରୁ ନିଜ ସ୍ୱାମୀଙ୍କୁ କିପରି ପ୍ରମିକଙ୍କ ଜରିଆରେ ଧମକ ଦେଉଛନ୍ତି ତାହା ଇଏ ସମାଜ ପ୍ରତି ଏକ କଳଙ୍କ । ଜଣେ ନାରୀ ପାଇଁ ସ୍ୱାମୀ ହେଉଛି ଇହ ପର କାଳର ଦେ୍ୱତା। କିନ୍ତୁ ସେଇ ସ୍ତ୍ରୀ ନିଜ ମଥାରେ ସିନ୍ଦୁର ଓ ଶଙ୍ଖା ପୋଛାଇ ଦେବା ପାଇଁ ପ୍ରେମିକଙ୍କୁ ନିଜ ସ୍ୱାମୀଙ୍କୁ ମାରିବା ପାଇଁ ଷଡ଼ଯନ୍ତ୍ର ରଚାଉ ଅଛି ।ଏ ଭଳି ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଥିବା ଯୁବକଙ୍କୁ ପ୍ରଶାସନ ତରଫରୁ ଉଚିତ୍ ଦଣ୍ଡ ପ୍ରଦାନ କରାଯାଉ ବୋଲି ସ୍ୱାମୀ ଦାବି କରିଛନ୍ତି।

## ରାଜଧାନୀକୁ ଗ୍ରାସିଲା ଶିଶୁବିକ୍ରି ...

ଅବଶ୍ୟ ରାଜଧାନୀ ଶିଶୁ ବିକ୍ରି ଘଟଣାରେ ପୋଲିସ ସବୁ ଅଭିଯୁକ୍ତଙ୍କୁ ଗିରଫ କରିଛି । ତେବେ ବୁର୍ଲା ମେଡିକାଲରୁ ଶିଶୁ ଚୋରି ଘଟଣାରେ ଏଯାଏଁ ଅଭିଯୁକ୍ତର ଟେର୍ ପାଇନି ପୋଲିସ ।ରାଜଧାନୀରେ ହଇଚଇ ! ୪୦ ହଜାର ଟଙ୍କାରେ ପିଲା ବିକ୍ରି ! ୪ ବର୍ଷର ଅବୋଧ କନ୍ୟାଶିଶୁକୁ ଅନ୍ୟ ହାତରେ ଟେକିଦେଲେ ବାପା ଓ ସାବତ ମାଆ । ସଭ୍ୟ ସମାଜକୁ ଲଜ୍ଜିତ କଲା ଭଳି ଏ ଘଟଣା ଘଟିଛି ଖୋଦ୍ ଭୁବନେଶ୍ୱର ବଡଗଡ଼ ଥାନା ଅଞ୍ଚଳରେ । ଘଟଣା ଥିଲା ଏମିତି । ଭୁବନେଶ୍ୱର ଟଙ୍କପାଣି ରୋଡ୍ ଅଞ୍ଚଳରେ ରହୁଥିବା ମୂଳ ବିହାରର ଏକ ଦମ୍ପତି ନିଜର ୪ ବର୍ଷ କନ୍ୟାଶିଶୁକୁ ପିପିଲିର ଏକ ନିସନ୍ତାନ ଦମ୍ପତିଙ୍କୁ ବିକି ଦେବା ପାଇଁ କିଛି ଦିନ ତଳେ ଡିଲ୍ ହୋଇଥିଲା । କୁହାଯାଉଛି, ଏ ଡିଲ୍ ପଛରେ ଦୁଇ ଜଣ ମଧ୍ୟସ୍ଥି କାମ କରୁଥିଲେ । ଡିଲ୍ ଫାଇନାଲ ହେବା ପରେ ପିପିଲିର ଦମ୍ପତି ମଧ୍ୟସ୍ଥିଙ୍କ ମାଧ୍ୟମରେ ବିହାରୀ ଦମ୍ପତିଙ୍କ ହାତରେ ୪୦ ହଜାର ଟଙ୍କା ଧରାଇ ଶିଶୁକୁ ନିଜ ଘରକୁ ନେଇଥିଲେ । ପରେ ବିହାରୀ ଦଂପତି ରହୁଥିବା ଘର ମାଲିକ ଏ କଥା ଜାଣିବା ପରେ ବଡଗଡ଼ ପୋଲିସକୁ ଜଣାଇଥିଲେ । ପୋଲିସର ଏକ ସ୍ପେଶାଲ ଟିମ୍ ଏ ଘଟଣାରେ ଦୁଇ ଦଲାଲଙ୍କ ସହ ମୋଟ୍ ୬ ଜଣଙ୍କୁ ଗିରଫ କରିବା ସହ ଶିଶୁକୁ ଉଦ୍ଧାର କରି ଚାଇଲ୍ଡ ଲାଇନର ଜିମା ଦେଇଥିଲା । ପିଲା ବିକ୍ରି ଘଟଣା ଯେ ସଂପୂର୍ଣ୍ଣ ସତ, ସେକଥାକୁ ପୋଲିସ ଆଗରେ ଗୋଟି ଗୋଟି ମାନି ଯାଇଥିଲେ କିଣାବିକା କରିଥିବା ଉଭୟ ଦଂପତି । ଅଭାବ ହେଉ କି ଅନ୍ୟ କେଉଁ ଅସ୍ୱାଭାବିକ ସ୍ଥିତି, ଏଇ କିଛି ଦିନ ଭିତରେ ନିଜ ଜନ୍ମିତ ସନ୍ତାନକୁ ଟଙ୍କା କେଇଟା ବିନିମୟରେ ଅନ୍ୟ ହାତକୁ ଟେକି ଦେବା ଭଳି ଏକାଧିକ ଘଟଣା ସାମ୍ନାକୁ ଆସିଛି । ସପ୍ତାହେ ତଳେ ବଲାଙ୍ଗିର ଲାଠୋରରେ ଏକ ନବଜାତ ଶିଶୁକୁ ବିକ୍ରି ଅଭିଯୋଗ ପରେ ଏ ମାମଲାରେ ୩ ଜଣଙ୍କୁ ଗିରଫ କରିଥିଲା ପୋଲିସ । ମାମଲାରେ ଜଣେ ଏଏନଏମ୍ ନିଲମ୍ବିତ ବି ହୋଇଥିଲେ । ସେହିଭଳି ଏହାର ଦିନକ ପୂର୍ବରୁ ରାୟଗଡ଼ାରେ ଏକ ଦଂପତି ମାତ୍ର ୯ ଦିନର ଶିଶୁକନ୍ୟାକୁ ୨୦ ହଜାର ଟଙ୍କାରେ ଆନ୍ଧ୍ର ପ୍ରଦେଶର ଏକ ଦମ୍ପତିକୁ ବିକ୍ରି କରିଥିବା ଅଭିଯୋଗ ଆସିଥିଲା । ରାଜ୍ୟରେ ଗୋଟିଏ ପରେ ଗୋଟିଏ ଏଭଳି ଅଭାବନୀୟ ଘଟଣାକୁ ନେଇ ଗଭୀର ଉଦବେଗ ପ୍ରକାଶ କରିଛନ୍ତି ଶିଶୁ ସୁରକ୍ଷା ଉପରେ କାର୍ଯ୍ୟ କରୁଥିବା ସଂଗଠନ। ଏପଟେ ପିଲା ବିକ୍ରି ଭିତରେ ବୁର୍ଲା ଭିମସାରରୁ ପିଲା ଚୋରି ଘଟଣା ବି ନବଜାତକଙ୍କ ଶିଶୁଙ୍କ ସୁରକ୍ଷା ପ୍ରସଙ୍ଗ ଉପରେ ଟାଣିଛି ବଡ଼ ପ୍ରଶ୍ନବାଚୀ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଚାଉଳ ହିତାଧିକାରୀଙ୍କ....

ପିଡିଏସ ହିତାଧିକାରୀଙ୍କ ମଧ୍ୟରୁ ଏବେ ସୁଦ୍ଧା ୨ କୋଟି ୬୯ ଲକ୍ଷ ୨୩ ହଜାର ୮୩୦ ହିତାଧିକାରୀଙ୍କ କେୱାଇସି ଯାଞ୍ଚ ସରିଲାଣି ଇ-କେୱାଇସି ଯାଞ୍ଚ ସମୟରେ ଚିହ୍ନିତ ହେଉଥିବା ମୃତ ହିତାଧିକାରୀଙ୍କୁ ବାଦ ଦିଆଯାଇ ଆଗକୁ ପୁଣି ଯେତେ ସ୍ଥାନ ଖାଲି ହେବ, ସେହି ସ୍ଥାନରେ ଯୋଗ୍ୟ ଆବେଦନକାରୀଙ୍କୁ ନୂତନ ରାସନ କାର୍ଡ ଯଥାଶୀଘ୍ର ଯୋଗାଇ ଦିଆଯିବ। ଏବେବି ୬ ଲକ୍ଷ ୧୯ ହଜାର ୮ ଶହ ୩୬ ନୂଆ କାର୍ଡ ପାଇଁ ଆବେଦନ କରି ଅପେକ୍ଷାରେ ଥିବା ମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, ଜାନୁଆରୀ ପ୍ରଥମ ସପ୍ତାହରୁ ହିତାଧିକାରୀଙ୍କୁ ଚାଉଳ ସହ ଗହମ ମିଳିବ ବୋଲି ଯୋଗାଣ ମନ୍ତ୍ରୀ କିଛି ଦିନ ତଳେ ଗଣମାଧ୍ୟମରେ କହିଥିଲେ।

## କାର୍ଯ୍ୟରେ ଯୋଗ ...

ତେବେ ଜୁନ୍ ୪ ତାରିଖରେ ଫଳାଫଳ ପ୍ରକାଶ ପାଇବାର ଦିନକ ପରେ ଅର୍ଥାତ ୬ ତାରିଖରେ ସାଧାରଣ ପ୍ରଶାସନ ବିଭାଗ ତାଙ୍କ ଛୁଟି ମଞ୍ଜୁର କରିଥିବା ଜଣାପଡ଼ିଥିଲା। ପିଛିଲା ଭାବେ ମେ' ୩୧ରୁ ଏହି ଛୁଟି ଲାଗୁ ହୋଇଥିଲା। ଯଦିଓ ସୁଜାତାଙ୍କ ଛୁଟି ଆଇନ ଅନୁଯାୟୀ ଠିକ୍, ତେବେ ତାହା ସ୍ୱାଭାବିକ ନଥିଲା। କାରଣ ସୁଜାତାଙ୍କ ସ୍ୱାମୀ ଭି କେ ପାଣ୍ଡିଆନ୍ ଥିଲେ ବିଜେଡିର ଦ୍ୱିତୀୟ କ୍ଷମତାକେନ୍ଦ୍ର। ସେଥିପାଇଁ ପ୍ରଶାସନରେ ସୁଜାତାଙ୍କ କାଟ୍‌ତି ଅଧିକ ଥିଲା। ସୂଚନା ଥାଉକି ଆଜି କାର୍ଯ୍ୟରେ ଯୋଗ ଦେବାକୁ ତାଙ୍କୁ କୁହାଯାଇଥିଲା। ୨୦୦୦ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ସୁଜାତା ଗତ ମେ' ୩୧ ତାରିଖରୁ ୬ ମାସ ପାଇଁ ଛୁଟିରେ ଯାଇଥିଲେ। ଝିଅର ଦଶମ ପରୀକ୍ଷା ଥିବାରୁ ତା'ର ଯତ୍ନ ପାଇଁ ସେ ଏହି ଛୁଟି ନେଇଥିଲେ। ତେବେ ଜୁନ୍ ୪ ତାରିଖରେ ଫଳାଫଳ ପ୍ରକାଶ ପାଇବାର ଦିନକ ପରେ ଅର୍ଥାତ ୬ ତାରିଖରେ ସାଧାରଣ ପ୍ରଶାସନ ବିଭାଗ ତାଙ୍କ ଛୁଟି ମଞ୍ଜୁର କରିଥିବା ଜଣାପଡ଼ିଥିଲା। ପିଛିଲା ଭାବେ ମେ' ୩୧ରୁ ଏହି ଛୁଟି ଲାଗୁ ହୋଇଥିଲା। ଯଦିଓ ସୁଜାତାଙ୍କ ଛୁଟି ଆଇନ ଅନୁଯାୟୀ ଠିକ୍, ତେବେ ତାହା ସ୍ୱାଭାବିକ ନଥିଲା। କାରଣ ସୁଜାତାଙ୍କ ସ୍ୱାମୀ ଭି କେ ପାଣ୍ଡିଆନ୍ ଥିଲେ ବିଜେଡିର ଦ୍ୱିତୀୟ କ୍ଷମତାକେନ୍ଦ୍ର। ସେଥିପାଇଁ ପ୍ରଶାସନରେ ସୁଜାତାଙ୍କ କାଟ୍‌ତି ଅଧିକ ଥିଲା। ବିଜେଡି କ୍ଷମତାଚ୍ୟୁତ ହେଲା ପରେ ସୁଜାତା ଛୁଟିରେ ଚାଲିଯାଇଥିବା ସ୍ପଷ୍ଟ ହୋଇଥିଲା। ଆଜି ତାଙ୍କର ଛୁଟି ଅବଧି ଶେଷ ହୋଇଛି । ସେ ୬ମାସ ପାଇଁ ଛୁଟିରେ ରହିଥିଲେ । ଛୁଟି ଅବଧି ଶେଷ ହେବା ପୂର୍ବରୁ ସେ ପୁଣି ରାଜ୍ୟ ସରକାରଙ୍କ ନିକଟରେ ପୁଣି ୬ମାସ ପାଇଁ ଛୁଟି ଆବେଦନ କରିଥିଲେ । ହେଲେ ରାଜ୍ୟ ସରକାର ତାଙ୍କ ଆବେଦନକୁ ଅଗ୍ରାହ୍ୟ କରି ତୁରନ୍ତ କାର୍ଯ୍ୟରେ ଯୋଗଦେବାକୁ ନିର୍ଦ୍ଦେଶ ଦେଇଥିଲେ । ନିର୍ବାଚନ ବେଳେ ସେତେବେଳର ବିରୋଧୀ ବିଜେପି ତାଙ୍କ ନାମରେ ସଂଗୀନ ଅଭିଯୋଗ ଆଣିଥିଲା। ନିର୍ବାଚନ କମିଶନଙ୍କ ପାଖରେ ବିଜେପି ଅଭିଯୋଗ କରିଥିଲା କି ସୁଜାତା ସରକାରୀ ଚାକିରିରେ ରହି ସେତେବେଳେର ଶାସକ ଦଳ ବିଜେଡି ପାଇଁ କାମ କରୁଛନ୍ତି । ଏହାପରେ ସୁଜାତାଙ୍କୁ ମିଶନ ଶକ୍ତି ଦାୟିତ୍ୱରୁ ବାହାର କରି ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ଦାୟିତ୍ୱ ଦେଇଥିଲ । ଦାୟିତ୍ୱ ନେବାର କିଛିଦିନ ପରେ ସେ ୬ମାସ ପାଇଁ ତତ୍କାଳ ଛୁଟିରେ ଯାଇଥିଲେ ।

## ଭୁବନେଶ୍ୱର ଆସୁଛନ୍ତି ...

ଜେନ୍ ଘୋଷଣା କରାଯାଇଛି। କୌଣସି ବି ଅପ୍ରୀତିକର ଘଟଣା ରୋକିବା ଏବଂ ସମଗ୍ର ଦେଶର ଭିଭିଆଇପି ଓ ପ୍ରତିଷ୍ଠିତ ପ୍ରତିନିଧିଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଏହି ଉପାୟ କରାଯାଇଛି ବୋଲି ପୋଲିସ କମିଶନର ଏସ୍ ଦେବଦତ୍ତ ସିଂ କହିଛନ୍ତି। ବିଏସଏଫ, ସିଆରପିଏଫ, କ୍ୱିକ୍ ରିଆକ୍ସନ ଟିମ୍ ମୁତୟନ କରାଯାଇଛି। ପୂରା ସହରକୁ ସିସିଟିଭି ନୀରିକ୍ଷଣରେ ରଖାଯାଇଛି। ଏହି ସମୟରେ ସମସ୍ତ ନାଗରିକଙ୍କୁ ସହଯୋଗ ଆଶା କରାଯାଉଛି। ଯଦ୍ୱାରା ଭୁବନେଶ୍ୱରରେ ଏହି ଭବ୍ୟ ସଫଳତା ସୁନିଶ୍ଚିତ ହୋଇ ପାରିବ ବୋଲି ପୋଲିସ କମିଶନର କହିଛନ୍ତି। ସୂଚନାଯୋଗ୍ୟ, ଡିଜିପି ସମ୍ମିଳନୀ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତିନି ଦିନିଆ ଗସ୍ତରେ ଆସି ନଭେମ୍ବର ୨୯ରେ ଭୁବନେଶ୍ୱରରେ ପହଞ୍ଚିବେ। ୨୯ ତାରିଖ ଶୁକ୍ରବାର ଅପରାହ୍ନ ୪ଟା ୧୫ରେ ଭୁବନେଶ୍ୱର ବିମାନ ବନ୍ଦରରେ ପ୍ରଧାନମନ୍ତ୍ରୀ ପହଞ୍ଚିବେ। ସେଠାରେ ଏକ ସାଧାରଣ ସଭାରେ ଯୋଗ ଦେବା ସହ ଜନତାଙ୍କୁ ସମ୍ବୋଧିତ କରିବେ। ଏହା ପରେ ବିମାନ ବନ୍ଦରରୁ ରାଜଭବନ ଯାଏଁ ରୋଡ୍ ଶୋ କରିବେ। ସେଠାରୁ ଦଳୀୟ କାର୍ଯ୍ୟାଳୟକୁ ଆସି କର୍ମକର୍ତ୍ତାଙ୍କୁ ଗୁରୁମନ୍ତ୍ର ଦେବେ। ପାର୍ଟି ଅଫିସରେ ପ୍ରାୟ ୨ ଘଣ୍ଟା ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ରହିବେ। ଏହି ସମୟରେ ବୈଠକରେ ଦଳୀୟ ସାଂସଦ, ମନ୍ତ୍ରୀ, ବିଧାୟକ, ବରିଷ୍ଠ ପଦାଧିକାରୀ ଉପସ୍ଥିତ ରହିବେ। ଏହା ପରେ ନଭେମ୍ବର ୩୦ ଓ ଡିସେମ୍ବର ୧ରେ ଡିଜିପି ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ଯୋଗ ଦେବେ। ଡିଜିପି ସମ୍ମିଳନୀରେ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ଡିଜିପି ଯୋଗଦେବେ। ଏହା ସହିତ ବିଭିନ୍ନ ସୁରକ୍ଷା ଏଜେନ୍ସିର ମୁଖ୍ୟମାନେ ଏଥିରେ ଯୋଗ ଦେବେ। ପ୍ରଥମ ଦିନ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ଏହି ସମ୍ମିଳନୀକୁ ଉଦଘାଟନ କରିବେ।

## ୧୨ ହଜାର ଟଙ୍କା...

ଭିଜିଲାନ୍ସର ଯୋଜନା ପ୍ରକାରେ ଆଜି ଉକ୍ତ କର୍ମଚାରୀ ଜଣଙ୍କ ସିଡିପିଓ ସନ୍ଧ୍ୟାରଣୀ ପାଣିଗ୍ରାହୀଙ୍କୁ ତାଙ୍କ ଅଫିସରେ ୧୨ ହଜାର ଟଙ୍କା ଦେଇଥିଲେ। ସିଡିପିଓ ଲାଞ୍ଚ ଅର୍ଥ ଗ୍ରହଣ କରିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ। ତାଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଥିଲା। ସିଡିପିଓ ସନ୍ଧ୍ୟାରଣୀ ପାଣିଗ୍ରାହୀ ଲାଞ୍ଚ ନେଇ ଧରାପଡ଼ିବା ପରେ ଭିଜିଲାନ୍ସ ପକ୍ଷରୁ ତାଙ୍କର ତିନିଟି ଠିକଣାରେ ଚଢ଼ାଉ କରାଯାଇଛି। ସେ ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଥିବା ସନ୍ଦେହରେ ଭିଜିଲାନ୍ସ ପକ୍ଷରୁ ଏହି ଚଢ଼ାଉ କରାଯାଇଛି। ଏହି ଘଟଣାରେ ଭିଜିଲାନ୍ସର ତଦନ୍ତ ଜାରି ରହିଛି।

## ୟୁନୁସ୍ ସରକାର...

ଏବଂ ଅପମାନ ଭଳି ଅନେକ ମାମଲା ରହିଛି। ଦେବତା ଏବଂ ମନ୍ଦିରକୁ ଅପବିତ୍ର କରିବା ମାମଲା ଘଟିଛି। ବିବୃତିରେ କୁହାଯାଇଛି, ଦୁର୍ଭାଗ୍ୟଜନକ ଯେ ଏହି ଘଟଣାର ଅପରାଧୀମାନେ ଏପର୍ଯ୍ୟନ୍ତ ମୁକ୍ତ ଭାବରେ ବୁଲୁଛନ୍ତି, କିନ୍ତୁ ଶାନ୍ତିପୂର୍ଣ୍ଣ ଭାବେ ଆଇନଗତ ଦାବି ଉଠାଇଥିବା ଜଣେ ଧାର୍ମିକ ନେତାଙ୍କ ବିରୋଧରେ ମାମଲା ଦାଏର କରାଯାଇଛି। ଇସ୍କନ୍ ସନ୍ଥଙ୍କ ଗିରଫଦାରୀ ବିରୋଧରେ ଶାନ୍ତିପୂର୍ଣ୍ଣ ଭାବେ ବିରୋଧ କରୁଥିବା ସଂଖ୍ୟାଲଘୁଙ୍କ ଉପରେ ହୋଇଥିବା ଆକ୍ରମଣକୁ ନେଇ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମଧ୍ୟ ଉଦ୍‌ବେଗ ପ୍ରକାଶ କରିଛି। ଅନ୍ୟପକ୍ଷରେ, ଭାରତୀୟ ବୈଦେଶିକ ମନ୍ତ୍ରଣାଳୟର ବିବୃତିରେ ବାଂଲାଦେଶର ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ ଏହା ଭିତ୍ତିହୀନ ଏବଂ ଦୁଇ ଦେଶ ମଧ୍ୟରେ ବନ୍ଧୁତ୍ୱର ବିରୁଦ୍ଧ ଅଟେ। ବାଂଲାଦେଶରେ ଇସ୍କନ୍ ସନ୍ଥଙ୍କୁ ଗିରଫ କରିବା ଯୋଗୁ ଭାରତ ଏବଂ ବାଂଲାଦେଶ ମଧ୍ୟରେ ତିକ୍ତତା ସୃଷ୍ଟି କରିଛି। ବିଶ୍ୱ ହିନ୍ଦୁ ପରିଷଦ (ଭିଏଚପି) ଏହି ପଦକ୍ଷେପକୁ ଭୟଭୀତ ତଥା ଅଗଣତାନ୍ତ୍ରିକ ବୋଲି ବର୍ଣ୍ଣନା କରିଛି। କୃଷ୍ଣ ଦାସ ବ୍ରହ୍ମଚାରୀଙ୍କ ମୁକ୍ତି ପାଇଁ ବାଂଲାଦେଶ ସହ କଥାବାର୍ତ୍ତା କରିବାକୁ ଇସ୍କନ୍ ଭାରତକୁ ନିବେଦନ କରିଛି। ଇସ୍କନ୍ ପକ୍ଷରୁ କୃଷ୍ଣ ଦାସଙ୍କ ଉପରେ ଅଣାଯାଇଥିବା ଅଭିଯୋଗକୁ ସମ୍ପୂର୍ଣ୍ଣ ରୂପେ ଖଣ୍ଡନ କରାଯାଇଛି। ସଦ୍‌ଗୁରୁ ଶ୍ରୀ ଶ୍ରୀ ରବି ଶଙ୍କର ମଧ୍ୟ ଏହି ଗିରଫଦାରୀକୁ ସମାଲୋଚନା କରିଛନ୍ତି। ରବି ଶଙ୍କର କହିଛନ୍ତି, ଆମେ ଶାନ୍ତି ଏବଂ ନିରାପତ୍ତା ଆଣିବା ପାଇଁ ନୋବେଲ ଶାନ୍ତି ପୁରସ୍କାର ପାଇଥିବା ପ୍ରଫେସର ମହମ୍ମଦ ୟୁନୁସଙ୍କଠାରୁ ଅଧିକ କିଛି ଆଶା କରୁଛୁ ଏବଂ ସେଥିପାଇଁ ତାଙ୍କୁ କାର୍ଯ୍ୟନିର୍ବାହୀ ସରକାରର ମୁଖ୍ୟ କରାଯାଇଛି। ଆମେ ଆଶା କରିବୁ ନାହିଁ ଯେ ସେମାନେ ସେଭଳି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ଯାହା ସମ୍ପ୍ରଦାୟ ମଧ୍ୟରେ ଅଧିକ ଉତ୍ତେଜନା ଏବଂ ଭୟ ସୃଷ୍ଟି କରିବ। ବାଂଲାଦେଶରେ ହିନ୍ଦୁମାନଙ୍କର ଜନସଂଖ୍ୟା ହ୍ରାସ ଏବଂ ଗଣତନ୍ତ୍ରର ଦୁର୍ବଳତା ମଧ୍ୟରେ ଏହି ଘଟଣା ଘଟିଛି। ଖବର ଅନୁଯାୟୀ, ଜଣେ ସ୍ଥାନୀୟ ଯୁବକ ଫେସବୁକରେ ଏକ ପୋଷ୍ଟ କରି ଇସ୍କନ୍ ଉପରେ ପ୍ରତିବନ୍ଧକ ଲଗାଇବାକୁ ଦାବି କରିଥିଲେ। ଯାହା ପରେ ସ୍ଥାନୀୟ ହିନ୍ଦୁ ସମ୍ପ୍ରଦାୟ ଏହାକୁ ବିରୋଧ କରିଥିଲେ। ବାଂଲାଦେଶରେ ହିନ୍ଦୁମାନଙ୍କ ଅବସ୍ଥା ଚିନ୍ତାଜନକ। ଏକଦା ହିନ୍ଦୁମାନେ ବାଂଲାଦେଶର ଜନସଂଖ୍ୟାର ୨୦% ଥିଲେ, କିନ୍ତୁ ବର୍ତ୍ତମାନ ହିନ୍ଦୁମାନଙ୍କ ଜନସଂଖ୍ୟା ୯% ରୁ କମ୍ ହୋଇଯାଇଛି। ଏହାକୁ ନେଇ ଅନ୍ତର୍ଜାତୀୟସ୍ତରରେ ଚିନ୍ତା ବ୍ୟକ୍ତ କରାଯାଉଛି। ହିନ୍ଦୁ ସମ୍ପ୍ରଦାୟର ନେତାମାନେ କହିଛନ୍ତି ଯେ ସଂଖ୍ୟାଲଘୁମାନଙ୍କୁ ସର୍ବଦା ଟାର୍ଗେଟ କରାଯାଉଛି। ଏକ ରିପୋର୍ଟ ଅନୁଯାୟୀ, ଜାନୁୟାରୀ ୨୦୧୩ରୁ ସେପ୍ଟେମ୍ବର ୨୦୨୧ ମଧ୍ୟରେ ହିନ୍ଦୁ ସମ୍ପ୍ରଦାୟ ଉପରେ ଅତି କମରେ ୩,୬୭୯ ଆକ୍ରମଣ ହୋଇଥିଲା, ଯେଉଁଥିରେ ଭଙ୍ଗାରୁଜା, ଅଗ୍ନିକାଣ୍ଡ ଏବଂ ହିଂସା ମଧ୍ୟ ରହିଛି। ଶେଖ ହାସିନାଙ୍କୁ କ୍ଷମତାରୁ ହଟାଇବା ପରେ ବାଂଲାଦେଶ କଠିନ ସମୟ ଦେଇ ଗତି କରୁଛି। ହିନ୍ଦୁମାନଙ୍କ ଉପରେ ବଢୁଥିବା ଆକ୍ରମଣକୁ କମ୍ କରିବାକୁ ୟୁନୁସ୍ ସରକାର କହିଥିଲେ। ସରକାରଙ୍କ ଅନୁସାରେ ସଂଖ୍ୟାଲଘୁମାନଙ୍କ ପ୍ରତି ହିଂସା କେବଳ କିଛି କ୍ଷେତ୍ରରେ ଘଟିଛି। କିଛି ଦିନ ତଳେ ଦେଇଥିବା ଏକ ସାକ୍ଷାତକାରରେ ୟୁନୁସ୍ କହିଛନ୍ତି ଯେ ହିନ୍ଦୁମାନଙ୍କ ଉପରେ ହୋଇଥିବା ଆକ୍ରମଣ ସାମ୍ପ୍ରଦାୟିକ ନୁହେଁ ବରଂ ରାଜନୈତିକ ଅସ୍ଥିରତାର ଫଳାଫଳ। କାରଣ ଏକ ଧାରଣା ଥିଲା ଯେ ଅଧିକାଂଶ ହିନ୍ଦୁ ହାସିନାଙ୍କ ଆୱାମୀ ଲିଗକୁ ସମର୍ଥନ କରୁଥିଲେ।

## ଗନ୍ଧମାର୍ଦ୍ଦନକୁ ନେଇ ବିଜେଡି-ବିଜେପି ...

ଆଦାନୀକୁ କେବେ ବି କାରଖାନା କରିବାକୁ ଦେବୁ ନାହିଁ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ । ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଗନ୍ଧମାର୍ଦ୍ଦନରେ ଖଣି ଉତ୍ତୋଳନ ପାଇଁ ପ୍ରସ୍ତାବ ନାହିଁ । ଶୂନ୍ୟକାଳରେ ଆଲୋଚନା ଆରମ୍ଭ କରି ଉଦବେଗ ପ୍ରକାଶ କରିଥିଲେ ବିରୋଧୀଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ । ସେ କହିଥିଲେ କି, ପୂର୍ବ ସରକାର ସମୟରେ ଗନ୍ଧମାର୍ଦ୍ଦନରୁ ବକ୍ସାଇଟ ଖନନ ପାଇଁ ଅନୁମତି ଦିଆଯାଇଥିଲା, ତାହାକୁ ନେଇ ଜନ ଆନ୍ଦୋଳନ ଦେଖିବାକୁ ମିଳିଥିଲା । ଫଳରେ ସରକାର ଅନୁମତି ପ୍ରତ୍ୟାହାର କରିନେଇଥିଲେ। ଏବେ କିନ୍ତୁ ସରକାର ଗନ୍ଧମାର୍ଦ୍ଦନକୁ କମ୍ପାନି ହାତକୁ ଟେକି ଦେବାକୁ ଯାଉଛନ୍ତି। ଯେଉଁଠି ସରକାର ପରିବେଶର ମଙ୍ଗଳ ପାଇଁ ଜଙ୍ଗଲ ସୃଷ୍ଟି କରିବା କଥା, ତାହାକୁ ସରକାର ନଷ୍ଟ କରିବାକୁ ବସିଛନ୍ତି । ଏହାକୁ ନେଇ ସ୍ଥାନୀୟ ଲୋକେ ଜନଆନ୍ଦୋଳନ ଆରମ୍ଭ କଲେଣି । ଏହାସହ ଗନ୍ଧମାର୍ଦ୍ଦନ ପାଦଦେଶରେ ଆଦାନୀ ଗ୍ରୁପକୁ ଜମି କିଣିବାକୁ ସରକାର ଅନୁମତି ଦେଇଛନ୍ତି କି ? ଗନ୍ଧମାର୍ଦ୍ଦନ ପାହାଡରୁ ବକ୍ସାଇଟ ଖନନ ପାଇଁ କାହାକୁ ଅନୁମତି ଦେବାକୁ ଲକ୍ଷ୍ୟ ରଖାଯାଇଛି ସରକାର ସ୍ପଷ୍ଟ କରନ୍ତୁ ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଜଳେଶ୍ୱର ପୌରପାଳିକାବାସୀଙ୍କର ଦୀର୍ଘ ଦିନର ଦାବି ପୂରଣ ହେବାପାଇଁ ଯାଉଛି

ରାଇବଣିଆ , ୨୭/୧୧ (ନି.ପ୍ର): ଜଳେଶ୍ୱର ପୌରପାଳିକା ବାସୀ ଙ୍କ ର ଦୀର୍ଘ ଦିନ ର ସ୍ୱପ୍ନ ପୂରଣ ହେବା ପାଇଁ ଯାଉଛି। ସୂଚନା ଅନୁସାରେ ଜଳେଶ୍ୱର ପୌରପାଳିକା ବାସୀ ଙ୍କ ର ଦୀର୍ଘ ଦିନ ଆଶା ପୂରଣ ହେବା ପାଇଁ ଯାଉଛି। ଜଳେଶ୍ୱର ପୌରପାଳିକା ରେ ସତର ୱାର୍ଡ କୁ ନେଇ ଗଠିତ । ଏଥିରେ ପାଖା ପାଖି ୪୦ ହଜାରରୁ ଉର୍ଦ୍ଧ୍ୱ ଲୋକେ ବସବାସ କରନ୍ତି। ଏହିଠାରେ ଲୋକେ ପିଇବା ପାଣି ର ସମସ୍ୟା ଦୀର୍ଘ ଦିନ ଧରି ଲାଗିରହିଛି । ତେଣୁ ପୂର୍ବତନ ମନ୍ତ୍ରୀ ତଥା ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର୍ ପାତ୍ର ଶୀତ କାଳୀନ ବିଧାନଶୋଭା ଅଧିବେଶନ ରେ ମାନ୍ୟବର ମନ୍ତ୍ରୀ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଙ୍କୁ ପଚାରିଥିଲେ କି ଜଳେଶ୍ୱର ସହରର ପିଇବା ପାଣି ସ୍ଥାୟୀ ସମାଧାନ ପାଇଁ ଭବିଷ୍ୟତ କୁ ଲକ୍ଷ୍ୟ ରଖି ସୁବର୍ଣ୍ଣ ରେଖା ନଦୀରୁ ଜଳ ଉତ୍ତୋଳନ କରି ସମଗ୍ର ସହର ର ସମସ୍ତ ୱାର୍ଡ କୁ ଶୁଦ୍ଧ ପାନୀୟ ଜଳ ଖାଉଟି ଙ୍କୁ ଯୋଗାଣ ନିମନ୍ତେ ମାଷ୍ଟର ପ୍ଲାନ କେଉଁ କାଂଶଲ୍ଟାଣ୍ଟ କେବେ ଦେଇଥିଲେ ସେହି ଅନୁସାରେ ଏହାର ବର୍ତ୍ତମାନ ଷ୍ଟାଟସ୍ କଣ । ଏହାର ସବିଶେଷ ପ୍ଲାନ୍ , ଡିଜାଇନ୍ ଏଥି ଲାଗି ଟେକ୍ନିକାଲ ଆଡମିନିଷ୍ଟେଟିଭ ଏପ୍ରୋଭାଲ ଏହାର ସବିଶେଷ ତଥ୍ୟ ଉପସ୍ଥାପନ ବାବଦରେ ପଚାରିଥିଲେ। ଏହାର ଉତ୍ତର ଦେବାକୁ ଯାଇ ମାନ୍ୟବର ମନ୍ତ୍ରୀ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଥିଲେ ଜଳେଶ୍ୱର ସହର ର ପିଇବା ପାଣି ସ୍ଥାୟୀ ସମାଧାନ ପାଇଁ ଭବିଷ୍ୟତ କୁ ଲକ୍ଷ୍ୟ ରଖି ସୁବର୍ଣ୍ଣ ରେଖା ନଦୀରୁ ଜଳ ଉତ୍ତୋଳନ କରି ସମଗ୍ର ସହର ର ସମସ୍ତ ୱାର୍ଡ କୁ ଶୁଦ୍ଧ ପାନୀୟ ଯୋଗାଣ ନିମନ୍ତେ ଏମ୍. ଏସ କାଂଶଲ୍ଟାଣ୍ଟ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବାକୁ ଯାଉଛି ସେହିପରି ଜଳେଶ୍ୱର ପୌରପାଳିକାରେ ବିଜୁ ସ୍ମୃତି ନିର୍ମାଣ ନିମନ୍ତେ ସରକାର ସଂସ୍କୃତି ବିଭାଗ ପକ୍ଷରୁ ୨କୋଟି ୩ଲକ୍ଷ୍ୟ ୫ହଜାର ଟଙ୍କା ମଞ୍ଜୁର କରାଯାଇଛି ଏଥିପାଇଁ ଜଳେଶ୍ୱର ପୌରପାଳିକାର ଅଧକ୍ଷ ପ୍ରତିକ୍ ପ୍ରଧାନ ମାନ୍ୟବର ବିଧାୟକ ଅଶ୍ୱିନୀ ପାତ୍ରଙ୍କୁ ଶ୍ରୀୟ ଦେବା ସହିତ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ଓଡିଶା ସରକାରଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# କଂଗ୍ରେସ ଅଫିସ ଗଳି ସୁଇପର କଲୋନୀ ସମେତ ବସ୍ତି ବାସିନ୍ଦାଙ୍କ ପାଇଁ ହେବ ଆବାସ ଫ୍ଲାଟ ନିର୍ମାଣ

## ଆମ୍ବେଦକର କଲୋନୀ ନାମରେ ନାମିତ କରିବାକୁ ଦାବି ଉଠାଇଲେ ସଦର ବିଧାୟକ ମାନସ ଦତ୍ତ

ବାଲେଶ୍ୱର, ୨୭/୧୧ (ନି.ପ୍ର): ସହରାଂଚଳର ବସ୍ତିବାସିନ୍ଦା ତଥା ଭୂମିହୀନ ଲୋକଙ୍କୁ ସରକାରୀ ଜମି ଆବଂଟନ ସହିତ ଆବାସ ଯୋଜନାରେ ସାମିଲ ପୂର୍ବକ ଘରଟିଏ ଯୋଗାଇଦେବା ପାଇଁ ପୂର୍ବରୁ ବହୁ ଉଦ୍ୟମ ହୋଇଥିଲେ ବି ସେଥିରେ ଆଖିଦୃଶିଆ ସଫଳତା ମିଳିପାରିନାହିଁ । ପୂର୍ବ ସରକାର ଅମଳରେ ଭୂମିହୀନ ବସ୍ତିବାସିନ୍ଦାଙ୍କୁ କେବଳ ଜମି ଅଧିକାର ପ୍ରମାଣପତ୍ର ବଂଟନ ମାଧ୍ୟମରେ ଅଭିଯାନ ଅଧାରେ ଲଟକିଯାଇଛି । ଏଥିରେ ହିତାଧିକାରୀଙ୍କ ସଂଖ୍ୟା ତୁଳନାରେ ସହର ତଥା ଆଖପାଖ ଅଂଚଳରେ ବାସପୋଯୋଗୀ ସରକାରୀ ଜମିର ଅଭାବ ବାଧକ ହୋଇଛି। ତେବେ ଏହି ସମସ୍ୟାର ନିରାକରଣ ପାଇଁ ବିଭିନ୍ନ ରାଜ୍ୟରେ ବହୁତଳ ଫ୍ଲାଟ ନିର୍ମାଣ ସହ ବସ୍ତିବାସିନ୍ଦାଙ୍କୁ ଘର ଆବଂଟନ କରାଯାଇଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅନ୍ତର୍ଗତ ଫ୍ଲାଟ ନିର୍ମାଣ ଦ୍ୱାରା ଭୁବନେଶ୍ୱରରେ ମଧ୍ୟ ଏହିଭଳି ଯୋଜନାର ସୁଫଳ ମିଳିଥିବା ଲକ୍ଷ୍ୟ କରାଯାଇଛି । ସେହିକ୍ରମରେ ବାଲେଶ୍ୱରର ବିଭିନ୍ନ ବସ୍ତିବାସିନ୍ଦାଙ୍କୁ ଥଇଥାନ କରାଯିବାର ଆବଶ୍ୟକତା ରହିଛି । ଏନେଇ ରାଜ୍ୟରେ କାର୍ଯ୍ୟକାରୀ ସରକାରଙ୍କ ନିୟମାବଳୀ ସମ୍ପର୍କରେ ସଦର ବିଧାୟକ ମାନସ କୁମାର ଦତ୍ତ ବିଧାନସଭାର ପ୍ରଶ୍ନକାଳରେ ତଥ୍ୟ ମାଗିଥିଲେ । ଅନ୍ୟ ରାଜ୍ୟ ଭଳି କମ୍ ଜମିରେ ଅଧିକ ସଂଖ୍ୟକ ଘର ନିର୍ମାଣ ଆଂବଟନ ନେଇ ରାଜ୍ୟ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଜାରି ହୋଇଥିବା ନିୟମାବଳୀ ଅଥବା ପଦକ୍ଷେପ ସମ୍ପର୍କରେ ଶ୍ରୀ ଦତ୍ତ ଜାଣିବାକୁ ଚାହିଁଥିଲେ । ବିଶେଷ କରି ବାଲେଶ୍ୱର ପୌରପାଳିକା ଅନ୍ତର୍ଗତ କଂଗ୍ରେସ ଅଫିସ ଗଳି ସ୍ଥିତ ସୁଇପର କଲୋନୀରେ ବସବାସ କରୁଥିବା ତଥା ପୌରାଂଚଳର ସଫେଇ କାର୍ଯ୍ୟରେ ନିୟୋଜିତ ଥିବା ଭୂମି ଓ ବାସଗୃହହୀନ ବାସିନ୍ଦାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଫ୍ଲାଟ ଯୋଜନାରେ ସାମିଲ ସହ ଗୃହ ଆବଂଟନ ଏବଂ ସମ୍ପୃକ୍ତ କଲୋନୀକୁ ଆମ୍ବେଦକର କଲୋନୀ ନାମରେ ନାମିତ ପାଇଁ ଶ୍ରୀ ଦତ୍ତ ଦାବି ଜଣାଇଥିଲେ । ରାଜ୍ୟ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର ବିଧାୟକ ଶ୍ରୀ ଦତ୍ତଙ୍କ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି ଯେ, ସହରାଂଚଳରେ ଭୂମିହୀନଙ୍କ ପାଇଁ ସରକାରୀ ଜମିର ଅଭାବ ରହିଛି । ସେଥିପାଇଁ ଅନ୍ୟ ରାଜ୍ୟଙ୍କ ଭଳି ଓଡିଶାରେ ମଧ୍ୟ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଫ୍ଲାଟ ନିର୍ମାଣ ମାଧ୍ୟମରେ ଗରିବ ଲୋକଙ୍କୁ ଗୃହ ଆବଂଟନର ବ୍ୟବସ୍ଥା ରହିଛି । ଏହି ଯୋଜନା ଅନ୍ତର୍ଗତ ସହଭାଗିତାରେ ସୁଲଭ ଘର ନିର୍ମାଣ ଏବଂ ଉପ-ଯୋଜନା ଅନ୍ତର୍ଗତ ବସ୍ତିଅଂଚଳର ପୁନଃର୍ବିକାଶ ଦ୍ୱାରା କମ୍ ଜାଗାରେ ସଂଖ୍ୟାଧିକ ବସ୍ତିବାସିନ୍ଦାଙ୍କୁ ଘର ଯୋଗାଇ ଦେବା ନେଇ ସରକାରୀ ନିୟମ ରହିଛି । ତେବେ ବାଲେଶ୍ୱର ପୌରାଂଚଳରେ ଉପଯୁକ୍ତ ବାସପୋଯୋଗୀ ସରକାରୀ ଜମି ଉପଲବ୍ଧ ହେଲେ କଂଗ୍ରେସ ଅଫିସ ଗଳି ସୁଇପର କଲୋନୀର ବାସିନ୍ଦାଙ୍କୁ ଯୋଗ୍ୟତା ଭିତ୍ତିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଫ୍ଲାଟ ଘର ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ ଡାକ୍ତର ମହାପାତ୍ର ସୂଚନା ଦେଇଛନ୍ତି ।

# ମଦ ବିରୁଦ୍ଧରେ ମହିଳା ମାନଙ୍କର ସଂଗ୍ରାମୀ ଜାଗରଣ




ବାଲିଆପାଳ, ୨୭/୧୧ (ନି.ପ୍ର): ମିଳିତ ନିଶାନିବାରଣ ଅଭିଯାନ ବାଲିଆପାଳ ଶାଖା ତରଫରୁ ମଦ ବିରୁଦ୍ଧରେ ସଂଗ୍ରାମୀ ସଂଗଠନ ପାଇଁ ଶାଖାର ସମ୍ପାଦକ ସନ୍ୟାସୀ ବେହେରାଙ୍କ ପୌରାହିତ୍ୟରେ ଏକ ବୈଠକ ବାଲିଆପାଳ ବ୍ଲକର ବିଷ୍ଣୁପୁର ପଂଚାୟତରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା ସଂଗଠନର ସମ୍ପାଦକ ମମତା ମହାପାତ୍ର, ଉପସଭାପତି କ୍ଷିତିଶ୍ୱର ଦାସ, ଟାଉନ ସଭାପତି ବେଣୁଧର ସାହୁ ଓ କୋଷାଧକ୍ଷ ପ୍ରଫୁଲ୍ଲ କୁମାର ଦାସ ଯୋଗ ଦେଇ ମଦ ବିରୁଦ୍ଧରେ ସଂଗ୍ରାମ କରିବା ପାଇଁ ବିଭିନ୍ନ ଗ୍ରୁପର ମହିଳା ମାନଙ୍କୁ ସଂଗଠିତ ହେବା ପାଇଁ ଆହ୍ୱାନ ଦେଇଥିଲେ । ସ୍ୱେଚ୍ଛାସେବୀ ସଂଗଠନ ରାହା ର ସଭାନେତ୍ରୀ ଆରତୀ ପାତ୍ର ମଦ ପାଇଁ କିଭଳି ଶହ ଶହ ପରିବାର ଛିନ୍ନ ବିଛିନ୍ନ ହୋଇ ଯାଉଛି, ସେ ସମ୍ବନ୍ଧରେ ଉଲେଖ କରିଥିଲେ । ବିଷ୍ଣୁପୁର ପଂଚାୟତର ଶାଖା ସଭାନେତ୍ରୀ ଜୟନ୍ତୀ ପଣ୍ଡା ମହିଳା ଜାଗିଲେ ମଦ ହଟିବ ବୋଲି ପ୍ରକାଶ କରିଥିଲେ । ଏହି ବୈଠକକୁ ବିଷ୍ଣୁପୁର ପଞ୍ଚାୟତର ସବିତା ଗଙ୍ଗାଇ, କବିତା ଗଙ୍ଗାଇ, ସୁଲଚନା ମହାନ୍ତି, ନମିତା ଗଙ୍ଗାଇ, ରୀନାଲତା ଗଙ୍ଗାଇ, ଭାରତୀ ଗଙ୍ଗାଇ ପରିଚାଳନା କରିଥିଲେ ।

# ୧୦ ଜଣ କର୍ମଚାରୀ ଉଲ୍ଲେଖନୀୟ ପ୍ରୟାସ ନିମନ୍ତେ ସେଲ ସାବାସ ଯୋଜନା ଅଧୀନରେ ପୁରସ୍କୃତ

ରାଉରକେଲା, ୨୭/୧୧ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନାର କେନ୍ଦ୍ରୀକୃତ ମେକାନିକାଲ ଅଞ୍ଚଳ ଅନ୍ତର୍ଗତ ବିଭିନ୍ନ ବିଭାଗର ୧୦ ଜଣ କର୍ମଚାରୀଙ୍କୁ ସେମାନଙ୍କର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ନଭେମ୍ବର ୨୧ ତାରିଖ ଦିନ ସିଜିଏମ ମେକାନିକାଲଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ସେଲ ସାବାସ ଯୋଜନା ଅଧୀନରେ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମେକାନିକାଲ ବିଭାଗର ସିଜିଏମ ଶ୍ରୀ ଆର ଏନ ରାଜେନ୍ଦ୍ରନ ଅଧକ୍ଷତା କରି କର୍ମଚାରୀଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରିଥିଲେ । ଏହି ଅବସରରେ ଏଫ ଏମ (ଏମ) ଓ ପରିବହନ ବିଭାଗର ଜିଏମ ଇନ-ଚାର୍ଜ ଶ୍ରୀ ଅବକାଶ ମଲ୍ଲିକ, ଏମଏସ (ଏସ) ବିଭାଗର ଜିଏମ, ଶ୍ରୀ ଏ ଘୋଷ, ଏଫଏମ (ଏମ) ବିଭାଗର ଜିଏମ, ଶ୍ରୀ ଏସ ଏସ ପଲ, ମାନବ ସମ୍ବଳ ବିଭାଗର ସିନିୟର ମ୍ୟାନେଜର ଶ୍ରୀ ଜେ କେ ଦାସ ଙ୍କ ସମେତ କାରଖାନାର ଅନ୍ୟ ବହୁ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ପୁରସ୍କାର ବିଜେତାମାନଙ୍କ ଅଭିନବ ପ୍ରୟାସକୁ ଶ୍ରୀ ରାଜେନ୍ଦ୍ରନ୍ ପ୍ରଶଂସା କରିବା ସହିତ ସେ ସମସ୍ତଙ୍କୁ ଏଭଳି ଅନୁରୂପ ପ୍ରୟାସ ଜାରି ରଖିବାକୁ ସମସ୍ତଙ୍କୁ ପରାମର୍ଶ ଦେଇ ଥିଲେ। ଉଲ୍ଲେଖଯୋଗ୍ୟ ଯେ, ଏଫଏମ (ଏମ) ବିଭାଗର ୬ ଜଣ କର୍ମଚାରୀ, ଏମଏସ(ଏସ) ବିଭାଗର ୨ ଜଣ ଏବଂ ପରିବହନ ବିଭାଗର ୨ ଜଣ କର୍ମଚାରୀ ଏହି ପୁରସ୍କାର ଗ୍ରହଣ କରିଥିଲେ। ପୁରସ୍କାରପ୍ରାପ୍ତ କର୍ମଚାରୀଙ୍କ ମଧ୍ୟରେ ପ୍ରଶଂସା ପତ୍ର ଗ୍ରହଣ କରିଥିବା ବ୍ୟକ୍ତି ମାନେ ହେଲେ ଏଫଏମ (ଏମ) ବିଭାଗର ମାଷ୍ଟର ଟେକ୍ନିସିଆନ୍ ଶ୍ରୀ ଇ ଖାଲକୋ, ମାଷ୍ଟର ଟେକ୍ନିସିଆନ୍ ଶ୍ରୀ ବି. କେ . ବାଇନ୍, ମାଷ୍ଟର ଟେକ୍ନିସିଆନ, ଶ୍ରୀ ଏ ସିଂ, ବରିଷ୍ଠ ଟେକ୍ନିସିଆନ୍, ଶ୍ରୀ ଟି ପ୍ରଧାନ, ମାଷ୍ଟର ଟେକ୍ନିସିଆନ ଶ୍ରୀ ଜି ଦାସ, ଏସ ଏସ ଡବ୍ଲ୍ୟୁ ଶ୍ରୀ ସି ଚୌଧୁରୀ, (ଅଟୋମୋବାଇଲ୍), ପରିବହନ ବିଭାଗର ସିନିୟର ଅପରେଟର ଶ୍ରୀ ପି. କେ. ଛତର, ସିନିୟର ଅପରେଟର ଶ୍ରୀ ସି ଶର୍ମା, ଏମ ଏସ (ଏସ) ବିଭାଗ ର ସିନିୟର ଟେକ୍ନିସିଆନ୍ ଶ୍ରୀ ସି. ଏସ. ସେଠୀ ଓ ଏସ ଏସ ଡବ୍ଲ୍ୟୁ ସୁଶ୍ରୀ କେ ତିର୍କି । ଏହି କାର୍ଯ୍ୟକ୍ରମକୁ ସି ଜି ଏମ ସଚିବାଳୟ ର ଡି ଜି ଏମ (ଟେକ୍ନିକାଲ) ଶ୍ରୀ ଏସ କୁମାର ସଂଯୋଜନା କରିଥିଲେ।




# ମୟୂରଭଞ୍ଜ ଜିଲ୍ଲା ସ୍ତରୀୟ 'ସରଗି ଫୁଲ୍' ଶିଶୁ ମହୋତ୍ସବ କାର୍ଯ୍ୟକ୍ରମ




ବାରିପଦା, ୨୭/୧୧ (ନି.ପ୍ର): ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଆନୁକୂଲ୍ୟରେ ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦା ରାଣୀଭୋଳସ୍ଥ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଆରମ୍ଭ ହୋଇଥିବା ଜିଲ୍ଲା ସ୍ତରୀୟ 'ସରଗି ଫୁଲ୍' ଶିଶୁ ମହୋତ୍ସବ ତଥା ବିଜ୍ଞାନ ପ୍ରଦର୍ଶନୀ ଓ ଭଲିବଲ ପ୍ରତିଯୋଗିତା ଆଜି ପୂର୍ବାହ୍ନରେ ଉଦ୍ଘାଟନ ହୋଇ ଅପରାହ୍ନରେ ଉଦଯାପିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ଉପଖଣ୍ଡରୁ ଭାଗ ନେଇଥିବା ଜନଜାତି ଛାତ୍ରଛାତ୍ରୀମାନେ ନିଜ ନିଜର ପ୍ରତିଭା ପ୍ରଦର୍ଶନ କରିବା ସହ ଏକ ନୂଆ ଅନୁଭୂତି ନେଇ ଫେରିଛନ୍ତି। ସମାରୋହରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଧାୟକ, ରାଇରଙ୍ଗପୁର ଶ୍ରୀଯୁକ୍ତ ଜଲେନ ନାଏକ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ମୟୂରଭଞ୍ଜ ଜିଲ୍ଲାରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜନ କରାଯାଇଥିବାରୁ ଏଥିପାଇଁ ମାନ୍ୟବର ବିଧାୟକ ତଥା ମୁଖ୍ୟ ଅତିଥି ଶ୍ରୀ ନାଏକ, ରାଜ୍ୟ ସରକାର, ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଅଭିଭାବକମାନଙ୍କୁ ଧନ୍ୟବାଦ ଦେବା ସହ ଛାତ୍ର ଛାତ୍ରୀଙ୍କ ସହିତ ମିଶି ଏହି କାର୍ଯ୍ୟକ୍ରମ ଉପଭୋଗ କରିଥିଲେ ଓ କହିଥିଲେ ଯେ ଏଭଳି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ଭିତରେ ନୂଆ ଉତ୍ସାହ ସୃଷ୍ଟି କରିବାରେ ସହାୟକ ହେଉଛି। ଏହି ଦିବସବ୍ୟାପୀ କାର୍ଯ୍ୟକ୍ରମରେ ଜନଜାତି ବର୍ଗର ଛାତ୍ରଛାତ୍ରୀମାନେ ଆଦିବାସୀ ଲୋକନୃତ୍ୟ ଓ ବିଭିନ୍ନ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଚିତ୍ତାକର୍ଷକ କାର୍ଯ୍ୟକ୍ରମରେ ପରିବେଶ ଉତ୍ସବମୁଖର ହୋଇ ଉଠିଥିଲା। ସାଥୀ ଛାତ୍ରଛାତ୍ରୀ ଓ ଅତିଥିମାନେ ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ବେଶ୍ ଉପଭୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜନଜାତି ଛାତ୍ରଛାତ୍ରୀମାନଙ୍କ ସର୍ଜନାତ୍ମକ ପ୍ରତିଭାର ବିକାଶ ପାଇଁ ବିଭିନ୍ନ ବିଷୟରେ କର୍ମଶାଳା, ବିଜ୍ଞାନ ମେଳା ଆୟୋଜନ କରାଯାଇଥିଲା। ତା' ଭିତରେ ଲୋକକଳା, ନୃତ୍ୟ, ଷ୍ଟୋରି ଟେଲିଂ, କାର୍ଟୁନ, ୱାର୍ଡ ପଜଲ, ମ୍ୟାଥ୍ ଗେମ୍, ମ୍ୟାଜିକ୍ ସୋ' ସହିତ ଅଦରକାରୀ ଜିନିଷରୁ ବିଭିନ୍ନ ଆକର୍ଷଣୀୟ ସାମଗ୍ରୀ ପ୍ରସ୍ତୁତି ଆଦି କର୍ମଶାଳା ରହିଥିଲା। ଏଥିରେ ଛାତ୍ରଛାତ୍ରୀମାନେ ଯୋଗଦେଇ ବିଭିନ୍ନ କୌଶଳ ଶିଖିଥିଲେ ଓ ସାମଗ୍ରୀ ତିଆରି କରି ପ୍ରଦର୍ଶନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାରିପଦା ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ପ୍ରଣୟ ରଞ୍ଜନ ବେହେରା, ରାଇରଙ୍ଗପୁର ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ପରୀକ୍ଷିତ ଦାଶ, କପ୍ତିପଦା ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ନରେନ୍ଦ୍ର ଖମାରି ଏବଂ କରଞ୍ଜିଆ ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ପ୍ରବୀଣ କୁମାର ବାଣୁଆ ପ୍ରମୁଖ ଯୋଗ ଦେଇଥିବା ବେଳେ ଏହି ଦିବସବ୍ୟାପୀ କାର୍ଯ୍ୟକ୍ରମରେ ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ପ୍ରଦ୍ୟୁମ୍ନ ଦାଶ ସଂଚାଳନ କରିଥିଲେ। ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସଂପ୍ରଦାୟ ତଥା ପଛୁଆବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମଙ୍ଗଳ ଉପ ବିଭାଗର ସହଯୋଗରେ 'ସର୍ଗ ଫୁଲ୍' ଶିଶୁ ମହୋତ୍ସବ ଆୟୋଜନ କରାଯାଇଥିଲା।

# 'ବିକଶିତ ଓଡ଼ିଶା ୩୬ ଓ ବିକଶିତ ଭାରତ ୪୭' ଆଲୋଚନା ଚକ୍ର




ଭଦ୍ରକ, ୨୭/୧୧ (ନି.ପ୍ର): ପୁରୁଣାବଜାରସ୍ଥିତ ଦାମୋଦର ସଂସ୍କୃତ ମହାବିଦ୍ୟାଳୟରେ "ବିକଶିତ ଓଡ଼ିଶା-୩୬ ଓ ବିକଶିତ ଭାରତ-୪୭" ଶୀର୍ଷକ ଆଲୋଚନା ଚକ୍ର ଡ଼ିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ଡ଼. ନିତ୍ୟାନନ୍ଦ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଆଲୋଚନା ଚକ୍ରକୁ +୨ ମହାବିଦ୍ୟାଳୟର ଅଧକ୍ଷ ଡ଼. ପ୍ରମୋଦ କୁମାର ନାୟକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଅଧକ୍ଷ ଡ଼.କୃପାସିନ୍ଧୁ ନାୟକ ଯୋଗଦେଇ ବିକଶିତ ଓଡ଼ିଶା-୩୬, ଓ ବିକଶିତ ଭାରତ-୪୭ କିପରି ସମୃଦ୍ଧ ହେବ ସେଥିପାଇଁ ଆବଶ୍ୟକୀୟ ସରକାରୀ ପଦକ୍ଷେପ ଓ ଜନସାଧାରଣଙ୍କ ସହଯୋଗ ନିତାନ୍ତ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଅଧ୍ୟାପକ ଶୁକଦେବ ପଣ୍ଡା ଓ ପ୍ରଧାନ ପଣ୍ଡିତ ଅକ୍ଷୟ କୁମାର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ଛାତ୍ରଛାତ୍ରୀମାନେ ନିଜର ମତବ୍ୟକ୍ତ କରିଥିଲେ । ପରିଶେଷରେ ପ୍ରଭାତୀ ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ । ଉକ୍ତ ସଭାକୁ ମଞ୍ଜୁଲତା ମହାପାତ୍ର, ମଧୁସୂଦନ ତ୍ରିପାଠୀ, ଗୌରାଙ୍ଗ ଦାସ ଓ ରଘୁନାଥ ନାୟକ ପ୍ରମୁଖ ସଭାକାର୍ଯ୍ୟ ପରିଚାଳନା କରିଥିଲେ ।

# ଭଂଜପୁର ଜଗଦ୍ଧାତ୍ରୀମେଳାର ଶେଷ ସନ୍ଧ୍ୟା: ବଲିଉଡ ପ୍ଲେ ବେକ ସିଙ୍ଗର ନାକାଶ ଅଜିଜଙ୍କ ଗୀତରେ ଝୁମିଲେ ଦର୍ଶକ



ବାରିପଦା , ୨୭/୧୧ (ନି.ପ୍ର): ସ୍ଥାନୀୟ ଭଂଜପୁର ଜଗଦ୍ଧାତ୍ରୀ ମେଳା ପଡିଆରେ ଅନୁଷ୍ଠିତ ୩୦ ତମ ଜଗଦ୍ଧାତ୍ରୀ ମେଳା ଉଦଯାପିତ ହେବା ସହିତ ୩ ଦିନ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଶେଷ ସନ୍ଧ୍ୟାରେ ବଲିଉଡ ନାଇଟ୍ସର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଓ ବଲିଉଡ ପ୍ଲେ ବେକ ସିଙ୍ଗର ନାକାଶ ଅଜିଜଙ୍କ ଗୀତରେ ବିମୋହିତ ହେଲେ ଦର୍ଶକ ଓ ହଜାର ହଜାର ସଂଖ୍ୟାରେ ଦର୍ଶକ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ ଓ ୧୩ ତାରିଖରୁ ଆରମ୍ଭ ଜଗଦ୍ଧାତ୍ରୀ ମେଳା - ୨୦୨୪ ଆଜି ଶେଷ ହେଲା ଓ ଚଳିତ ମାସ ୨୯ ତାରିଖରେ ମା' ଙ୍କ ଭସାଣି କାର୍ଯ୍ୟକ୍ରମ ରହିଛି ଓ ସୁଚାରୁ ରୂପେ ମା' ଙ୍କ ୭୨ ତମ ପୂଜା ସହ ୩୦ ତମ ମେଳା ସମ୍ପନ୍ନ ହୋଇଥିବାରୁ କମିଟି ତରଫରୁ ସମସ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି ପୂଜା କମିଟି ଅଧକ୍ଷ ସୁଦାମ ମାର୍ଣ୍ଡି, ମେଳା କମିଟି ଅଧକ୍ଷ ସାନଦ ମାର୍ଣ୍ଡି, କାର୍ଯ୍ୟକାରୀ ସଭାପତି ନଗରପାଳ କୃଷ୍ଣଓନନ୍ଦ ମହାନ୍ତି, ମୁଖ୍ୟ ସାଧାରଣ ସମ୍ପାଦକ ଦର୍ପ ନାରାୟଣ ପାଲ, ପୂଜା ଉପାଧକ୍ଷ ଜ୍ଞାନେନ୍ଦ୍ର ପ୍ରସାଦ ଦାଶ, ମେଳା ଉପାଧକ୍ଷ କଳିଙ୍ଗ କେଶରୀ ଜେନା, ଷ୍ଟଲ ସମ୍ପାଦକ ସପନ ପଣ୍ଡା, ବରିଷ୍ଠ ସଦସ୍ୟ ଧୀରେନ୍ଦ୍ର ନାୟକ, ସାଂସ୍କୃତିକ ସମ୍ପାଦକ ପ୍ରିତମ ପଣ୍ଡା, ମାନସ ମହାନ୍ତି, ମେଳା ସମ୍ପାଦକ ପ୍ରସନ୍ନଜିତ ମହାନ୍ତି ଓ ମୁମ୍ବାଇ ନାଇଟ୍ସର ମୁଖ୍ୟ ଉଦ୍ୟକ୍ତା ପ୍ରିୟବ୍ରତ ଦାସ (ବୁନୁକା ଭାଇ) ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି ଓ ମଞ୍ଚ ପରିଚାଳନାରେ ସୋମନାଥ ସିଂହ, ଆଲୋକ ବାରିକ ଓ କିଶୋର ପଲେଇ ସହାୟତା ପ୍ରଦାନ କରିଥିଲେ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo